

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୧୬ ଫେବୃଆରୀ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 16 FEBRUARY 2022
Vol.No. 33 ■ No. 45 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022



ପ୍ରକାଶ ପାଉଛି....
ନୂଆବର୍ଷ ସଂଖ୍ୟା
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଆଜିଠୁ ପଂଚାୟତ ଭୋଟ୍

ଭୁବନେଶ୍ୱର, ୧୫/୦୨ (ନି.ପ୍ର): ଆସନ୍ତାକାଲି (ବୁଧବାର) ପଂଚାୟତ ନିର୍ବାଚନ ପାଇଁ ପ୍ରଥମ ପର୍ଯ୍ୟାୟ ମତଦାନ ଅନୁଷ୍ଠିତ ହେବ। ଭୋଟ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଏନେଇ ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢୀ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି, ଆଜି ଅପରାହ୍ଣ ସୁଦ୍ଧା ପୋଲିଂ ପାର୍ଟି ବୁଥରେ ପହଂଚିବେ। ଆସନ୍ତାକାଲି ସକାଳ ୭ଟାରୁ ଦିନ ୧ଟା ଯାଏ ଭୋଟ୍ ଗ୍ରହଣ ଚାଲିବ। ଏଥିପାଇଁ ୨୨ ହଜାର ୩୭୯ ବୁଥ ଖୋଲିଛି। ଏଥିରୁ ୩୩୫୭ଟି ବୁଥ୍ ଉତେଜନା ପ୍ରବଣ। ଏହାକୁ ଦୃଷ୍ଟିରେ ରଖି ସମ୍ବେଦନଶୀଳ ଅଂଚଳରେ ପୁଲିସ ଫ୍ଲାଗମାର୍ଚ୍ଚ କରୁଛି। ତିନି ଥାକିଆ ସୁରକ୍ଷା ବ୍ୟବସ୍ଥା ସହ ନିର୍ବାଚନରେ ନିୟୋଜିତ କର୍ମଚାରୀଙ୍କୁ ବୁଷ୍ଟର ଡୋଜ୍ ଟିକା ଦିଆଯାଇଛି। ସେ



ଆହୁରି କହିଛନ୍ତି, ବୁଧବାର ୩୦ଟି ଜିଲ୍ଲାର ୭୧ଟି ବ୍ଲକର ୨୦୨ଟି ଜିଲ୍ଲା ପରିଷଦ ଜୋନ୍, ୧୬୬୯ଟି ସରପଂଚ, ୧୬୬୯ଟି ପଂଚାୟତ ସମିତି ସଭ୍ୟ ଓ ୨୦ହଜାରରୁ ଅଧିକ ୱାର୍ଡ ମେମ୍ବର ପଦବୀ ପାଇଁ ୨୨୩୭୯ଟି ବୁଥରେ ମତଦାନ ହେବ। ୬୭ଲକ୍ଷ ୫୧ହଜାର ୬୮ଜଣ ମତଦାତା ଭୋଟ୍ ଦେବେ। ମତଦାତାମାନେ ଭାରତର ନିର୍ବାଚନ କମିଶନଙ୍କ ଦ୍ୱାରା ପ୍ରଦତ ଭୋଟର ପରିଚୟ ପତ୍ର ଦେଖାଇ ମତଦାନ କରିପାରିବେ। ଏହାଛଡ଼ା ଏଥିଲାଗି ଅନ୍ୟ ୧୩ଟି ଦସ୍ତାବିଜ୍ ଭିତରୁ କୌଣସି ଗୋଟିଏ ବି ଦେଖାଇପାରିବେ। ଏହି ସମୟରେ କୋଭିଡ କଟକଣା ମାନିବାକୁ ଓ ସାମାଜିକ ଦୂରତା ବଜାୟ ରଖିବାକୁ ରାଜ୍ୟ ନିର୍ବାଚନ କମିଶନର ଭୋଟରମାନଙ୍କୁ ଅନୁରୋଧ କରିଛନ୍ତି। ନିର୍ବାଚନକୁ ସୁରୁଖୁରୁ କରିବାପାଇଁ ମୋଟ୍ ୩୭,୨୪୫ ପୋଲିସ୍ କର୍ମଚାରୀ , ୨୨୫ ପ୍ଲାଟୁନ୍ ପୋଲିସ୍ ଫୋର୍ସ ନିୟୋଜିତ ହୋଇଛନ୍ତି। ଏଥର ୫ଟି ପର୍ଯ୍ୟାୟରେ ୧୬ରୁ ୨୪ ତାରିଖ ମଧ୍ୟରେ ପଂଚାୟତ ନିର୍ବାଚନ ଅନୁଷ୍ଠିତ ହେବ। ପଂଚାୟତ ନିର୍ବାଚନରେ ୬୭୯୪ ଗ୍ରାମପଂଚାୟତର ୯୧,୯୧୩ ୱାର୍ଡରେ ୨ କୋଟି ୭୯ ଲକ୍ଷରୁ ଅଧିକ ଲୋକ ମତଦାନ ଅଧିକାର ସାବ୍ୟସ୍ତ କରିବେ। ୯୧,୯୧୩ଟି ବୁଥ୍ ଭିତରୁ ୧୩, ୭୮୫ଟି ବୁଥ୍ ଉତେଜନା ପ୍ରବଣ ରହିଛି।

# ଟଳିଲା ବିଶ୍ୱଯୁଦ୍ଧର ଭୟ : ୟୁକ୍ରେନ ସୀମାରୁ ସେନା ପ୍ରତ୍ୟାହାର ଆରମ୍ଭ କଲା ଋଷ

ନୂଆଦିଲ୍ଲୀ, ୧୫/୦୨ : କିଛି ଦିନ ଧରି ଆଶା ଆଶଙ୍କା ଘେରରେ ରହିଥିବା ସମଗ୍ର ବିଶ୍ୱକୁ ମିଳିଛି ଆଶ୍ୱସ୍ତି । ୟୁକ୍ରେନ ଉପରେ ଋଷ ଆକ୍ରମଣ କଲେ ବଡ ଯୁଦ୍ଧ ଆଶଙ୍କାରେ ନୂଆ ମୋଡ ଆସିଛି । ଏବେ ଟଳିଛି ବିଶ୍ୱଯୁଦ୍ଧର ଭୟ । କାରଣ ୟୁକ୍ରେନ ସୀମାରୁ ସେନା ଅପସାରଣ ଆରମ୍ଭ କରିଛି ଋଷିଆ । ଋଷିଆର ଏହି ଘୋଷଣା ପରେ ପୂର୍ବ ୟୁରୋପରେ ହେବାକୁ ଥିବା ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତି ଏଡାଇବାକୁ ଚାଲିଥିବା କୂଟନୈତିକ ଉଦ୍ୟମ ସଫଳ ହୋଇଥିବା କୁହାଯାଉଛି । ଟଳିଲା ୟୁକ୍ରେନ ଉପରେ ଆକ୍ରମଣ ଆଶଙ୍କା । ୟୁକ୍ରେନ ସୀମାରୁ ସେନା ପ୍ରତ୍ୟାହାର କରୁଛି ଋଷ । ଟଳିଲା ବିଶ୍ୱଯୁଦ୍ଧର ଭୟ ।



ସୀମାରୁ ସୈନ୍ୟ ଅପସାରଣ ଆରମ୍ଭ କରିଛି ଋଷିଆ । ୟୁକ୍ରେନ ସୀମାରେ ଋଷ ସେନା ମୃତୟନ ପରେ ଯୁଦ୍ଧ ଏକ ପ୍ରକାର ନିଶ୍ଚିତ ହୋଇଥିଲା । କିନ୍ତୁ ଏବେ ବିଶ୍ୱ ପାଇଁ ଆସିଛି ଆଶ୍ୱସ୍ତିକର ଖବର । ୟୁକ୍ରେନ ସୀମାରେ ମୃତୟନ ଋଷ ଯବାନ ନିଜ ନିଜ ଶିବିରକୁ ଫେରିବା ଆରମ୍ଭ କରିଛନ୍ତି । ଋଷ ପ୍ରତିରକ୍ଷା ମନ୍ତ୍ରାଳୟ ସୂଚନା ଆଧାରରେ ଏହି ଖବର ଦେଇଛି ସମ୍ବାଦ ସରବରାହ ସଂସ୍ଥା ଏଏଫସି । ଋଷର ପ୍ରତିରକ୍ଷା ବିଭାଗର ମୁଖପାତ୍ର ଇଗୋର କୋନାସସେନକୋଭ କହିଛନ୍ତି, ଋଷ ଦକ୍ଷିଣ, ପଶ୍ଚିମ ମିଲିଟାରୀ ଜିଲ୍ଲାର ୟୁନିଟ ଗୁଡିକ ନିଜ ନିଜ ଶିବିରକୁ ଫେରିବା ଆରମ୍ଭ କଲେଣି । ଆମେ ସୀମାରେ ଯୁଦ୍ଧାଭ୍ୟାସ କରିବାକୁ ସୈନ୍ୟ ପଠାଇଥିଲୁ । ଆମର କୌଣସି ମନ୍ଦ ଉଦ୍ଦେଶ୍ୟ ▶▶ପୃଷ୍ଠା ୭

## ରାଜ୍ୟରେ ଆଉ ୨୨ ଜଣ କରୋନା ସଂକ୍ରମିତଙ୍କ ମୃତ୍ୟୁ

ଭୁବନେଶ୍ୱର, ୧୫/୦୨ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମିତ ଆଉ ୨୨ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହ କରୋନା କାରଣରୁ ରାଜ୍ୟରେ ମୃତ୍ୟୁ ସଂଖ୍ୟା ୮୯୨୬ ହୋଇ ଯାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି। ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ମୃତକଙ୍କ ମଧ୍ୟରେ ବାଲେଶ୍ୱର ଜିଲ୍ଲାରୁ ୬ ଜଣ ରହିଥିବା ବେଳେ ଖୋର୍ଦ୍ଧା ଜିଲ୍ଲାରୁ ୫ଜଣ ଅଛନ୍ତି। ସେହିପରି କଟକ ଓ ଢେଙ୍କାନାଳ ଜିଲ୍ଲାରୁ ୩-୩ ଜଣ ଓ ମୟୁରଭଂଜ ଜିଲ୍ଲାରୁ ୨ ଜଣ ରହିଛନ୍ତି । ଭଦ୍ରକ, ନୟାଗଡ ଯାଜପୁର ଜିଲ୍ଲାରୁ ଜଣେ ଲେଖାଏଁ ରହିଛନ୍ତି ।

## ଆଜିଠୁ ଯୋରନ୍ଦା ମେଳା

ଢେଙ୍କାନାଳ, ୧୫/୦୨ (ନି.ପ୍ର): ଆଜିଠାରୁ ଆରମ୍ଭ ହେଉଛି ପ୍ରସିଦ୍ଧ ଯୋରନ୍ଦା ମାଘ ମେଳା। ସାଧୁସନ୍ଥଙ୍କୁ ଏହି ମେଳା ଯିବାକୁ ଅନୁମତି ମିଳିଛି। ଦୁଇଟି ଡୋଜ ଟିକା ନେଇଥିବା ସନ୍ଥମାନଙ୍କୁ ଗାଦୀ ମନ୍ଦିର ଭିତରକୁ ପ୍ରବେଶ କରିବାର ଅନୁମତି ମିଳିଛି। କୋଭିଡ୍ ଟିକା ନେଇନଥିବା ସାଧୁସନ୍ଥମାନଙ୍କ ପାଇଁ ଟିକାକରଣର ବ୍ୟବସ୍ଥା କରାଯାଇଛି। ଏହା ସହିତ ଅଟୋମେଟିକ ସାନିଟାଇଜେସନ ମେସିନର ସୁବିଧା ମଧ୍ୟ କରାଯାଇଛି। ଆଜି ମାଘ ଚତୁର୍ଦ୍ଦଶୀ। ଆସନ୍ତାକାଲି ମାଘ ପୂର୍ଣ୍ଣିମା ଓ ୧୭ ତାରିଖ ଦିନ ଗୁରୁ ପୂର୍ଣ୍ଣିମା। ଏହି ତିନି ଦିନ ମେଳା ପାଳନ ହେବ। ଏଥିପାଇଁ ଯୋରନ୍ଦା ମହିମା ଗାଦୀ ପୀଠରେ ବିଭିନ୍ନ ପ୍ରସ୍ତୁତି କରାଯାଇଛି।

# ଭିଜିଲାନ୍ସ ଜାଲରେ ଅତିରିକ୍ତ ଏସପି ତ୍ରିନାଥ ମିଶ୍ର

ସୁନ୍ଦରଗଡ, ୧୫/୦୨ (ନି.ପ୍ର): ସୁନ୍ଦରଗଡର ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ ମହାପାତ୍ରଙ୍କ ଦୁର୍ନୀତି ପଦାକୁ ଆସିବା ପରେ ଆଜି ପୁଣି ଆଉ ଜଣେ ବଡ ବଡିଆ ସରକାରୀ ଅଧିକାରୀଙ୍କ ଦୁର୍ନୀତି କଥା ଆଗକୁ ଆସିଛି । ସେ ହେଉଛନ୍ତି ଜଣେ ପୋଲିସ ବାବୁ, ଅତିରିକ୍ତ ଏସପି ତ୍ରିନାଥ ମିଶ୍ର । ସେ ପୋଲିସ ଚାକିରି କରୁଥିଲେ କିନ୍ତୁ ରାଜକୀୟ ଜୀବନ ଅତିବାହିତ କରୁଥିଲେ । ତାଙ୍କ ସମ୍ପତ୍ତି ଦେଖି ଭିଜିଲାନ୍ସ ଅଧିକାରୀମାନେ କାବା ହୋଇଯାଇଥିଲେ । ବିଏମଡବ୍ଲୁ କାର, ୨୨ ଲକ୍ଷର ବାଇକ, ଅଧ କିଲୋ ସୁନା ଏମିତି କେତେ କଣ। ତ୍ରିନାଥ ମିଶ୍ର – ପୋଲିସ କମ୍ୟୁନିକେସନର ଅତିରିକ୍ତ ଏସପି । ପୋଲିସର ଚାକିରି କରୁଥିଲେ କିନ୍ତୁ ଚୋର ଭଳି କାମ କରି କୋଟି



କୋଟି ଟଙ୍କାର ସମ୍ପତ୍ତି ଠୁଳ କରିଥିଲେ । ସରକାରୀ ଚାକିରିଆ ହୋଇଥିଲେ ବି ସେଲିବ୍ରିଟିଙ୍କ ଭଳି ଅୟସ ଆରାମରେ ଜୀବନ କାଟୁଥିଲେ । ଭିଜିଲାନ୍ସ ଚଢ଼ାଉବେଳେ ସାମନାକୁ ଆସିଛି ତ୍ରିନାଥଙ୍କ ଆଖି ଝଲସିଲା ଭଳି ସମ୍ପତ୍ତି । ତ୍ରିନାଥଙ୍କର ଭୁବନେଶ୍ୱର ରସୁଲଗଡରେ ତିନି ମହଲା ବିଶିଷ୍ଟ ଫ୍ଲାଟ, ଯାଜପୁରର ବଡଚଣାରେ ଫାର୍ମ ହାଉସ୍, ଭୁବନେଶ୍ୱର, ଯାଜପୁରରେ ୩ଟି ପ୍ଲଟ ଠାବ ହୋଇଛି । ନଗଦ ସାଢ଼େ ତିନି ଲକ୍ଷ ଟଙ୍କା ଟଙ୍କା ବି ଜବତ ହୋଇଛି । ତ୍ରିନାଥଙ୍କର ରହିଥିଲା ନାମୀଦାମୀ ବ୍ରାଣ୍ଡର କାର ଓ ବାଇକ୍ ଚଢ଼ିବାର ସଉକ୍ । ସେଥିରେ ରହିଛି କୋଟିଏରୁ ଅଧିକ ଟଙ୍କାର ବିଏମଡବ୍ଲୁ କାର, ହୁଣ୍ଡାଇ କାର, ମାରୁତି ବାଲେନୋ କାର, ସେଭ୍ରୋଲେ କାର । ସେହିପରି ଚଢୁଥିଲେ ରକେଟ୍ ଥ୍ରୀ ବାଇକ୍ । ଯାହାର ମୂଲ୍ୟ ୨୨ ଲକ୍ଷ ଟଙ୍କା । ଏଥିସହ ୨୦ ଲକ୍ଷ ଟଙ୍କାର ସୁପର ବାଇକ ରକେଟ୍ ୩, ୫ ଲକ୍ଷ ୩୦ ହଜାର ଟଙ୍କାର ୬୫୦ ହାଇସଙ୍ଗ ଜିଟି ବାଇକ୍, ରୟାଲ ଏନ୍ଫିଲ୍ଡ ବାଇକ୍ ଜବତ ହୋଇଛି । ରାଜକୀୟ ଜୀବନ ବିତାଉଥିବା ତ୍ରିନାଥଙ୍କ କୁକୁର ▶▶ପୃଷ୍ଠା ୭

# ବିଧାନ ପରିଷଦ ସଂକଳ୍ପ: କେମିତି ମନ୍ତ୍ରଣାଳୟ ଦେଲା ଭୁଲ୍ ତଥ୍ୟ, ଚିଠି ଲେଖିଲେ ବାଚସ୍ପତି

ଭୁବନେଶ୍ୱର, ୧୫/୦୨ (ନି.ପ୍ର): ଓଡ଼ିଶା ବିଧାନସଭାରେ ପାରିତ ହୋଇଥିବା ଓଡ଼ିଶା ବିଧାନ ପରିଷଦ ଗଠନ ସଂକଳ୍ପ ପ୍ରସ୍ତାବକୁ ନେଇ ରାଜନୀତିକ ଉଷ୍ମ ହୋଇଛି । ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଆଜି ଏକକାଳୀନ ୨ଟି ଚିଠି ଲେଖି ସମଗ୍ର ଘଟଣାର ତଦନ୍ତ ପାଇଁ ଅନୁରୋଧ କରିଛନ୍ତି । ଓଡ଼ିଶାରୁ ଏଭଳି କୌଣସି ସଂକଳ୍ପ ଆସିନି ବୋଲି କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରୀ କିରେନ ରିଜୁ ରାଜ୍ୟସଭାରେ କହିଥିବାବେଳେ ମନ୍ତ୍ରଣାଳୟର ଅଧିକାରୀ କିପରି ଭୁଲ୍ ତଥ୍ୟ ଦେଲେ ତା'ର ତଦନ୍ତ କରିବାକୁ ବାଚସ୍ପତି ଶ୍ରୀ ପାତ୍ର ଆଜି ଚିଠି ଲେଖି କେନ୍ଦ୍ରମନ୍ତ୍ରୀ ରିଜୁଙ୍କୁ ଅନୁରୋଧ କରିଛନ୍ତି । ଶ୍ରୀ ପାତ୍ର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ,



ଓଡ଼ିଶା ବିଧାନ ପରିଷଦ ଗଠନ ନିମନ୍ତେ ଏକ ସଂକଳ୍ପ ପ୍ରସ୍ତାବ ବିଧାନସଭାରେ ପାରିତ ହେବା ପରେ ତାକୁ ୨୦୧୮ ସେପଟ୍ମେର ୧୮ତାରିଖରେ କେନ୍ଦ୍ର ସରକାରଙ୍କ ନିକଟକୁ ଓଡ଼ିଶା ବିଧାନସଭା ସଚିବ ପଠାଇଥିଲେ । ଏହି ସଂକଳ୍ପ ପ୍ରସ୍ତାବ ସମ୍ପର୍କରେ ରାଜ୍ୟସଭା, ଲୋକସଭା, ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟ, ଆଇନ ଓ ନ୍ୟାୟ ମନ୍ତ୍ରଣାଳୟକୁ ମଧ୍ୟ ଅବଗତ କରାଯାଇଥିଲା । ତେବେ ଏହି ସଂକଳ୍ପ ପ୍ରସ୍ତାବ ସମ୍ପର୍କରେ କେନ୍ଦ୍ର ସରକାର ଅବଗତ ନଥିବା ନେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ରିଜୁ ରାଜ୍ୟସଭାରେ କହିଛନ୍ତି । ତେଣୁ ସମ୍ଭବତଃ ମନ୍ତ୍ରଣାଳୟର ଅଫିସରମାନେ ଏ ବିଷୟରେ ▶▶ପୃଷ୍ଠା ୭

## ସ୍କୁଲରେ ହିଜାବ ପିନ୍ଧିବାକୁ ବାରଣ, ଅଧାରୁ ପରୀକ୍ଷା ଛାଡି ଉଠିଗଲେ ଛାତ୍ରୀ

ବେଙ୍ଗାଲୁରୁ, ୧୫/୦୨ (ନି.ପ୍ର): ଥମୁନି କର୍ଣ୍ଣାଟକର ହିଜାବ ବିବାଦ। ଦିନକୁ ଦିନ ଏହା ଆହୁରି ବଢ଼ିବାରେ ଲାଗିଛି। ସ୍କୁଲରେ ହିଜାବ ପିନ୍ଧିବାକୁ ସ୍କୁଲ ପ୍ରଶାସନ ବାରଣ କରୁଛନ୍ତି। ଏହାକୁ ନେଇ ସ୍କୁଲର ଦୁଇ ଜଣ ଛାତ୍ରୀ ପରୀକ୍ଷା ଛାଡି ଅଧାରୁ ଉଠି ପଳାଇଛନ୍ତି। ଏଭଳି କିଛି ଘଟଣା ଘଟିଛି କର୍ଣ୍ଣାଟରକ ଶିବମୋଗା ଜିଲ୍ଲାରେ। ଏଠାରେ ଜଣେ ଷଷ୍ଠ ଶ୍ରେଣୀ ଛାତ୍ରୀ ଏବଂ ୯ମ ଶ୍ରେଣୀର ଛାତ୍ରୀ ହିଜାବ ପିନ୍ଧି ପରୀକ୍ଷା ଦେବା ପାଇଁ ସ୍କୁଲ ଯାଇଥିଲେ। ଏହା ଦେଖିବା ପରେ ସ୍କୁଲ ପ୍ରଶାସନ ତାଙ୍କୁ ବାରଣ କରିଥିଲେ। ହିଜାବ ବାହାର କରିବା ପାଇଁ ତାଙ୍କୁ କହିଥିଲେ ସ୍କୁଲ ପ୍ରଶାସନ। ଏହାପରେ ରାଗି ଯାଇ ଦୁଇ ଜଣ ଛାତ୍ରୀ ପରୀକ୍ଷା ଛାଡି ଅଧାରୁ ଉଠି ସ୍କୁଲ ଛାଡି ପଳାଇଥିଲେ। କଥିତ ରୂପେ ଦୁଇ ଜଣ ଛାତ୍ରୀଙ୍କ ମଧ୍ୟରୁ ଜଣଙ୍କୁ ହିଜାବ ଉପରେ ଲାଗିଥିବା ବ୍ୟାନ୍କୁ ପାଳନ ନ କରିବାରୁ ପୁଲିସ କାର୍ଯ୍ୟାନୁଷ୍ଠାନ ଲାଗି ଧମକ ମଧ୍ୟ ଦିଆଯାଇଥିବା ସୂଚନା ମିଳିଛି।

# ଜାମତରା ଗ୍ୟାଙ୍ଗ ଲିଙ୍କରେ ରାଜଧାନୀର ମେକାନିକାଲ ଛାତ୍ର

ଭୁବନେଶ୍ୱର, ୧୫/୦୨ (ନି.ପ୍ର): ଭୁବନେଶ୍ୱର ଖଣ୍ଡଗିରି ଅଞ୍ଚଳରୁ ନିଖୋଜ ଇଂଜିନିୟରିଂ ଛାତ୍ର ମାମଲା ଭିନ୍ନ ମୋଡ ନେଇଛି। ୪ ଛାତ୍ରଙ୍କ ଭିତରୁ ଦୁଇ ଜଣଙ୍କର ରହିଛି ଝାଡ଼ଖଣ୍ଡର କୁଖାତ ଜାମତରା ଗ୍ୟାଙ୍ଗ ସହ ଲିଙ୍କ। ଜଣେ ବ୍ୟକ୍ତିଙ୍କୁ ଅନ୍ଲାଇନ୍ରେ ଠକେଇ ଅଭିଯୋଗରେ ୨ ମେକାନିକାଲ ଛାତ୍ରଙ୍କ ସହ ୩ ଗିରଫଙ୍କୁ ଗିରଫ କରିଛି ସମ୍ବଲପୁର ପୁଲିସ। ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍ଶୀଘ୍ର ଗିରଫ କରାଯିବ ବୋଲି ପୁଲିସ୍ କହିଛି। ସୋମବାର ଭୁବନେଶ୍ୱର ଖଣ୍ଡଗିରି ଅଞ୍ଚଳରୁ ୪ ଜଣ ଇଞ୍ଜିନିୟରିଂ ଛାତ୍ର ନିଖୋଜ ହୋଇଯାଇଥିଲେ। ଏନେଇ ପରିବାର ଲୋକେ କମିଶନରେଟ୍ ପୁଲିସ୍ରେ ଅଭିଯୋଗ କରିଥିଲେ। କମିଶନରେଟ୍ ପୁଲିସ ଅଭିଯୋଗକୁ



ଭିତ୍ତି କରି ତନାଘନା କରିବା ପରେ ନିଖୋଜ ଥିବା ୪ ଛାତ୍ରଙ୍କ ଭିତରୁ ୨ ଜଣ ଅନଲାଇନ୍ ଠକେଇରେ ସଂପୃକ୍ତି ଜାମତାରା ଗ୍ୟାଙ୍ଗ୍ ସହ କାମ କରୁଥିବା ସୂଚନା ଦେଇଥିଲା ସମ୍ବଲପୁର ପୁଲିସ୍ । ଗିରଫ ଦୁଇ ଛାତ୍ର ହେଲେ ଝାଡ଼ଖଣ୍ଡ ପୂର୍ବସିଂଭୂମର ବିଶାଳ ପାଣ୍ଡେ ଓ ବିହାର ଜାମୁଇର ଶେଖର ଗୌତମ୍ । ଏମାନେ ଜାମତାରା ଗ୍ୟାଙ୍ଗର ପ୍ରତ୍ୟକ୍ଷ ସଦସ୍ୟ ରେହମତ ଅନସାରୀ ସହ ଠକେଇରେ ସାମିଲ ଥିବା ପୁଲିସ୍ ଆଗରେ ସ୍ୱୀକାର କରିଛନ୍ତି। ସମ୍ବଲପୁର ପୁଲିସ ସେମାନଙ୍କଠାରୁ ନଗଦ ୧ ଲକ୍ଷ ୧୩ ହଜାର ଟଙ୍କା, ୯ଟି ମୋବାଇଲ ଫୋନ୍, ବିଭିନ୍ନ ବ୍ୟାଙ୍କର ▶▶ପୃଷ୍ଠା ୭

# ୧୭ ଯାଏ ପାଗ ଶୁଖିଲା, ୧୮ରେ ହାଲକା ବର୍ଷା ସମ୍ଭାବନା

ଭୁବନେଶ୍ୱର, ୧୫/୦୨ (ନି.ପ୍ର): ରାଜ୍ୟର ଅଧିକାଂଶ ଜିଲ୍ଲାରେ ତାପମାତ୍ରା ସ୍ୱାଭାବିକ ତାପମାତ୍ରାଠାରୁ ୩ରୁ ୫ ଡିଗ୍ରୀ କମ୍ ରହିଛି। ୧୭ ତାରିଖ ପର୍ଯ୍ୟନ୍ତ ପାଗ ଶୁଖିଲା ରହିବ । ଆସନ୍ତା ୧୮ ତାରିଖରେ ସୁନ୍ଦରଗଡ଼, କେନ୍ଦୁଝର ଓ ମୟୁରଭଞ୍ଜ ଜିଲ୍ଲାର କିଛି ସ୍ଥାନରେ ହାଲକା ବର୍ଷା ହୋଇପାରେ । ଏହାବାଦ ରାଜ୍ୟର ଅନ୍ୟ ଜିଲ୍ଲାରେ ପାଗ ଶୁଖିଲା ରହିବ ବୋଲି ସୂଚନା ଦେଇଛି ଆଞ୍ଚଳିକ ପାଣିପାଗ ବିଭାଗ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶକ ଏଚ.ଆର ବିଶ୍ୱାସଙ୍କ କହିବାନୁଯାୟୀ, ଫୁଲବାଣୀରେ ଆଜି ସକାଳେ ସର୍ବନିମ୍ନ ତାପମାତ୍ରା ୭ ଡିଗ୍ରୀ ଥିଲା । ଏହାବାଦ ବହୁ ଜିଲ୍ଲାରେ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଛି। ଦାରିଙ୍ଗିବାଡ଼ିରେ ୭.୫ଡିଗ୍ରୀ, ସୋନପୁରର ୮.୮, ଝାରସୁଗୁଡ଼ାରେ ୯.୮, ଭବାନୀପାଟଣାରେ ୯.୯ ଥିଲା। ୨୪ ଘଣ୍ଟା ପରେ ରାଜ୍ୟରେ ରାତି ତାପମାତ୍ରା ୩ରୁ ୫ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିବ ବୋଲି ଜଣାଯାଇଛି। ଏହାବାଦ ଅନୁଗୁଳରେ ୧୧ଡିଗ୍ରୀ, ବଲାଙ୍ଗୀରରେ ୧୧.୩, ସମ୍ବଲପୁରରେ ୧୧.୫, ହୀରାକୁଦରେ ୧୧.୫ ଓ ବାରିପଦାରେ ୧୧.୬ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି । ଆସନ୍ତା ୧୮ ତାରିଖରେ କାଁ ଭାଁ କେଉଁଠି ବର୍ଷା ହେବା ସହ ଅନ୍ୟ ସ୍ଥାନରେ ପାଗ ଶୁଖିଲା ରହିବ ବୋଲି କହିଛି ପାଣିପାଗ ବିଭାଗ ।

# ପୌର ନିର୍ବାଚନରେ ପ୍ରାର୍ଥୀଙ୍କ ଗାଡ଼ି ବ୍ୟବହାର ଓ ନିର୍ବାଚନୀ ଖର୍ଚ୍ଚ ନେଇ ନିର୍ଦ୍ଦେଶନାମା ଜାରି

ଭୁବନେଶ୍ୱର, ୧୫/୦୨ (ନି.ପ୍ର): ରାଜ୍ୟ ନିର୍ବାଚନ କମିଶନ ଆସନ୍ତା ପୌର ନିର୍ବାଚନରେ ଅଂଶଗ୍ରହଣ କରିବାକୁ ଥିବା ବିଭିନ୍ନ ପଦବୀ ପାଇଁ ପ୍ରାର୍ଥୀମାନଙ୍କ ନିମନ୍ତେ ଗାଡ଼ିର ବ୍ୟବହାର ଓ ନିର୍ବାଚନୀ ଖର୍ଚ୍ଚ ନେଇ ନିର୍ଦ୍ଦେଶନାମା ଜାରି କରିଛନ୍ତି । ପ୍ରତ୍ୟେକ ୱାର୍ଡର କାଉନସିଲର/ କର୍ପୋରେଟର ପଦବୀ ନିମନ୍ତେ ନିର୍ବାଚନ ଲଢୁଥିବା ପ୍ରାର୍ଥୀମାନେ ତିନିଚକିଆ ଓ ଚାରିଚକିଆ ଗାଡ଼ିକୁ ମିଶାଇ ସର୍ବାଧିକ ଦୁଇଟି ଗାଡ଼ି ବ୍ୟବହାର କରିପାରିବେ । ବିଜ୍ଞାପିତ ଅଂଚଳ ପରିଷଦ/ମୁନିସିପାଲିଟି ଅଂଚଳ ମଧ୍ୟରେ ଅଧ୍ୟକ୍ଷ ପଦ ଲାଗି ନିର୍ବାଚନ ଲଢୁଥିବା ପ୍ରାର୍ଥୀମାନେ ତିନିଚକିଆ ଓ ଚାରିଚକିଆ ଗାଡ଼ି ମିଶାଇ ସର୍ବାଧିକ ଚାରୋଟି ଗାଡ଼ି




ବ୍ୟବହାର କରିପାରିବେ ବୋଲି ନିର୍ବାଚନ କମିଶନ ନିର୍ଦ୍ଦେଶନାମା ଜାରି କରିଛନ୍ତି । ସେହିପରି ମହାନଗର ନିଗମ ଅଂଚଳ ମଧ୍ୟରେ ମେୟର ପଦବୀ ଲାଗି ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀମାନେ ସର୍ବାଧିକ ୬ଟି (ତିନିଚକିଆ ଓ ଚାରିଚକିଆ ଯାନ ସହ) ବ୍ୟବହାର କରିପାରିବେ ବୋଲି ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି । ସଂପୃକ୍ତ ରାଜନୈତିକ ଦଳମାନେ ପ୍ରତ୍ୟେକ ମହାନଗର ନିଗମ ଓ ମୁନିସିପାଲିଟି ଅଂଚଳ ପାଇଁ ନିର୍ବାଚନ କାର୍ଯ୍ୟରେଦୁଇଟି ଚାରିଚକିଆ ଗାଡ଼ି ବ୍ୟବହାର କରିପାରିବେ । ପ୍ରାର୍ଥୀମାନେ କେଉଁ ପ୍ରକାରର ଗାଡ଼ି, ଗାଡ଼ିର ପଞ୍ଜିକରଣ ନମ୍ବର ଓ ଗାଡ଼ିର ମାଲିକ ସଂପର୍କରେ ନିର୍ବାଚନ କାର୍ଯ୍ୟରେ ବ୍ୟବହାର ପୂର୍ବରୁ ସଂପୃକ୍ତ ନିର୍ବାଚନ ଅଧିକାରୀଙ୍କୁ ଲିଖିତ ଆକାରରେ ଜଣାଇବେ । ପୌର ନିର୍ବାଚନରେ ପ୍ରାର୍ଥୀମାନେ ଓଡ଼ିଶା ମୁନିସିପାଲିଟି ଅଧିନିୟମ ୧୯୫୦ର ଧାରା ୧୭ (କ)ର ଉପଧାରା (ସ) ଅନୁସାରେ ୫୦ ହଜାର ଜନସଂଖ୍ୟାବିଶିଷ୍ଟ ବିଜ୍ଞାପିତ ଅଂଚଳ ପରିଷଦ/ ମୁନିସିପାଲିଟି ଅଂଚଳ ପାଇଁ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା କାଉନ୍ସିଲର/କର୍ପୋରେଟର ପ୍ରାର୍ଥୀମାନେ ସର୍ବାଧିକ ୫୦ ହଜାର ଟଙ୍କା ଓ ଅଧ୍ୟକ୍ଷ ପଦବୀ ନିମନ୍ତେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀମାନେ ସର୍ବାଧିକ ▶▶ପୃଷ୍ଠା ୭

# ଆଉ ୫ ଜଣ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର

ଭୁବନେଶ୍ୱର, ୧୫/୦୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ସାଧାରଣ ଜୀବନରେ କ୍ଷେତ୍ରରେ ଉଚ୍ଚ ନୈତିକତା ଓ ସାଧୁତା ବଜାୟ ରଖିବା ଉପରେ ସବୁବେଳେ ଗୁରୁତ୍ୱ ଦେଇଆସିଛନ୍ତି। ଅପାରଗ ତଥା ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୁଦ୍ଧରେ ସବୁବେଳେ ଶୂନ୍ୟ ସହିଷ୍ଣୁତା ଆଭିମୁଖ୍ୟ ଉପରେ ଜୋର ଦେଇଆସିଛନ୍ତି । ଜନସାଧାରଣଙ୍କୁ ସ୍ୱଚ୍ଛ, ଦକ୍ଷ ଏବଂ ଉତ୍ତରଦାୟୀ ପ୍ରଶାସନ ମାଧ୍ୟମରେ ସେବା ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନିରନ୍ତର ପ୍ରଚେଷ୍ଟା ଜାରି ରଖିଛନ୍ତି। ରାଜ୍ୟ ସରକାରଙ୍କ ଏହି ଆଭିମୁଖ୍ୟ ଅନୁଯାୟୀ ଏବେ ଆଉ ୫ ଜଣ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି ଏବଂ ଏଥିରେ ବିଭିନ୍ନ କ୍ଷେତ୍ରରେ ଥିବା ଅଧିକାରୀ, ଯଥା - ପୋଲିସ ଡି.ଏସ୍.ପି, ଓଏଏସ୍ ଅଫିସର, ପୋଲିସ ଇନ୍ସପେକ୍ଟର ଓ ୨ ଜଣ ମ୍ୟୁନିସିପାଲଟି ଏକ୍ଜିକ୍ୟୁଟିଭ ଅଫିସର ପ୍ରମୁଖ ଅନ୍ତର୍ଭୁକ୍ତ । ଏହାକୁ ମିଶାଇ ବର୍ତ୍ତମାନ ସୁଦ୍ଧା ୧୫୧ ଜଣ ଅଧିକାରୀଙ୍କୁ ଚାକିରୀରୁ ବରଖାସ୍ତ ବା ବାଧ୍ୟତାମୂଳକ ଅବସର ଦିଆଯାଇଛି । ଏହି ୫ ଜଣଙ୍କ ମଧ୍ୟରୁ କଳାହାଣ୍ଡି ଜିଲ୍ଲା ମହିଳା ବିରୋଧୀ ଅପରାଧ ତଦନ୍ତ କେନ୍ଦ୍ରରେ ଆଇୟୁସିଏଡବଲ୍ୟୁ ଡି.ଏସ୍.ପି ଭାବରେ ନିଯୁକ୍ତ ଓଡିଶା ପୋଲିସ ସେବା ଅଧିକାରୀ ଶ୍ରୀ ରବିନ୍ଦ୍ର କୁମାର ସେଠୀଙ୍କ ବିରୁଦ୍ଧରେ ଗୋଟିଏ ଦୁର୍ନୀତି ଅଭିଯୋଗ ରହିଛି । ସେ ଜଣେ ଅଭିଯୋଗକାରୀଙ୍କ ଠାରୁ ୫୦୦୦ ଟଙ୍କା ଲାଞ୍ଚ ନେଇ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ଧରା ପଡିଥିଲେ ଏବଂ ତାଙ୍କୁ ଗିରଫ କରାଯାଇ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିଲା। ଦୁର୍ନୀତି ଓ ଅସାଧୁତା ଯୋଗୁ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି । ସୁନ୍ଦରଗଡ ଜିଲ୍ଲା ବଣାଇର ▶▶ପୃଷ୍ଠା ୭

## ସରପଂଚ ପଦବୀକୁ ନେଇ ଦୁଇ ପ୍ରାର୍ଥିନୀଙ୍କ ମଧ୍ୟରେ ବିବାଦ

ନୂଆପଡ଼ା,୧୫/୨ (ନି.ପ୍ର): ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ଗଣ୍ଡାବାହାଲି ପଂଚାୟତରେ ସରପଂଚ ପଦବୀକୁ ନେଇ ଦୁଇ ପ୍ରାର୍ଥିନୀଙ୍କ ମଧ୍ୟରେ ବିବାଦ ବଢିବାରେ ଲାଗିଛି । ସୁପ୍ରିମକୋର୍ଟ ଗାଇଡଲାଇନ ଅନୁସାରେ କୌଣସି ପ୍ରାର୍ଥୀ ହେଉ କିମ୍ବା ପ୍ରାର୍ଥିନୀ ସରକାରୀ ଲାଭଦାୟକ ସଂସ୍ଥାରେ ରହିପାରିବେ ନାହିଁ କିମ୍ବା ସେହି ପ୍ରାର୍ଥିନୀଙ୍କ ନାଁରେ ସରକାରୀ କୌଣସି ପେଣ୍ଡିଂ ବିଲ୍ ମଧ୍ୟ ରହିପାରିବ ନାହିଁ, ଯଦି ଏଭଳି ପ୍ରମାଣିତ ହୁଏ ତାହେଲେ ସେହି ପ୍ରାର୍ଥୀ କିମ୍ବା ପ୍ରାର୍ଥିନୀଙ୍କ ନାମାଙ୍କନ ପତ୍ର ନାକଚ ହୋଇଯିବ । କିନ୍ତୁ ଗଣ୍ଡାବାହାଲି ପଂଚାୟତରେ ସରପଟଂ ପଦବୀରେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥିନୀ ସରିତା ଅଗ୍ରୱାଲ ଜଣେ ସରକାରୀ ସ୍ୱିକୃତିପ୍ରାପ୍ତ ଠିକାଦାର ଅଟନ୍ତି । ସରିତା ଅଗ୍ରୱାଲ ପିଡବ୍ଲୁଡି ବିଭାଗରେ ଲାଇସେନ୍ସ ପ୍ରାପ୍ତ କରିଛନ୍ତି । ଆସନ୍ତା ୩୧.୩.୨୦୨୩ ଯାଏ ତାଙ୍କ ଲାଇସେନ୍ସ ଭେଲିଡ ମଧ୍ୟ ରହିଛି । ଅନ୍ୟପକ୍ଷରେ ତାଙ୍କ ନାଁରେ ଠିକା କାମର ବିଲ୍ ମଧ୍ୟ ପେଣ୍ଡି ରହିଛି । ସେହିଭଳି ସରପଂଚ ପ୍ରାର୍ଥିନୀ ସରିତା ଅଗ୍ରୱାଲଙ୍କ ଆଧାରକାର୍ଡ ଅନୁଯାୟୀ ସେ ଖଡିଆଳର ସ୍ଥାୟୀ ବାସିନ୍ଦା ଅଟନ୍ତି ହେଲେ ସେ ଗମ୍ଭାରିଗୁଡା ଗାଁର ବୋଲି ଦର୍ଶାଇ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଅନୁରୂପ ଭାବେ ପେଣ୍ଡିଂ ବିଲ୍ ରେ ମଧ୍ୟ ଠିକାଦାରଙ୍କ ଜାଲିଆତି ଦସ୍ତଖତ ରହିଥିବା ଅଭିଯୋଗ ହୋଇଛି । ଏତେ ସବୁ ପ୍ରମାଣଥିବା ସତ୍ୱେ ପ୍ରଶାସନ ସରିତା ଅଗ୍ରୱାଲଙ୍କୁ ଘଣ୍ଟ ଘୋଡାଉଥିବା ଅନ୍ୟତମ ଗଣ୍ଡାବାହାଲି ପ୍ରାର୍ଥିନୀ କୋଶଲ୍ୟା ମେହେର ଅଭିଯୋଗ କରିଛନ୍ତି । ନୂଆପଡା ଜିଲ୍ଲା ପ୍ରଶାସନ ତଥା ନିର୍ବାଚନ ଅଧିକାରୀ ନୂଆପଡା ଓ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରି ତାଙ୍କ ନାମାଙ୍କନ ପତ୍ର ନାକଚ ଏବଂ ତାଙ୍କୁ ନିର୍ବାଚନରୁ ବହିଷ୍କାର କରିବା ପାଇଁ ଗଣ୍ଡାବାହାଲି ସରପଟଂ ପ୍ରାର୍ଥିନୀ କୋଶଲ୍ୟା ମେହେର ଦାବୀ କରିଛନ୍ତି । ଏପଟେ ସରିତା ଅଗ୍ରୱାଲଙ୍କ ପରିବାର ଲୋକ ସେମାନେ ନ୍ୟାୟ ତଥା ଠିକ୍ ରହିଥିବା ପରୋକ୍ଷରେ ସୂଚନା ଦେଇଛନ୍ତି ।

## ସୁନାରୀସିକୁଆଁ ଗ୍ରାମରେ ଟଙ୍କା ବଂଟାକୁ ନେଇ ଉତ୍ତେଜନା

ନୂଆପଡ଼ା,୧୫/୨ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ସୁନାରିସିକୁଆଁ ପଚାଂୟତରେ ଆଜି ସରପଟଂ ପ୍ରାର୍ଥିନୀ ଭୋଲେଶ୍ୱରୀ ଦାସଙ୍କ ବାପା ସନ୍ୟାସୀ ଦାସ ଭୋଟର ମାନଙ୍କୁ ଟଙ୍କା ବାଂଟୁଥିବା କିଛି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ସରପଚଂ ପ୍ରାର୍ଥିନୀ ଭୋଲେଶ୍ୱରୀଙ୍କ ବାପା ପେଶାରେ ସୁନାରିସିକୁଆଁ ହାଇସ୍କୁଲର ପଣ୍ଡିତ ଶିକ୍ଷକ ଅଟନ୍ତି । ଆଜି ସୁନାରିସିକୁଆଁ ଗାଁର ମାଝିପଡାରେ ଝିଅକୁ ନଙ୍ଗଳ ଚିହ୍ନରେ ଭୋଟ ଦେବା ପାଇଁ ଜଣ ପିଛା ଦୁଇ ଶହରୁ ପାଚଂ ଶହ ଟଙ୍କା ସେ ଓ ତାଙ୍କ ସମର୍ଥକ ମାନଙ୍କ ସହ ବାଂଟୁଥିବା ଅଭିଯୋଗ ହୋଇଛି । ଏହା ଜାଣିବା ପରେ ସୁନାରିସିକୁଆଁ ଗାଁର ସ୍ଥାନୀୟ ଲୋକମାନେ ତଥା ଅନ୍ୟତମ ସରପଚଂ ପ୍ରାର୍ଥୀ ଜଗମୋହନଙ୍କ ସମର୍ଥକ ମାନେ ମାଝିପଡାରେ ସେମାନଙ୍କୁ ଅଟକ ରଖି ତାଙ୍କ ଠାରୁ ଭୋଟର କାଗଜ ଓ ଟଙ୍କା ବଂଟନ କରୁଥିବା ଲିଷ୍ଟ ଉଦ୍ଧାର କରିଛନ୍ତି । ତେବେ ୨୫୦ ନାମଥିବା ଲୋକଙ୍କ ଲିଷ୍ଟ ରହିଥିବା ସରପଚଂ ପ୍ରାର୍ଥୀ ଜଗମୋହନ ବୈଠାରୁ ଅଭିଯୋଗ କରିଛନ୍ତି । ଏ ବାବଦରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ପାଇଁ ଦାବୀ କରିଛନ୍ତି । ଅନ୍ୟପକ୍ଷରେ ସରପଚଂ ପ୍ରାର୍ଥିନୀ ଭୋଲେଶ୍ୱରୀଙ୍କ ବାପା ସନ୍ୟାସି ଦାସ ସେ ତାଙ୍କ ଘର ତିଆରି ପାଇଁ ଲେବର ଡାକିବାକୁ ଯାଇଥିଲେ ଏବଂ ଟଙ୍କା ବାଂଟିବା କଥାକୁ ମିଥ୍ୟା ବୋଲି ପାଲଟା ଅଭିଯୋଗ କରିଛନ୍ତି । ଯଦି ଏହା ପ୍ରମାଣିତ ହୁଏ ତାହେଲେ ତାଙ୍କ ଚାକିରି ଛାଡିଦେବେ ବୋଲି କହିଛନ୍ତି ।

## କଥା ସମ୍ରାଟ୍ ସୁରେନ୍ଦ୍ର ମହାନ୍ତିଙ୍କ ଜନ୍ମ ଶତବାର୍ଷିକ ଅବସରରେ ଶ୍ରଦ୍ଧାଞ୍ଜଳୀ

କେନ୍ଦ୍ରାପଡ଼ା,୧୫/୨ (ନି.ପ୍ର): ଓଡିଆ ସାହିତ୍ୟର ପଥିତଯଶା କିମ୍ବଦନ୍ତୀ ପୁରୁଷ, ବିଶିଷ୍ଟ ସାମ୍ବାଦିକ, ରାଜନୀତିଜ୍ଞ ତଥା କଥା ସମ୍ରାଟ ସୁରେନ୍ଦ୍ର ମହାନ୍ତିଙ୍କ ଜନ୍ମ ଶତବାର୍ଷିକ ଅବସରରେ ସମର୍ପିତ ସ୍ମୃତି ଶ୍ରଦ୍ଧାଞ୍ଜଳୀ ଆଭାସୀ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନା ଚକ୍ରରେ ସ୍ୱଜନୀ ପରିବାର ର ସମସ୍ତ ସଦସ୍ୟ ଉପସ୍ଥିତ ହୋଇ ଉପଦେଷ୍ଟା ଡ଼ଃ ବାସନ୍ତୀ ମହାନ୍ତି ଏବଂ ମୁଖ୍ୟ ଉପଦେଷ୍ଟା ଅବସରପ୍ରାପ୍ତ ଆଇ.ଏଫ.ଏସ୍ ଆଶୁତୋଷ ସାମନ୍ତସିଂହାରଙ୍କ ପୌରହିତ୍ୟରେ ଆୟୋଜିତ ଏହି ଆଭାସୀ ଆଲୋଚନା ଚକ୍ରରେ ଡ଼ଃ ହୃଷିକେଶ ମଲିକ, ଓଡିଶା ସାହିତ୍ୟ ଏକାଡେମୀ ସଭାପତି ଏବଂ ଶ୍ରୀଯୁକ୍ତ ଅସିତ ମହାନ୍ତି ସଂପାଦକ ପୌରୁଷ(ଇଷ୍ଟର୍ଣ୍ଣମିଡିଆ ଲିମିଟେଡ୍), ଡ଼ଃ ବାସନ୍ତୀ ମହାନ୍ତି ସ୍ୱଜନୀ ପରିବାରର ଡ଼ଃ ଗିରିଶ ଚନ୍ଦ୍ର ସାହୁ, ସାରସ୍ୱତ ସାଧକ ତଥା ଶିକ୍ଷାବିତ୍ କଥା ସମ୍ରାଟ୍ସୁରେନ୍ଦ୍ର ମହାନ୍ତିଙ୍କ ସୁପୁତ୍ରୀ ତଥା ପ୍ରାକ୍ତନ ଅଧକ୍ଷା ଶ୍ରୀମତୀ ଲୋପାମୁଦ୍ରା ମହାନ୍ତି, ମେମୋରିଆଲ ଟ୍ରଷ୍ଟର ସଂପାଦକ ରବି ନାରାୟଣ ମହାନ୍ତି ପ୍ରମୁଖ ଯୋଗ ଦେଇ ସ୍ୱର୍ଗତଃ ମହାନ୍ତିଙ୍କ ଜୀବନୀ, ସ୍ୱାଧିନତା ସଂଗ୍ରାମ, ରାଜନୀତି ତଥା କଥା ସାହିତ୍ୟ ପୃଷ୍ଠଭୂମୀକୁଆଲୋଚନାର ପ୍ରସଙ୍ଗ କରି ବରଣୀୟ ଆଲୋଚନ ବୃନ୍ଦ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅଧାପକ, ଅଧାପିକା, ବୁଦ୍ଧିଜୀବି, କବି ପ୍ରମୁଖ ଉପସ୍ଥିତ ଥିଲେ । ଅଶୋକ କୁମାର ସାମନ୍ତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶ୍ରୀମତୀ ସୁମତୀ ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ ।

## କୁଡୁମୁଲୁଗୁମ୍ମା ଡିଗ୍ରୀ ମହାବିଦ୍ୟାଳୟରେ ଭାରତୀୟ ସେନାରେ ଭର୍ତ୍ତି ସମ୍ପର୍କିତ କର୍ମଶାଳା

ମାଲକାନଗିରି,୧୫/୨ (ନି.ପ୍ର): କୁଡୁମୁଲୁଗୁମ୍ମା ସ୍ଥିତ ଡାରଉଇନ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଭାରତୀୟ ସେନାବାହିନୀ ରେ ଭର୍ତ୍ତି ସମ୍ପର୍କିତ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ୧୫୧ ବିଏସଏଫ ବାଟାଲିୟନ ର ଇନ୍ସପେକ୍ଟର ଅରୁଣ କୁମାର ଅଧକ୍ଷତା କରିଥିଲାବେଳେ, ସବ-ଇନସ୍ପେକ୍ଟର ମନଞ୍ଜୟ କୁମାର, ଆସିଷ୍ଟାଣ୍ଟ ସବ-ଇନ୍ସପେକ୍ଟର ନରହରି ସତପଥି, ମହାବିଦ୍ୟାଳୟର ପ୍ରିନ୍ସପାଲ ଅଶୋକ ପ୍ରଧାନ, ବୁଦ୍ଧିଜୀବୀ ଭଗବାନ ସାହୁ, ଅଧାପକ ବିଶ୍ୱଜିତ ମହାନ୍ତି ,ଜନ୍ କରା ଓ ଜ୍ୟୋତି ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଆଜିର ଦିବସ ରେ ପୁଲୱ୍ ।ମା ଠାରେ ଆତଙ୍କବାଦୀଙ୍କ ବର୍ବର କାଣ୍ଡରେ ସହୀଦ ହୋଇଥିବା ବୀର ମାନଙ୍କ ସ୍ମୃତି ଉଦ୍ଦେଶ୍ୟ ରେ ୧ ମିନିଟ ନୀରବ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଇନ୍ସପେକ୍ଟର ଶ୍ରୀ ଅରୁଣ କୁମାର କହିଛନ୍ତି ଯେ ରାଷ୍ଟ୍ରୀୟତା କୁ ପ୍ରାଥମିକତା ଦେବା ସହ ସମସ୍ତ ଛାତ୍ର ଛାତ୍ରୀ ମାନେ ଭାରତୀୟ ସେନା ରେ ଭର୍ତ୍ତି ହେବାର ସୁଯୋଗ କୁ ହାତଛଡା କରିବା ଉଚିତ ନୁହେଁ । ଏଥି ସହିତ ସେ ସେନା ଭର୍ତ୍ତି ସମ୍ପର୍କରେ ଯୋଗ୍ୟତା ଅର୍ଜନ ଓ ବିଭିନ୍ନ ନିତି ନିୟମ ବିଷୟରେ ପ୍ରାଞ୍ଜଳ ଭାବେ ବୁଝାଇ ଥିଲେ । ଶେଷରେ ସେ ସମସ୍ତଙ୍କୁ ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପିତ ଏହି ମହତ୍ୱପୂର୍ଣ୍ଣ ସେବାକାର୍ଯ୍ୟ ଯୋଗାଇଦେବା ପାଇଁ ଆହ୍ୱାନ ଦେଇଥିଲେ । ପିଲାମାନେ ମଧ୍ୟ ଅନୁରୂପ ତାଳି ମାରିବା ସହ ଭାରତ ମାତା କି ଜୟ ଧ୍ୱନି ମାନ ଦେଇଥିଲେ ।

## ଜିଲ୍ଲା ପରିଷଦର ୨୦-୨୨ ସିଟ୍ ଆମେ ଜିତିବୁ : ବିଜେପି

କେନ୍ଦ୍ରାପଡ଼ା,୧୫/୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ପରିଷଦର ମୋଟ୍ ୩୨ଟି ଜୋନ ଥିବାବେଳେ ସେଥିରୁ ୨୦-୨୨ଟି ସିଟ୍ ବିଜେପି ଦଖଲ କରି ପରିଷଦ ଗଠନ କରିବ ବୋଲି ବିଜେପି ପକ୍ଷରୁ ଦୃଢକ୍ତି ପ୍ରକାଶ କରାଯାଇଛି । ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଓ ଭୁବନେଶ୍ୱର ପ୍ରଭାରୀ ଅଧାପକ ଭୁବନ ମୋହନ ଜେନାଙ୍କ ନେତୃତ୍ୱରେ ଗୋପଛକ ସ୍ଥିତ କମଲ ଭବନ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦୃଢୋକ୍ତି ପ୍ରକାଶ କରାଯାଇଛି । ଏହାକୁ ସ୍ପଷ୍ଟ କରିବାକୁ ଯାଇ ଶ୍ରୀ ଜେନା କହିଛନ୍ତି ଯେ, ୨୦୧୭ ମସିହା ପଂଚାୟତ ନିର୍ବାଚନରେ ଜିଲ୍ଲାରେ ଜଣେ ୨ ଜଣ ଅଭିଜ୍ଞ ନେତୃତ୍ୱ ଥିବାବେଳେ ବର୍ତମାନ ପ୍ରତି ନିର୍ବାଚନ ମଣ୍ଡଳୀରେ ଦୃଢ ଭିତିଭୂମୀ ଅଭିଜ୍ଞ ନେତୃତ୍ୱ ଓ ଲଢୁଆ ଯୁବକମାନେ ଦଳର ପ୍ରଚାର ଅଭିଯାନକୁ ସମ୍ଭାଳିଛନ୍ତି । ଏହାସହିତ ବିଜେଡିର ଅନ୍ତଦ୍ୱନ୍ଦ, ପରସ୍ପର ବିରୋଧୀ ଛକାପଞ୍ଝା ଓ ଏକାଧିକ ପ୍ରାର୍ଥୀ ନିର୍ବାଚନ ଲଢୁଥିବାରୁ ବିଜେପି ପାଇଁ ପରିସ୍ଥିତି ଅନୁକୂଳ ରହିଛି । ଏହି ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଜେନାଙ୍କ ସମେତ ଦୁର୍ଯ୍ୟୋଧନ ସାହୁ, ପ୍ରଶାନ୍ତ ପରିଡା, ପବିତ୍ର ପରିଡା, ଭୁବନ ମୋହନ ସିଂହ, ରମେଶ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ ।

## ରାସ୍ତା ନିର୍ମାଣ ନେଇ ତଦାରଖ କଲେ କାର୍ଯ୍ୟନିର୍ବାହୀ ଅଧିକାରୀ

ଜୟପୁର,୧୫/୨ (ନି.ପ୍ର): ଜୟପୁର ସହର ପାଓାର ହାଉସ ର ଅଷ୍ଟମ ଲାଇନ ରାସ୍ତା ନିର୍ମାଣ ନେଇ ତଦାରଖ ହୋଇଛି । ଜୟପୁର ପୌର କାୟ୍ୟନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ ସମିକ୍ଷା କରିଛନ୍ତି । ରାସ୍ତା ର ଖରାପ ଥିବା ଯୋଗୁଁ ଲୋକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେବା ସହ ପ୍ରତ୍ୟେକ ଦିନ ଲୋକ ମାନେ ଆହତ ମଧ୍ୟ ହେଉଥିଲେ । ଏନେଇ ଅଂଚଳର ହେମ ରାଜ ପାଣିଗ୍ରାହୀ ଏନେଇ ମୁଖ୍ୟମନ୍ତ୍ରୀ, ଜିଲାପାଳ କୋରାପୁଟ ଓ ଜୟପୁର ପୌର କାୟ୍ୟନିବାହୀ ଅଧିକାରି ଙ୍କ ନିକଟରେ ଅଭିଯୋଗ କରିଥିଲେ । ଅଭିଯୋଗ ପାଇ ପୌର କାୟ୍ୟନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ ୨ଜଣ କନିଷ୍ଠ ଯନ୍ତ୍ରୀ ଯାଇ ରାସ୍ତା ନିର୍ମାଣ ନେଇ ସମିକ୍ଷା କରିଥିଲେ। ବତ୍ତମାନ ପଂଚାୟତ ନିବାଚନ ପାଇ ଆଚରଣ ବିଧି ଲାଗିଥିବାରୁ ଏହା ଉଠିବା ପରେ ଟେଣ୍ଡର କରାଯିବ ଓ ବର୍ଷା ଦିନ ପୁବରୁ ରାସ୍ତା ନିର୍ମାଣ ଶେଷ କରିବାକୁ ସ୍ଥାନୀୟ ବାସିନ୍ଦାଙ୍କୁ କାୟ୍ୟନିବାହୀ ଅଧିକାରି ପଟ୍ଟନାୟକ ପ୍ରତିଶ୍ରୁତି ଦେଇଥିବା ହେମରାଜ ପାଣିଗ୍ରାହୀ ସୁଚନା ଦେଇଛନ୍ତି ।

## ବ୍ରହ୍ମଗିରି, କୃଷ୍ଣପ୍ରସାଦ ଓ କଣାସ ବ୍ଲକରେ ପ୍ରଚାର ଶେଷ : ଭୋଟ୍‌କୁ ଅପେକ୍ଷା

ପୁରୀ,୧୫/୨ (ନି.ପ୍ର): ତ୍ରିସ୍ତରୀୟ ପଚାଂୟତ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଭୋଟ୍ ଗ୍ରହଣ ଚଳିତ ମାସ ୧୬ ତାରିଖରେ ପୁରୀ ଜିଲ୍ଲାର ବ୍ରହ୍ମଗିରି, କୃଷ୍ଣପ୍ରସାଦ ଓ କଣାସ ବ୍ଲକରେ ଅନୁଷ୍ଠିତ ହେବ । ଏଥିପାଇଁ ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଆଜି ସକାଳୁ ବିଭିନ୍ନ ବ୍ଲକରୁ ଗାଡ଼ି ଯୋଗେ ପୋଲିଂଦଳ ଭୋଟ ଗ୍ରହଣ ପାଇଁ ଆବଶ୍ୟକ ସରଞ୍ଜାମ ଧରି ବୁଥ ଅଭିମୁଖେ ଯାତ୍ରା କରିଛନ୍ତି । ଏହି ଅଂଚଳରେ ଆଜି ସନ୍ଧ୍ୟା ୭ଟାରେ ପ୍ରଚାର ଶେଷ ହୋଇଛି । ସମ୍ପୃକ୍ତ ଅଂଚଳରେ ବାହାରର କୌଣସି ନେତା, ମନ୍ତ୍ରୀ ଓ ଅଧିକାରୀ ରହିପାରିବେ ନାହିଁ ବୋଲି ରାଜ୍ୟ ନିର୍ବାଚନ କମିଶନର ସତର୍କ କରିଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ପ୍ରଚାର ଶେଷ ହେବା ପରେ ଏବେ କୁଜି ନେତାମାନେ ଘର ଘର ବୁଲୁଥିବା ଦେଖିବାକୁ ମିଳିଛି । ପଚାଂୟତ ନିର୍ବାଚନ ରଣନୀତିଜ୍ଞ ଏବେ ଘରେ ବସି ତୀକ୍ଷ୍ଣ ନଜର ରଖୁଛନ୍ତି ଗାନ୍ଧିମୁଣ୍ଡ ଥିବା ୫ଶହ ଟଙ୍କିଆ ମୁଦ୍ରାର ଅନ୍ଧାରି ବିଜେ ଉପରେ । ରାତିରେ ମଧ୍ୟ ପ୍ରତି ଗାଁର କର୍ମୀମାନେ ଏପଟ ସେପଟ ହେଉଥିବା ଦେଖିବାକୁ ମିଳିଛି । ଭୋଟ ତାଲିକା ଦେଖି କିଏ ମୃତ, କିଏ ଗାଁରେ ଅଛି, କିଏ ନିକଟ ସହରରେ ଅଛି ଓ କିଏ ରାଜ୍ୟ ବାହାରେ ଅଛି ତାର ଆକଳନ ଚାଲିଛି । ଗାଁ ନିକଟ ସହରରେ ରହୁଥିବା ଭୋଟରମାନଙ୍କୁ ଆଗୁଆ ଖବର ଯିବା ସହ କେତେକ ସ୍ଥାନରେ ଗସ୍ତ ଖର୍ଚ୍ଚର ତିନିଗୁଣା ଦେୟ ପକେଟରେ ରଖିଦେଇ ଆସୁଥିବା ଆଲୋଚନା ହେଉଛି । ସରପଂଚ ଓ ସମିତି ସଭ୍ୟ ପାଇଁ ପ୍ରତିଯୋଗୀତା କରୁଥିବା ପ୍ରାର୍ଥୀଙ୍କ ସମର୍ଥକ ମାନଙ୍କ ମଧ୍ୟରେ ଏବେ ଗାଁ ମାନଙ୍କରେ ଛକାପଞ୍ଝା ଚାଲିଥିବା ଦେଖିବାକୁ ମିଳିଛି । ବୁଥ୍ ପାଇଁ ବିଭିନ୍ନ ପ୍ରାର୍ଥୀଙ୍କ ଏଜେଂଟ ମାନଙ୍କ ନାମ ତାଲିକା ପ୍ରସ୍ତୁତ କରାଯାଇ ସେମାନଙ୍କୁ ଖୁସ୍ କରିବା ପାଇଁ ବ୍ୟବସ୍ଥା କରାଯାଉଥିବା ପରିଲକ୍ଷିତ ହେଉଛି । ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ପଚାଂୟତ ନିର୍ବାଚନ ସଞ୍ଜୟ ଓ ଲଳିତେନ୍ଦୁଙ୍କ ଭାଗ୍ୟ ନିର୍ଦ୍ଧାରଣର ଭିତିଭୂମି ପଡ଼ିବ । ସେହିପରି କଣାସରେ ଉମାକାନ୍ତ ସାମନ୍ତରାୟ, ଓମ୍ ପ୍ରକାଶ ମିଶ୍ର ଓ ରମାରଞ୍ଜନ ବଳିୟାରସିଂହଙ୍କ ବିଧାୟକ ଟିକେଟ୍ ପାଇଁ ଗଣିତ କଷାଯିବ ବୋଲି ସମୀକ୍ଷକମାନେ କହୁଛନ୍ତି । ନେତା ଓ ଭୋଟର ସମସ୍ତେ ୨୮ ତାରିଖ ଫଳାଫଳକୁ ଅପେକ୍ଷା କରିଛନ୍ତି ।

## ବଲାଙ୍ଗିର ସିଆର୍ ପିଏଫ୍ ପକ୍ଷରୁ ପୁଲବାମା ସହିଦ୍‌ଙ୍କ ଉଦ୍ଦେଶ୍ୟରେ ସମ୍ମାନ ପ୍ରଦର୍ଶନ

ବଲାଙ୍ଗିର,୧୫/୨ (ନି.ପ୍ର): ବଲାଙ୍ଗିର ଶାନ୍ତିପଡା ସ୍ଥିତ ସି ଆର୍ ପି ଏଫ୍ ୧୮୯ ବାଟାଲିୟନ ଠାରେ ଜାମୁ କାଶ୍ମୀର ର ଫୁଲବାମା ଠାରେ ଉଗ୍ରବାଦୀ ଆକ୍ରମଣ ରେ ସହିଦ୍ ହୋଇ ପ୍ରାଣ ଯାଇଥିବା ୪୪ ଜଣ ସି ଆର୍ ପି ଏଫ୍ ଯବାନ ମାନଙ୍କ ଉଦ୍ଦେଶ୍ୟରେ ସମ୍ମାନ ପ୍ରଦର୍ଶନ ପୂର୍ବକ ଶ୍ରୁତି ସଭା ଆଜି ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧିକାରୀ ଯବାନମାନେ ଓ ଅଣ ସରକାରୀ ଅନୁଷ୍ଠାନ କର୍ମକର୍ତାମାନେ ସ୍ୱେଚ୍ଛାକୃତ ଭାବେ ଉପସ୍ଥିତ ରହି ସହିଦ୍ ମାନକୁ ସମ୍ମାନ ପ୍ରଦର୍ଶନ କରିଥିଲେ । କମାଣ୍ଡେଂଟ ପବନ କୁମାର ତିୱାରୀ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ କୁ ଉଦଘାଟନ କରିଥିଲେ ଓ ଫୁଲମାଳ ଓ ପୁଷ୍ପ ପ୍ରଦାନ ପୂର୍ବକ ସ୍ମାରକୀ କୁ ସମ୍ମାନ ପ୍ରଦର୍ଶନ କରିଥିଲେ । ୩ ବର୍ଷ ତଳେ ୨୦୧୯ ରେ ଫେବ୍ରୁଆରି ୧୪ ରେ ଆତ୍ମଘାତୀ ଉଗ୍ରବାଦୀ ଡ୍ୟୁଟି ରେ ଥିବା ୪୪ ଜଣ ସି ଆର୍ ପି ଏଫ୍ ଯବାନ ତାଙ୍କ ଜୀବନ୍ ଦୀପ ଲିଭିଗଲା । ଏହି ସହିଦ୍ ମାନକ ଉଦ୍ଦେଶ୍ୟ ରେ ସମାଜସେବୀ ସରସ୍ୱତୀ ନନ୍ଦ ସହିଦ୍ ମାନକୁ ଶ୍ରଦ୍ଧାଞ୍ଜଳୀ ଦେଇ ଦେଶପ୍ରେମ ଓ ଶିକ୍ଷା ପ୍ରଦ ବକ୍ତବ୍ୟ ରଖିଥିଲେ । ଗୋବିନ୍ଦ ଚନ୍ଦ୍ର ନନ୍ଦ, କାନ୍ ହା ଶତପଥୀ, ସୌମ୍ୟ ରଞ୍ଜନ ମିଶ୍ର ଶ୍ରୀମତୀ ଶ୍ରୀପ୍ରଦା ଷଡଙ୍ଗୀ ଏବଂ ନିନା ଶର୍ମ ଆସିଷ୍ଟାଂଟ କମାଣ୍ଡେଂଟ , ସୁବେଦାର ମେଜର ବଳରାମ ପାତ୍ର ବ୍ୟତୀତ ଅନ୍ୟ ବାଟାଲିୟନ ର ଅଧିକାରୀ ଗଣ କାର୍ଯ୍ୟକ୍ରମ ରେ ଉପସ୍ଥିତ ଥିଲେ । ପୂର୍ବ ଦିନ ୧୩ ତାରିଖରେ ପତିତପାବନ ଏକାଡେମୀ ରେ ଏହି ସହିଦ୍ ମାନଙ୍କର ଉଦ୍ଦେଶ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି ।

## ଦିଗପହଣ୍ଡି ଅଂଚଳରେ ହାତୀ ଆତଙ୍କ

ଗଞ୍ଜାମ,୧୫/୨ (ନି.ପ୍ର): ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ରେଞ୍ଜ୍ ଅନ୍ତର୍ଗତ ଗୋପାଳପୁର, ପିତାମ୍ବରପୁର ଓ ଏହାର ଆଖପାଖ ଅଂଚଳରେ ୧୨ ଟିକିଆ ହାତୀପଲ ବୁଲୁଥିବା ଦେଖିବାକୁ ମିଳିଛି । ଏହି ହାତୀ ପଲ ଚାଷ ଜମିରେ ପଶି ବ୍ୟାପକ ଫସଲ ଦଳିଚକଟି ନଷ୍ଟ କରିବା ସହ ଫସଲ ଖାଇ ଯାଉଛନ୍ତି । ସେହିପରି ନିକଟରେ ଥିବା ବିଭିନ୍ନ ଗ୍ରାମ ଭିତରକୁ ପଶିଯାଉଛନ୍ତି । ଯାହାକୁ ଲୋକେ ଭୟଭିତ ହୋଇପଡିଛନ୍ତି । ଖବର ପାଇ ବନ ବିଭାଗ କର୍ମଚାରୀ ମାନେ ଘଟଣାସ୍ଥଳରେ ପହଂଚି ଏହି ହାତୀପଲକୁ ଜନବସତି ଠାରୁ ଦୂରକୁ ଘଉଡାଇବା ପାଇଁ ଉଦ୍ୟମ ଚଳାଇଛନ୍ତି ।

## ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ପୁରୀରେ ୧୩ଟି ପିଙ୍କ ବୁଥ

ପୁରୀ,୧୫/୨ (ନି.ପ୍ର): ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଜିଲ୍ଲାରେ ୧୩ଟି ପିଙ୍କ ବୁଥ ପ୍ରସ୍ତୁତ କରାଯାଇଛି । ଉକ୍ତ ମତଦାନ କେନ୍ଦ୍ରରେ ପ୍ରିଜାଇଡିଂ, ପୋଲିଂ ଏବଂ ସୁରକ୍ଷା କର୍ମୀ ଭାବେ କେବଳ ମହିଳା ଅଧିକାରୀମାନେ ହିଁ ପୋଲିଂ ପାର୍ଟି ଭାବେ ମୁତୟନ ହେବେ । କେବଳ ପିପିଲି ବ୍ଲକରେ ତିନୋଟି ମହିଳା ମତଦାନ କେନ୍ଦ୍ର ଥିବାବେଳେ ଅନ୍ୟ ବ୍ଲକ ଗୁଡିକରେ ପ୍ରତ୍ୟେକ ଗୋଟିଏ ମହିଳା ପୋଲିଂ ପାର୍ଟି ଥିବା ମତଦାନ କେନ୍ଦ୍ର ରହିଛି । ପୁରୀ ସଦର ବ୍ଲକର ଗୋପିନାଥପୁର ପଞ୍ଚାୟତର ୫ନଂ ୱାର୍ଡ, କାକଟପୁର ବ୍ଲକର ଓଥକା ପଞ୍ଚାୟତର ୩ନଂ ୱାର୍ଡ, କଣାସ ବ୍ଲକର କଣାସ ପଞ୍ଚାୟତର ୭ନଂ ୱାର୍ଡ, କୃଷ୍ଣପ୍ରସାଦର ନୂଆପଡା ପଞ୍ଚାୟତର ୨ନଂ ୱାର୍ଡ, ସତ୍ୟବାଦୀର ପେଣ୍ଠପଡା ପଞ୍ଚାୟତର ୬ନଂ ୱାର୍ଡ, ଡେଲାଙ୍ଗ ବ୍ଲକର ଗଡମୋଟରି ପଞ୍ଚାୟତର ୧୨ନଂ ୱାର୍ଡ, ବ୍ରହ୍ମଗିରିର ବ୍ରହ୍ମଗିରି ପଞ୍ଚାୟତର ୧୩ନଂ ୱାର୍ଡ, ଅସ୍ତରଙ୍ଗ ବ୍ଲକର ଅସ୍ତରଙ୍ଗ ପଞ୍ଚାୟତର ୮ନଂ ୱାର୍ଡ, ନିମାପଡାର ତେରୁଣ୍ଡିଆ ପଞ୍ଚାୟତର ୧୬ନଂ ୱାର୍ଡ, ଗୋପର ଗୋପ ପଞ୍ଚାୟତର ୩ନଂ ୱାର୍ଡ ଏବଂ ପିପିଲି ବ୍ଲକର ଦାଣ୍ଡମୁକୁନ୍ଦପୁର ପଞ୍ଚାୟତର ୬,୮ ଏବଂ ୧୧ନଂ ୱାର୍ଡ ପିଙ୍କ ବୁଥ ଭାବେ ପ୍ରସ୍ତୁତ କରାଯାଇଛି । ଅଧିକ ସଂଖ୍ୟରେ ମତାଧିକାର ସାବ୍ୟସ୍ତ କରିବା ନିମନ୍ତେ ମହିଳା ମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି ।

## ଜିରାଳରେ ପ୍ରତିମା ସେନାପତିଙ୍କ ଜୋରଦାର ପ୍ରଚାର

ଭୁବନ,୧୫/୨ (ନି.ପ୍ର): ଭୁବନ ବ୍ଲକ ଅନ୍ତର୍ଗତ ଜିରାଳ ପଂଚାୟତ ରେ ନିର୍ବାଚନ ବାତାବରଣ ଧିରେଧିରେ ଉଷ୍ମ ହେଉଥିବା ବେଳେ ପ୍ରାର୍ଥୀ ମାନଙ୍କ ପ୍ରଚାର ଜୋରଦାର ହେବାରେ ଲାଗିଛି । ମହିଳା ଙ୍କ ପାଇଁ ସଂରକ୍ଷିତ ଏହି ଆସନରେ ଚଳିତ ଥର ୩ ଜଣ ପ୍ରାର୍ଥୀ ସମିତି ସଭ୍ୟ ପଦବୀ ପାଇଁ ପ୍ରତିଦ୍ୱନ୍ଦିତା କରୁଛନ୍ତି । ସେମାନଙ୍କ ମଧ୍ୟରୁ ପ୍ରତିମା ସେନାପତି(କେଟିଲ) , ସସ୍ମିତା ପରିଡା( ଷ୍ଟୁଲ ) ଓ ସୁମିତ୍ରା ନାୟକ( ବସ ) ଚିହ୍ନରେ ନିର୍ବାଚନ ଲଢୁଛନ୍ତି । ତ୍ରିମୁଖୀ ପ୍ରତିଦ୍ୱନ୍ଦିତା ସତ୍ୱେ ପ୍ରତିମା ସେନାପତି ପ୍ରଚାରରେ ଆଗୁଆ ରହିଥିବା ଲକ୍ଷ୍ୟ କରାଯାଉଛି । ତାଙ୍କ ସ୍ୱାମୀ ଯୁବ ସମାଜସେବୀ ସଂଜୟ ବେହେରାଜଣେ ଶାନ୍ତ , ସରଳ, ଭଦ୍ର, ନମ୍ର ସ୍ୱଭାବର ବ୍ୟକ୍ତି ଓ ଜଣେ ଯୁବ ସମାଜସେବୀ ଭାବେ ଅଂଚଳରେ ପରିଚିତ । ଭୁବନ ବ୍ଲକର ସୀମାନ୍ତ ତଥା ଉପାନ୍ତ ଅଂଚଳ ଭାବେ ପରିଚିତ ଜିରାଳ ପଂଚାୟତ ଟି ସଦା ସର୍ବଦା ବ୍ଲକ ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଥାଏ । ପ୍ରତି ଘରକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ, ପ୍ରତି ସାହିରେ କଂକ୍ରିଟ ରାସ୍ତା ଓ ଆଲୋକୀକରଣ, ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ପଂଚାୟତ ବୃତି ଯୋଜନା, ଗରିବ କନ୍ୟା ବିବାହ ଯୋଜନା, ଖେଳ ପଡିଆ , କୃଷି ଓ କୃଷକ ମାନଙ୍କର ଉନ୍ନତି, ଯୋଗ୍ୟ ହିତାଧିକାରୀଙ୍କୁ ବିନା ଲାଂଚରେ ଭତା, ରାସନକାର୍ଡ ଓ ଆବାସ ଯୋଜନା ରେ ଘର ଯୋଗାଇ ଦେବାକୁ ପ୍ରତିଶୃତି ଦେଇ ମୋହନ ନିଜର ଜୋରଦାର ପ୍ରଚାର ଚଳାଇଛନ୍ତି । ସରପଂଚ ପଦବୀ ପାଇଁ ଅମରେଶ ପ୍ରସାଦ ରାଉଳ (ଖୋଲାବହି), ଉଦୟନାଥ ଲେଙ୍କା (ମାଛ) ଓ ଗଙ୍ଗାଧର ନାୟକ (ସୂର୍ଯ୍ୟ )ଚିହ୍ନରେ ଲଢୁଛନ୍ତି । ଅମରେଶ ଓ ଉଦୟ ଙ୍କ ମଧ୍ୟରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦିତା ସ୍ପଷ୍ଟ ହୋଇଛି ।

## ନାବାଳିକା ଦୁଷ୍କର୍ମକାରୀକୁ ୧୦ ବର୍ଷ ଜେଲ ଦଣ୍ଡ

କେନ୍ଦୁଝର,୧୫/୨ (ନି.ପ୍ର): କେନ୍ଦୁଝର ର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ତଥା ସ୍ୱତନ୍ତ୍ର ବିଚାରପତି ଏସ.ତ୍ରିପାଠୀ ସୋମବାର ଦିନ ଏକ ଦୁଷ୍କର୍ମ ମାମଲାର ଶୁଣାଣୀ କରି ଜଣେ ଦୁଷ୍କର୍ମ କାରୀକୁ ୧୦ବର୍ଷ ଜେଲ ଦଣ୍ଡ ଦେବା ସହ ୧୦ ହଜାର ଟଙ୍କା ଜୋରିମାନା ଆଦେଶ କରିଛନ୍ତି । ଏବଂ ଜୋରିମାନା ଅନାଦେୟ ଆଉ ଅଧିକ ୧ବର୍ଷ ଜେଲ ଦଣ୍ଡ ଭୋଗିବାକୁ ପଡିବ । ସୂଚନଯୋଗ୍ୟ ଯେ, ତେଲକୋଇ ଥାନା ଅନ୍ତର୍ଗତ ଉରିଆ ଗ୍ରାମର ଜଣେ ୧୨ ବର୍ଷର ନାବାଳିକା ରବିବାର ଦିନ ହଷ୍ଟେଲରୁ ଘରକୁ ଆସିଥିଲେ । ଉକ୍ତ ଦିନ ସେ ଛେଳି ଚରାଇବାକୁ ଗାଁ ନିକଟ ଏକ ଝରଣା ପାଖକୁ ଯାଇଥିଲେ । ସେଠାରେ ତାଙ୍କୁ ଏକୁଟିଆ ପାଇ ଦିନ ପ୍ରାୟ ୧୧ଟା ସମୟରେ ଉକ୍ତ ଗ୍ରାମର ପୂର୍ଣ୍ଣଚନ୍ଦ୍ର ମହାନ୍ତ ଗୋଡହାତ ବାନ୍ଧି ବଳପୂର୍ବକ ଦୁର୍ଷ୍କମ କରିଥିଲେ । ଏ ସଂପର୍କରେ ନାବାଳିକା ଜଣକ ତାଙ୍କ ମା' ଙ୍କୁ କହିବା ସହ ତେଲକୋଇ ଥାନାର ଥାନାରେ ଅଭିଯୋଗ ଦାଏର କରିଥିଲେ । ପୀଡିତାଙ୍କ ଏତଲାକୁ ଆଧାର କରି ପୋଲିସ କେସ ନଂ ୧୩୦/ ୧୩.୧୨.୨୦୧୫ରେ ଏକ କେସ ରୁଜ୍ଜୁ କରି ଅଭିଯୁକ୍ତ ପୂର୍ଣ୍ଣ ଚନ୍ଦ୍ର ମହାନ୍ତ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ସୋମବାର ଏହି ମାମଲାର ଶୁଣାଣୀ କରାଯାଇ ୧୨ ଜଣ ସାକ୍ଷୀ ଓ ପ୍ରମାଣ କୁ ଭିତି କରି ଏ.ଡି .ଜେ ତଥା ସ୍ୱତନ୍ତ୍ର ପୋକ୍ସ କୋର୍ଟ ବିଚାରପତି ଏସ. ତ୍ରିପାଠୀ ବଳାତ୍କାରୀ ଙ୍କୁ ୧୦ ବର୍ଷ ଜେଲ ଦଣ୍ଡାଦେଶ କରିଛନ୍ତି ।

## ଗୋଦାମ ଗୃହରେ ଅଗ୍ନିକାଣ୍ଡ: ବିଦ୍ୟୁତ ସଟ ସର୍କିଟରେ ଅଗ୍ନିକାଣ୍ଡ

ନୂଆପଡ଼ା,୧୫/୨ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ୱାର୍ଡ ନଂମ୍ବର ୬ ରେ ଏକ ଗୋଦାମ ଗୃହରେ ଅଗ୍ନିକାଣ୍ଡ, ବିଦ୍ୟୁତ ସଟ ସର୍କଟ ରେ ଅଗ୍ନିକାଣ୍ଡ ଯୋଗୁ ଗୋଦାମ ଗୃହ ପୋଡି ନଷ୍ଟ ହୋଇଅଛି । ଘଟଣାସ୍ଥଳରେ ଗ୍ରାମବାସୀ ମାନେ ଅଗ୍ନି ଉପରେ ଆୟତ୍ତ ଚେଷ୍ଟା କରୁଥିବା ବେଳେ ଖଡ଼ିଆଳ ଦମକଳ ବାହିନୀ ଆସି ଅଗ୍ନି ଉପରେ ଆୟତ୍ତ ପାଇଥିଲେ । ଅନେକ ସାମଗ୍ରୀ ପୋଡି ନଷ୍ଟ ହୋଇଅଛି । ସ୍ୱର୍ଗତ ଜିହତ ରାମ ପଟେଲଙ୍କ ଘରେ ଅଗ୍ନିକାଣ୍ଡ ହୋଇଅଛି ।

## କନ୍ଧମାଳ ଜିଲ୍ଲାର ବିଭିନ୍ନ ଅଂଚଳରେ କୁଷ୍ଠ ନିରାକରଣ ପକ୍ଷ ପାଳିତ

କନ୍ଧମାଳ,୧୫/୨ (ନି.ପ୍ର): କନ୍ଧମାଳ ଜିଲ୍ଲାରେ କୁଷ୍ଠ ନିରାକରଣ ପକ୍ଷ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଜାନୁଆରୀ ମାସ ୩୦ ତାରିଖଠାରୁ ଆରମ୍ଭ କରାଯାଇ ଫେବୃଆରୀ ମାସ ୧୩ ରତାରିଖ ପର୍ଯ୍ୟନ୍ତ ଜିଲ୍ଲାର ପୌରାଂଚଳ,ବିଜ୍ଞାପିତ ଅଂଚଳର ଏବଂ ସମସ୍ତ ବ୍ଲକ ଓ ପଂଚାୟତ ସ୍ତରରେ କୁଷ୍ଠ ମୁକ୍ତ ଗାଁ ଅଭିଯାନ ପାଳନ କରାଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ମନୋରଞ୍ଜନ ଉପାଧ୍ୟାୟଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡ.କଲ୍ୟାଣି ମିଶ୍ର,ଜିଲ୍ଲାରେ କୁଷ୍ଠ ରୋଗ ନିରାକରଣ ଦାୟୀତ୍ୱରେ ଥିବା ଡା.ବସନ୍ତ କୁମାର ପାତ୍ର,ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ଶ୍ୟାମାପ୍ରସାଦ ପାଣିଗ୍ରାହୀ ପ୍ରମୁଖ ଜିଲ୍ଲାର ବିଭିନ୍ନ ଅଂଚଳରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସମୟରେ ଯୋଗ ଦେଇ ଲୋକଙ୍କୁ ସଚେତନ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ଅଂଚଳର ଆଶା କର୍ମି,ଅଂଗନବାଡି କର୍ମି,ମହିଳା ଏବଂ ପୁରୁଷ ସ୍ୱାସ୍ଥ୍ୟ କର୍ମି,ବ୍ଲକ କୁଷ୍ଠ କର୍ମଚାରୀ ମନେ ଘରକୁ ଘର ବୁଲି କୁଷ୍ଠ ରୋଗର ଲକ୍ଷଣ ଥିବା ବ୍ୟକ୍ତି ମାନଙ୍କୁ ଚିହ୍ନଟ କରିବାସହିତ ସେମାନଙ୍କୁ କିଭଳି ଭାବରେ ସେମାନଙ୍କର ସ୍ୱାସ୍ଥ୍ୟର ଜତ୍ନ ନେବେ ସେଥିପାଇଁ ସେମାନଙ୍କୁ ମାଗଣାରେ ଔଷଧ ଯୋଗାଇ ଦିଆଯାଉଛି । ଏହାସହିତ ଗୋଷ୍ଠୀ ସ୍ତରରେ କୁଷ୍ଠ ରୋଗର ମୁଳପ୍ରାଟନ କରିବାକୁ ସଚେତନତା ଓ ଶପଥ ପାଠ କରାଯାଇଥିଲା । ଶରୀରରେ ଈସତ୍ ତମ୍ବାଳିଆ ଚିହ୍ନ,କାନ ଓ ଦେହରେ ଗୁଳା ହୋଇ ଦେଖାଯିବା,ଚର୍ମ ମୋଟାଳିଆ ଏବଂ ଚିକ୍କଣ ଦେଖାଯିବା, ଆଖି ବୁଜିବାରେ ଅସୁବିଧା ହେବା, ପାପୁଲି ଓ ପାଦରେ ବହୁଦିନ ଧରି ଘାଆ ହୋଇଥିବା,ଅଙ୍ଗୁଠି ବଙ୍କା ହୋଇଥିବା,ପାଦ ଓ ହାତ ଝୁଲିପଡୁଥିବା, ହାତ ଓ ପାଦ ଝିମା ହେଉଥିବା ସହିତ ବଧିରା ହୋଇ ପଡୁଥିବା,ସ୍ପର୍ଶ ଶକ୍ତି ନଥିବା ଭଳି ଅନୁଭବ ହେବା,ଶରୀରର କୌଣସି ଅଙ୍ଗରେ ଗରମ କିମ୍ବା ଥଣ୍ଡା ଅନୁଭବ ନହେବା, ପାଦ ଓ ହାତ ଦୁର୍ବଳ ଲାଗିବା,କୌଣସି ଜିନିଷ ଉଠାଇବାରେ ଆସୁବିଧା ଅନୁଭବ କରିବା ଭଳି କୌଣସି ଲକ୍ଷଣ ଦେଖାଗଲେ ତୁରନ୍ତ ଆଶା କିମ୍ବା ସ୍ୱସ୍ଥ୍ୟ କର୍ମି ମାନଙ୍କ ସହାୟତା ରେ ଡାକ୍ତରଖାନାକୁ ଯାଇ ଡାକ୍ତରଙ୍କ ପରାମର୍ଶ ନେବା ସହିତ ଏମଡିଟି ବଟିକା ନିୟମିତ ଭାବରେ ଖାଇଲେ କୁଷ୍ଠ ରୋଗ ଯୋଗୁଁ ହାତ ଓ ଗୋଡ ବଙ୍କା ହେବା ସହିତ ବିକଳାଙ୍ଗ ହେବା ଭଳି ଅସୁବିଧାରୁ ରକ୍ଷା ମିଳି ଥାଏ ବୋଲି ଲୋକଙ୍କୁ ସଚେତନ କରାଯାଇଛି । ଏହି ୧୫ ଦିନ ବ୍ୟାପି କାର୍ଯ୍ୟକ୍ରମକୁ ଦାୟୀତ୍ୱରେ ଥିବା ନନ୍ ମେଡିକାଲ ସୁପରଭାଇଜର ସୁବ୍ରତ କୁମାର ଶତପଥି ପରିଚାଳନା କରିଥିଲେ ।

## ଓଚିନ୍ଦା ଗୋପିନାଥ ଜୀଉ ମନ୍ଦିର ଗର୍ଭଗୃହ ପୂରଣ ଉତ୍ସବ

କୋରେଇ,୧୫/୨ (ନି.ପ୍ର): ପଥରପଦା ପଂଚାୟତ ଅନ୍ତଗତ ଓଚିନ୍ଦା ଗ୍ରାମର ଆରାଧ୍ୟ ଦେବତା ବାବା ଗୋପିନାଥ ଜୀଉଙ୍କ ମନ୍ଦିର ନିର୍ମାଣ ଚାଲୁଥିବା ବେଳେ ଆଜି ଗର୍ଭଗୃହ ପୂରଣ ଦିବସ ପାଳିତ ହୋଇଛି । ସମସ୍ତ ନିତୀକାନ୍ତି ଅନୁଯାୟୀ ପ୍ରତ୍ୟୁଷରୁ କଳସବୁଡ ଓ ପୂଜାକାର୍ଯ୍ୟ ସହ ଯଜ୍ଞ କରାଯିବା ପରେ ରର୍ଭଗୃହରେ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ସୁନା,ରୂପା, ଲୁହା, ତମ୍ବା, ଧାନ ଆଦି ଦେଇ ପୂରଣ କରିଥିଲେ । ଏକ ଆଧ୍ୟାତ୍ମିକ ପରିବେଷରେ ନାମ ସଂକୀର୍ତନ ସହ ସମୁହ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା । ପୂଜକ ଭାବେ ପରମାନନ୍ଦ ସତପଥି, ରଘୁନାଥ ପାଢୀ, ମୋହନ ଚରଣ ପାଢୀ, ରଧାକାନ୍ତ ସତପଥି ପ୍ରମୁଖ ଯୋଗଦେଇଥିଲେ । କର୍ତା ଭାବେ କୃଷ୍ଣ ଚନ୍ଦ୍ର ପାଢୀ ସସ୍ତ୍ରୀକ ପୂଜାର୍ଚ୍ଚନା କରିଥିବା ବେଳେ କୁଳମଣୀ ମହାରଣା, ପଦନାଭ ମିର୍ଦ୍ଧା କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ବାବୁଲା ଦାସ, ଗୋପାଳ ଚନ୍ଦ୍ର ସାହୁ, ଜୟୀରାମ ଆରଣ, ସୁରେଶ ଧଳ, ଅଚ୍ୟୁତାନନ୍ଦ ସାହୁ, ନଣ୍ଡା ଦାସ, ନାରଣ ପୁରୀ ପ୍ରମୁଖ କଳସ ବୁଡା ପୂଜାରେ ଯୋଗ ଦାନ କରିଥିବା ବେଳେ ସମସ୍ତ ଗ୍ରାମବାସୀ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବା ସହ ଏହାର ସମାପନ କରିଥିଲେ ।

# କଳା ଚା'ର ଉପକାରିତା



ଭାରତର ଯେ କୌଣସି ପ୍ରାନ୍ତକୁ ଗଲେ, ସେଠାରେ ଚା'ର ଆଦର ଦେଖିବାକୁ ମିଳେ । ଯୁବକ ଠାରୁ ବୟସ୍କ ସମସ୍ତେ ସକାଳ-ସନ୍ଧ୍ୟାରେ କପେ ଚା' ପିଇବାକୁ ଆଦୌ ଆଗ୍ରାହ୍ୟ କରିନଥାନ୍ତି । ବିଶେଷଜ୍ଞଙ୍କ ମତରେ ଅଦା ଚା', ନାଲି ଚା', କଳା ଚା' ଇତ୍ୟାଦି ସ୍ୱାସ୍ଥ୍ୟ ପାଇଁ ଖୁବ୍ ହିକାରୀ । ନିକଟରେ ହୋଇଥିବା ଅନୁସନ୍ଧାନରୁ ପ୍ରମାଣିତ ହୋଇଛି ଦୈନିକ ଅତିକମ୍‌ରେ ଗୋଟିଏ କପ୍ କଳା ଚା', ପିଇଲେ ସ୍ମୃତିଭ୍ରମ (ଡିମେନ୍‌ସିୟା) ଓ ଆଲଜାଇମର୍ ହେବାର ଭୟ କମ୍ ହୋଇଥାଏ । କଳା ଚା'ରେ ପ୍ରଚୁର ପରିମାଣରେ ଫ୍ଲେବେନଲ୍ସ ଥାଏ, ଏହି ପୋଷକତତ୍ତ୍ୱ ମସ୍ତିଷ୍କକୁ ସୁସ୍ଥ ରଖିବାରେ ଖୁବ୍ ସହାୟକ । ଚିକାଗୋସ୍ଥିତ ରସ୍ ବିଶ୍ୱବିଦ୍ୟାଳୟର ଗବେଷକ ସମୂହ ୯୧୨ ଜଣ ବୟସ୍କ ବର୍ଗଙ୍କୁ ଗବେଷଣାରେ ସାମିଲ କରିବା ସହ ୧୨ ବର୍ଷ ସେମାନଙ୍କୁ ଅନୁଧ୍ୟାନ କରାଯାଇଥିଲା । ନିୟମିତ ଭାବେ ସେମାନଙ୍କ ଖାଦ୍ୟପାନୀୟର ସବିଶେଷ ତଥ୍ୟ ନିଆଯାଇଥିବାର ଗବେଷକଙ୍କ ମତ । ଏକ ଲମ୍ବା ସମୟ ପରୀକ୍ଷା ପରେ ସ୍ପଷ୍ଟ ହୋଇଥିଲା, ଯେଉଁ ବ୍ୟକ୍ତିମାନେ ନିୟମିତ ଭାବେ ଫ୍ଲେବେନଲ୍ସ ତତ୍ତ୍ୱଥିବା ଖାଦ୍ୟପାନୀୟ ସେବନ କରୁଥିଲେ, ସେମାନଙ୍କ ଠାରେ ଆଲଜାଇମର୍ ଓ ଡିମେନ୍‌ସିୟାର କୌଣସି ଲକ୍ଷଣ ଦେଖାଯାଇନଥିଲା । ଏହି ବର୍ଗର ବ୍ୟକ୍ତିମାନେ ସକାଳବେଳା ଅଦା ଚା' ନଚେତ୍ କଳା ଚା' ପିଇବାରେ ଅଭ୍ୟସ୍ତ ଥିଲେ । ଅନ୍ୟପାଖେ ଯେଉଁମାନଙ୍କର ଚା' ପାନୀୟ ପିଇବାରେ ଆଗ୍ରହ ନଥିଲା, ସେହିମାନେ ହିଁ ଡିମେନ୍‌ସିୟା ରୋଗୀ ସମୟକ୍ରମେ ଯୋଇଥିବାର ଗବେଷକ କହିଛନ୍ତି । ଫ୍ଲେବେନଲ୍ସ ଥିବା ନାସପାତି, ବ୍ରୋକୋଲି, ଅଦା, କଳା ଚା', କମଳା ଇତ୍ୟାଦି ଆବଶ୍ୟକ ପରିମାଣରେ ନିଜ ଡଏଟ୍ ତାଲିକାରେ ସାମିଲ କରି ଏକ ସୁସ୍ଥ ଜୀବନ ଅତିବାହିତ କରନ୍ତୁ ।

# ଏହି ୪ଟି ଶାରୀରିକ ସମସ୍ୟା ଦୂର କରିବା ପାଇଁ ଦୈନିକ ଖାଆନ୍ତୁ କେବଳ ୪ଟି ଆଲମଣ୍ଡ

**ଆଲମଣ୍ଡ ଖାଇବା ଦ୍ୱାରା ଶରୀରର ଅନେକ ସମସ୍ୟା ଦୂର ହୋଇଥାଏ । ସକାଳୁ ଉଠି ଖାଲି ପେଟରେ ଆଲମଣ୍ଡ ଖାଇବା ଦ୍ୱାରା ଶରୀରର ଅନେକ ସମସ୍ୟା ସହଜରେ ଦୂର ହୋଇ ଯାଇଥାଏ । ସବୁଠାରୁ ବଡ଼ କଥା ହେଲା ଆଲମଣ୍ଡ ଖାଇବା ଦ୍ୱାରା ମସ୍ତିଷ୍କ ସକ୍ରିୟ ଭାବେ କାମ କରିଥାଏ । ଆସନ୍ତୁ ଜାଣିବା ଏହାର ଫାଇଦା ବିଷୟରେ...**

କୋଲେଷ୍ଟ୍ରଲ ଶରୀର ପାଇଁ ଜରୁରୀ । କିନ୍ତୁ ଏହାର ମାତ୍ରା ଅଧିକ ହେବା ଦ୍ୱାରା ଅନେକ ଶାରୀରିକ ସମସ୍ୟା ଦେଖାଯିବାକୁ ଲାଗିଥାଏ । ଏଭଳି ପରିସ୍ଥିତିରେ ଆଲମଣ୍ଡ ଖାଇବା ଦ୍ୱାରା ସେଥିରେ ଥିବା ଭିଟାମିନ ଏବଂ ମୋନୋ ସାଚୁରେଟେଡ୍ ଫ୍ୟାଟ୍‌ସ ଖରାପ କୋଲେଷ୍ଟ୍ରଲକୁ କମ କରି ଶରୀରକୁ ସୁସ୍ଥ ରଖିଥାଏ । ଯଦି ଆପଣ ନିଜର କେଶକୁ ବଢ଼ାଇବାକୁ ଚାହୁଁଛନ୍ତି, ତେବେ ସବୁବେଳେ ଆଲମଣ୍ଡ ଖାଇବା ଆରମ୍ଭ କରନ୍ତୁ । ଏହା କେଶ ଝଡ଼ିବା ରୋକିବା ସହ ଶକ୍ତ କରିଥାଏ । ଆଲମଣ୍ଡ ଖାଇବା ଦ୍ୱାରା କେଶ ଶୀଘ୍ର ଧଳା ହୋଇ ନଥାଏ । ଯଦି ଆପଣ ସକାଳ ସମୟରେ ପାଣିରେ ବତୁରା ଯାଇଥିବା ଆଲମଣ୍ଡକୁ ଖାଉଛନ୍ତି, ତେବେ ଆପଣଙ୍କ ଚର୍ବି କମ ହୋଇଯିବ । କାରଣ ଆଲମଣ୍ଡ ଖାଇବା ଦ୍ୱାରା ଏଥିରେ ଥିବା ମନୋସାଚୁରେଟେଡ୍ ଫ୍ୟାଟ୍ ଭୋକ ଲାଗିବାକୁ ଦେଇ ନଥାଏ । ଆଲମଣ୍ଡରେ ଅଧିକ ମାତ୍ରାରେ ପୋଟାସିୟମ ଏବଂ ସୋଡିୟମ ରହିଥାଏ । ଯାହାଦ୍ୱାରା ଶରୀରରେ ରକ୍ତ ସଞ୍ଚାଳନ ଠିକ ଭାବରେ ହୋଇଥାଏ ।



# ହାତୀଙ୍କ ଗବେଷଣାରୁ ମିଳିବ ନୂତନ ତଥ୍ୟ



ସମସ୍ତ ପ୍ରାଣୀଙ୍କ ଶରୀର ସଂରଚନା ଭିନ୍ନଭିନ୍ନ । ଠିକ୍ ସେହିପରି ହାତୀର ମଧ୍ୟ । ମନୁଷ୍ୟ ତୁଳନାରେ ହାତୀର ଶରୀରରେ ୧୦୦ ଗୁଣ ଅଧିକ କୋଷିକାମାନ ରହିଛି । ହେଲେ ହାତୀଙ୍କୁ କର୍କଟ ରୋଗ ହେବାର ଖୁବ୍ କମ୍ ଦେଖାଯାଇଥାଏ ବୋଲି ବିଶେଷଜ୍ଞ ପ୍ରକାଶ କରିଛନ୍ତି । ଯେଉଁ ପ୍ରାଣୀ ଶରୀରରେ ଯେତେ ଅଧିକ ସଂଖ୍ୟକ କୋଷିକା, ସେମାନଙ୍କୁ କର୍କଟ ହେବାର ଆଶଙ୍କା ସେତେ ଅଧିକ ବୋଲି ଗବେଷକଦଳଙ୍କ ମତ । ଏହା ସହ ହାତୀମାନେ ୬୦-୭୦ ବର୍ଷ ଜୀବିତ ରହୁଥିବାରୁ ସେମାନଙ୍କ ଶରୀରରେ କୋଷିକା ବୃଦ୍ଧି ହେବାର ମଧ୍ୟ ସମ୍ଭାବନା ରହିଛି । ବ୍ରିଟେନ୍ ଗବେଷକ ରିଚାର୍ଡ ପେଟୋଙ୍କ ମତରେ ୧୯୭୭ ରେ ସେ ପ୍ରଥମେ ଜାଣିବାକୁ ପାଇଥିଲେ ଯେ ହାତୀର ଶରୀର ସଂରଚନା ଭିନ୍ନ । ଏକ ଲମ୍ବା ସମୟ ଗବେଷଣା କରିବା ପରେ ସ୍ପଷ୍ଟ ହୋଇଥିଲା ଯେ ହାତୀ ମଧ୍ୟ କର୍କଟ ରୋଗରେ ଆକ୍ରାନ୍ତ ହୁଏ । ହେଲେ ତା' ଶରୀରର ଆଭ୍ୟନ୍ତରୀଣ ଗଠନ ଏଭଳି ଯେ କର୍କଟ ରୋଗ ବୃଦ୍ଧି ହୋଇପାରେନି । ଟ୍ୟୁମର୍ କୋଷିକାକୁ ବଢିବା ଓ ପ୍ୟାପିବାକୁ ହାତୀର ଆଭ୍ୟନ୍ତରୀଣ ସଂରଚନା ମୂଳରୁ ହିଁ ବାଧାପ୍ରାପ୍ତ କରେ । ବର୍ତ୍ତମାନ ଗବେଷକଦଳ ଏଇ ତଥ୍ୟ ସାହାଯ୍ୟରେ ମନୁଷ୍ୟର କର୍କଟ ରୋଗ ଉପଚାର କରିବାକୁ ଚେଷ୍ଟା କରୁଛନ୍ତ ।

# ହାର୍ଟ ବାଇପାସ ସର୍ଜରୀ




Normal heart and artery

Artery with plaque buildup

ହାର୍ଟ ବାଇପାସ୍ ସର୍ଜରୀ ବା କୋରୋନାରୀ ଗ୍ରାଫ୍‌ଟ (ସିଏବିଜି) ଏକ ସର୍ଜିକାଲ ପ୍ରକ୍ରିୟା ଯେଉଁଥିରେ ହାର୍ଟରେ ପୁରା ଆଂଶିକ ଭାବରେ ବ୍ଲକ ହୋଇଥିବା ସ୍ନାୟୁର ଗୋଟେ ବିଭାଗର ପାଖରେ ବ୍ଲଡ ସର୍କ୍ୟୁଲେସନ ପୁଣି ଥରେ କରିବା ପାଇଁ କରାଯାଇଥାଏ । ସର୍ଜିକାଲ ପ୍ରୋସେସରେ ରୋଗୀର ହାତ ବା ଗୋଡରୁ ଏକ ସୁସ୍ଥ ସ୍ନାୟୁ ନେବା ଓ ଖରାପ ସ୍ନାୟୁର ସ୍ଥାନରେ ସୁସ୍ଥ ସ୍ନାୟୁକୁ ଯୋଡାଯାଏ । ହାର୍ଟ ବାଇପାସ ସର୍ଜରୀ କେବଳ ହାର୍ଟର ବ୍ଲଡପ୍ରେସର ବ୍ୟାଘାତ ପାଇଁ କରାଯାଏ ନାହିଁ, ଏହାର ବ୍ୟବହାର ଛାତିରେ ହେଉଥିବା ଯନ୍ତ୍ରଣା ଓ ନିଶ୍ୱାସ ନେବାରେ ବ୍ୟଧାପ୍ରାପ୍ତ ହେବାଯୋଗୁଁ ହେଉଥିବା କଷ୍ଟ ଓ ସମସ୍ୟକୁ କମ୍ କରାଯାଏ ବା ଦୂରକରାଯିବା ପାଇଁ କରାଯାଏ । ସ୍ନାୟୁରେ ବ୍ଲଡ ହେବା ଦ୍ୱାରା ସ୍ନାୟୁ ସଙ୍କୁଚିତ ହୋଇଯାଏ । ଯାହାଦ୍ୱାରା ପରବର୍ତ୍ତୀ ସମୟରେ ବ୍ଲଡ ପ୍ରେସରରେ ବାଧାପ୍ରାପ୍ତ ହୁଏ । ଯେବେ ଏପରି ହୁଏ, ହାର୍ଟକୁ ବ୍ଲଡ ମିଳେନାହିଁ ଓ ତାହା ଠିକ୍ ଭାବରେ କାମ କରେ ନାହିଁ । ଏହାକୁ ଏଥେରୋ ସ୍କେଲରୋସିସ କୁହାଯାଏ । ଏହା ଏକ ଏପରି ସ୍ଥିତି ଯାହାକୁ ଠିକ୍ କରିବାକୁ ଏଞ୍ଜିଓପ୍ଲୋଷ୍ଟି ଉପଚାର ମଧ୍ୟ କରାଯାଏ । ଏଞ୍ଜିଓପ୍ଲୋଷ୍ଟିର ଅର୍ଥ ସ୍ନାୟୁରେ ଏକ ଟ୍ୟୁବ ଦେଇ ରକ୍ତ ସଂଚାଳନକୁ ସାମାନ୍ୟ କରିବାକୁ ଏକ ପ୍ରକ୍ରିୟା । ଏହି ଟ୍ୟୁବ ଗୋଟେ ବେଲୁନ ଦ୍ୱାରା ଯୋଡା ହୋଇଥାଏ ଯାହା ଧମନୀକୁ ଖୋଲିବା ପାଇଁ ଫୁଲାଯାଇଥାଏ । ଧମନୀ ଖୋଲିବା ପରେ ତାହାକୁ ହଟେଇ ଦିଆଯାଏ ଓ ଧମନୀକୁ ପୁଣି ପୂର୍ବଅବସ୍ଥାରେ ରଖିବା ପାଇଁ ଷ୍ଟେଣ୍ଟ୍ ଲଗାଯାଏ । ବାଇପାସ୍ ସର୍ଜରୀ ଅପେକ୍ଷା ଏଞ୍ଜିଓପ୍ଲାଷ୍ଟି ଏକ ସୁରକ୍ଷିତ ଉପାୟ କିନ୍ତୁ ଗମ୍ଭୀର ମାମଲାରେ ସ୍ଥିତିକୁ ସମ୍ଭାଳିବା ପାଇଁ ବାଇପାସ ସର୍ଜରୀ କରିବାକୁ ପଡିଥାଏ ।

# ମୋତିର ଆବିଷ୍କାର

ବେଳେବେଳେ ଅଜାଣତରେ ଏପରି କିଛି ଜିନିଷ ହାତକୁ ଆସିଥାଏ, ଯାହାକୁ ନେଇ ମଣିଷ ଆଶ୍ଚର୍ଯ୍ୟ ହୋଇଥାଏ । ଏପରି ଏକ ଘଟଣା ଘଟିଛି ୟୁଏଇର ଆବୁଧାବିରେ । ସେଠାରେ ଖନନ ହେଉଥିବା ସମୟରେ ପୁରାତତ୍ତ୍ୱବିତ୍‌ଙ୍କୁ ୮୦୦୦ ବର୍ଷର ପୁରୁଣା ମୋତି ବୋଲି ଦାବି କରାଯାଉଛି । ମିଡିଆ ରିପୋର୍ଟସ ଅନୁସାରେ ଏହି ମୋତି ମାରବାହ ଦ୍ୱୀପରେ ଖନନ ସମୟରେ ମିଳିଛି । ଏହାର ଦାମ୍ କେତେ ହେବ ଏହା ଜଣାପଡିନାହିଁ । ବିଶେଷଜ୍ଞଙ୍କ ଅନୁସାରେ ପ୍ରାଚୀନ କାଳରେ ମୋତିର କାରବାର ବହୁତ ହେଉଥିଲା । ସେ ସମୟରେ ମେସୋପଟାମିଆଁ (ପ୍ରାଚୀନ ଇରାକ) ସହିତ ଏହି ଦେଶର ମୋତିର ବ୍ୟାପାର ଥିଲା । ସଂସ୍କୃତି ବିଭାଗ ଅନୁସାରେ ଷୋଡଶ ଶତାବ୍ଦୀରେ ଆବୁଧାବି କୂଳରେ ମୋତି ମିଳୁଥିଲା । ପୂର୍ବରୁ ସଂଯୁକ୍ତ ରାଷ୍ଟ୍ରର ଅର୍ଥବ୍ୟବସ୍ଥା ମୋତି କାରବାର ଉପରେ ନିର୍ଭର କରୁଥିଲା । କିନ୍ତୁ ୧୯୩୦ ଦଶକରେ ଜାପାନୀ ସଂସ୍କୃତି ଓ ବିଭିନ୍ନ ପ୍ରକାରର ଆଗମନ ସହିତ ସେଠିକାର ବ୍ୟାପାର ସମ୍ପୂର୍ଣ୍ଣ ଭାବରେ ଧ୍ୱଂସ ପାଇଯାଇଥିଲା ।



# ଆଳୁରୁ ନିର୍ମିତ ଡିଗ୍ରେଡେବଲ ପ୍ଲାଷ୍ଟିକ୍

ଚଣ୍ଡୀଗଡର ଚିତକାରା ବିଶ୍ୱବିଦ୍ୟାଳୟର ଛାତ୍ର ପ୍ରଣବ ଗୋଏଲ ଆଳୁରେ ଥିବା ଷ୍ଟାର୍ଚ୍ଚରୁ ପ୍ଲାଷ୍ଟିକ୍ ପରି ଏକ ନୂଆ ଜିନିଷର ନିର୍ମାଣ କରିଛନ୍ତି । ଏହା ପ୍ଲାଷ୍ଟିକ୍ ପରି ପାରଦର୍ଶୀ । ଦେଖିବାକୁ ଓ ଏହାକୁ ଛୁଇଁଲେ ମଧ୍ୟ ପ୍ଲାଷ୍ଟିକ୍ ପରି ଜଣାପଡୁଛି । ଏହାକୁ ସହଜରେ ମୋଲ୍‌ଡ ଥର୍ମୋପ୍ଲାଷ୍ଟିକ୍ ଯାହା ବର୍ତ୍ତମାନ ଉପଯୋଗ କରାଯାଉଥିବା ପ୍ଲାଷ୍ଟିକ୍ ସହିତ ସାମଞ୍ଜସ୍ୟ ରହୁଛି । ପ୍ରଣବଙ୍କ ଅନୁସାରେ ଏହି ପ୍ଲାଷ୍ଟିକ୍ ଠାରୁ ଆମେ ବୋତଲ, କ୍ୟାରିବ୍ୟାଗ୍ ପରି କୌଣସି ପ୍ରକାରର ପ୍ଲାଷ୍ଟିକ୍ ଜିନିଷ ତିଆରି କରିପାରିବା । ଏଥିରେ ପର୍ଯ୍ୟାବରଣର କୌଣସି ପ୍ରକାରର କ୍ଷତି ହେବ ବଦଳରେ ଏହାର ପର୍ଯ୍ୟାବରଣରେ ଶହେ ପ୍ରତିଶତ ଡିଗ୍ରେଡେବଲ ହୋଇପାରିବ । ଯଦି ପ୍ଲାଷ୍ଟିକ୍ ବଦଳରେ ଏହାର ବ୍ୟବହାର କରାଯିବ ତେବେ ପର୍ଯ୍ୟାବରଣକୁ ରକ୍ଷା କରାଯାଇପାରିବ । ଭାରତରେ ଆଳୁର ଉତ୍ପାଦନ ଅଧିକ ହୁଏ କିନ୍ତୁ ସଠିକ୍ ଉପାୟରେ ନ ରଖିପାରିବାରୁ କିଛି ପରିମାଣରେ ନଷ୍ଟ ମଧ୍ୟ ହୋଇଯାଏ । ସେଥିପାଇଁ ଡିଗ୍ରେଡେବଲ ପ୍ଲାଷ୍ଟିକ୍ ତିଆରି କରିବା ପାଇଁ ନଷ୍ଟ ହୋଇଯାଉଥିବା ଆଳୁର ବ୍ୟବହାର କରାଯାଇପାରିବ । ପ୍ରଣବଙ୍କ ଦଳର ଜଣେ ସଦସ୍ୟଙ୍କ ଅନୁସାରେ ତାଙ୍କର ଏହି ପ୍ରଡକ୍ଟ ପଲିଏଥଲିନ୍ ଓ ପଲିପ୍ରୋପଲିନ୍‌ର ପ୍ରପର୍ଟିଜ୍ ପରି । ଆଳୁରେ ଷ୍ଟାର୍ଚ୍ଚ ୧୮ ପ୍ରତିଶତ ପର୍ଯ୍ୟନ୍ତ ମିଳିଥାଏ ।




# ଶୀଘ୍ର ରାତି ଭୋଜନର ଆବଶ୍ୟକତା

ନିୟମିତ ଭାବେ ଭେଜନ କରିବାର ଏକ ସଠିକ୍ ସମୟ ରଖିବା ଉଚିତ । ଏକ ସୁସ୍ଥ ଜୀବନଶୈଳୀ ନିମନ୍ତେ ଏଡା ପ୍ରମୁଖ ଆବଶ୍ୟକତା ବୋଲି ଖାଦ୍ୟ ବିଶେଷଜ୍ଞଙ୍କ ମତ । ରୋଗମୁକ୍ତ ତଥା ଚାପମୁକ୍ତ ଜୀବନ ଅତିବାହିତ କରିବାକୁ ଚାହୁଁଥିଲେ, ରାତ୍ରିଭୋଜନ ମଧ୍ୟ ଶୀଘ୍ର କରିବା ଜରୁରୀ । ଆଧୁନିକ ଜୀବନଶୈଳୀରେ ପାଦ ଥାପି ଆମମାନଙ୍କ ମଧ୍ୟରୁ ଅଧିକାଂଶ ବିଳମ୍ବିତ ସମୟରେ ରାତ୍ରିଭୋଜନ କରୁଛେ । ନିକଟରେ ହୋଇଥିବା ସର୍ବେକ୍ଷଣରୁ ଜଣାପଡିଛି, ୪୨% ରୁ ଅଧିକ ଲୋକ ପ୍ରତ୍ୟହ ରାତି ୧୦ ଟା ପରେ ଭୋଜନ କରିଥାନ୍ତି । ଏମାନେ ଭୋଜନ କରିବା ପରେ କିଛି ସମୟ ଚଲାବୁଲା ନ କରି ତୁରନ୍ତ ଶୋଇବାକଚ ଉଚିତ୍ ମଣନ୍ତି, ଯାହା କାରଣରୁ ହୃଦ୍‌ରୋଗ୍, ରକ୍ତଚାପ ଇତ୍ୟାଦି ରୋଗରେ ଆକ୍ରାନ୍ତ ହୁଅନ୍ତି ।

ସନ୍ଧ୍ୟା ୬ଟା ରୁ ୭ଟା ମଧ୍ୟରେ ଆପଣ ଭୋଜନ କରିନେବା ସବୁଠୁ ପ୍ରକୃଷ୍ଟ ସମୟ । ଏହା ସହ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଗରିଷ୍ଠ ଭୋଜନ ଠାରୁ ଦୂରେଇ ରୁହନ୍ତୁ । ଦିନବେଳା ବିଭିନ୍ନ ରକମର ସୁଆଦିଆ ବ୍ୟଞ୍ଜନ ଖାଇଲେ ତାହା ହଜମ ହୋଇପାରେ, କିନ୍ତୁ ରାତ୍ରି ଭୋଜନର କିଛି ସମୟ ପରେ ଆମେ ଶୋଇବାକୁ ଯାଉଥିବାରୁ ଭଲଭାବେ ହଜମ ହୋଇନପାରି ବିଭିନ୍ନ ରୋଗର ଆରମ୍ଭ ହୁଏ ।

କଲମ୍ବିଆ ବିଶ୍ୱବିଦ୍ୟାଳୟର ଗବେଷକଦଳ ୧୧୨ ଜଣ ବୟସ୍କ ଲୋକଙ୍କୁ ନେଇ ଏକ ଅନୁଧ୍ୟାନ କରିଥିଲେ । ଏମାନଙ୍କ ମଧ୍ୟରୁ ଯେଉଁମାନେ ଶୀଘ୍ର ରାତିଭୋଜନ କରୁଥିଲେ, ସେମାନେ ସୁସ୍ଥ ଜୀବନ



ଅତିବାହିତ କରୁଥିବାର ଦେଖାଯାଇଥିଲା । ଅନ୍ୟମାନେ ବିଳମ୍ବ ସମୟରେ ଭୋଜନ କରି ହୃଦ୍‌ରୋଗ ରକ୍ତଚାପରେ ଆକ୍ରାନ୍ତ ହୋଇଥିଲେ ।

ମଧୁମେହ ରୋଗ ହେବାର ଏକ ମୁଖ୍ୟ କାରଣ ହେଲା ବିଳମ୍ବିତ ସମୟରେ ଭୋଜନ କରିବା । ଓଜନ ବଢିବା ମାନସିକ ଚାପ ଏସବୁ ମଧ୍ୟ ସମୟକ୍ରମେ ଉପୁଜିଥାଏ ବୋଲି ବିଶେଷଜ୍ଞ ପ୍ରକାଶ କରିଛନ୍ତି ।

ନିଜ ଦୈନନ୍ଦିନ ଜୀବନଶୈଳୀରେ ରାତି ୯ଟା ପୂର୍ବରୁ ନିୟମିତ ଭୋଜନ କରିବା ଏକ ମୁଖ୍ୟ ନିୟମ ବୋଲି ଗ୍ରହଣ କରିବା ଉଚିତ ।

# ସାଧାରଣ ଶାଢିରୁ ଷ୍ଟାଇଲିଶ୍ ଲୁକ୍





**ସବୁ ମହିଳାମାନେ ଭିନ୍ନ ଲୁକ୍ ପାଇଁ ଆଗ୍ରହୀ ଥାଆନ୍ତି । ଏପରିସ୍ଥଳେ ସେମାନେ ବିଭିନ୍ନ ପ୍ରକାରର ଫ୍ୟାସନକୁ ଅନୁସରଣ କରନ୍ତି । ବେଳେବେଳେ ସେମାନେ ଅତି ସାଧାରଣ ଶାଢି ସହିତ ଅନ୍ୟ ଏକ୍ସେସରିଜର ସାହାଯ୍ୟ ନେଇ ନିଜକୁ ଷ୍ଟାଇଲିଶ କରିବାକୁ ଚେଷ୍ଟା କରନ୍ତି । ସେଥିପାଇଁ କିଛି ଶାଢିର ଡିଜାଇନକୁ ଫଲୋ କରନ୍ତୁ ।**

- ପର୍ପଲ ଶେଡର ଅର୍ଗେଞ୍ଜା ଶାଢିରେ ବ୍ଲୁ ରଙ୍ଗରେ ଗୋଲଡେନ ରଙ୍ଗର ଫୋରଲ ଓ୍ୱାର୍କ ହୋଇଥିବା ଶାଢିକୁ ଫୁଲ ସ୍ଲିଭ୍‌ସର ବ୍ଲାଉଜ ସହିତ ମ୍ୟାଚ କରି ପିନ୍ଧନ୍ତି । ଏହା ସହିତ ମେସି ବନ, ମ୍ୟାଚିଙ୍ଗ ଓ ପିଙ୍କ କଲରର ପଏଣ୍ଟେଡ ଟି ହିଲ୍ସ ପିନ୍ଧନ୍ତୁ । ଏହିପରି ବିଭିନ୍ନ ରଙ୍ଗର ଶାଢି ସହିତ ବ୍ଲାଉଜ ଓ ଏକ୍ସେସରିଜ ପିନ୍ଧିପାରିବେ ।
- ଆଜିକାଲି ଚାଲୁଥିବା ପ୍ରିଣ୍ଟେଡ ମଲ୍‌ଟିକଲର ଓ୍ୱିଣ୍ଟେଡ ଶାଢିକୁ ଫ୍ୟାସନ ଡିଜାଇନର ମସାବା ଗୁପ୍ତା ଡିଜାଇନ କରିଛନ୍ତି । ଏହା ସହିତ ଅଫ୍ ସୋଲଡର ବ୍ଲାଉଜ ଓ ଚୋକର ନେକଲେସ ସହିତ ଟିମଅପ କରି ପିନ୍ଧନ୍ତୁ ।
- ଏମ୍ବ୍ରୋଏଡୋରୀ ହୋଇଥିବା ଶାଢିରେ ଗ୍ରେ ରଙ୍ଗର ଷ୍ଟ୍ରାଇପର ହାଫ୍ ସ୍ଲିଭସ ବ୍ଲାଉଜ ସହିତ ପିନ୍ଧିପାରିବେ । ଏହା ସହିତ କେବଳ ନେକଲେସ ପିନ୍ଧିବେ । ଅନ୍ୟ କୌଣସି ଏକ୍ସେସରିଜର ଆବଶ୍ୟକତା ନାହିଁ ।
- ଯଦି କୌଣସି ପାର୍ଟି ଯିବାକୁ ଚାହୁଁଛନ୍ତି, ତେବେ ସ୍କାଏ ବ୍ଲୁ ରଙ୍ଗର ସିଲ୍‌କ ଶାଢି ସହିତ ଡିପ୍ ବ୍ଲୁ ରଙ୍ଗର ପ୍ଲେନ ବ୍ଲାଉଜ, ଚୋକର ନେକଲେସ ଓ ମ୍ୟାଚିଙ୍ଗ ଇଅରରିଙ୍ଗ ପିନ୍ଧନ୍ତୁ । ଏହା ସହିତ ଆଖିରେ ମେକଅପ୍ ଦିଅନ୍ତୁ ଯାହାଦ୍ୱାରା ଆପଣ ଆକର୍ଷଣୀୟ ଦେଖାଯିବେ ।
- ବ୍ଲାକ ରଙ୍ଗର ବିଭିନ୍ନ ଶାଢିକୁ ଆପଣ ଅଲଗା ପ୍ରକାରର ଷ୍ଟାଇଲ ଦେଇପାରିବେ । ବ୍ଲାକ ଆଣ୍ଡ ହ୍ୱାଇଟର ଷ୍ଟାଇପ ଥିବା ମୋନୋକ୍ରୋମ ଶାଢିସ ସହିତ ବ୍ଲାକ ରଙ୍ଗର ପ୍ଲେନ ବ୍ଲାଇଜ, ଧଳା ରଙ୍ଗର ଚୋକର ନେକଲେସ ଓ ଖୋଲା କେଶ ସହିତ ନିଜକୁ ଷ୍ଟାଇଲିଶ ଲୁକ୍ ଦିଅନ୍ତୁ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ମହାଦୁର୍ନୀତି...

ପୃଥିବୀ ମହାମାରୀ ପାଇଁ ବିଶ୍ୱବାସୀ ରୁଦ୍ଧଶ୍ୱାସ ହୋଇସାରିଲେଣି । କରୋନା ସଂକ୍ରମଣ ଜନିତ ପ୍ରତିକୂଳ ପ୍ରଭାବ ସମସ୍ତେ ଭୋଗୁଥିବା ସମୟରେ କତିପୟ ଶିଳ୍ପପତି ସେମାନଙ୍କର ପୁଞ୍ଜି ବହୁ ଗୁଣ ବଢ଼ାଇଥିବା ଭଳି ଉପୀଡ଼କ ପ୍ରଶ୍ନ ସମସ୍ତଙ୍କୁ ଚିନ୍ତାରେ ପକାଇ ଦେଇଥିବା ସ୍ୱାଭାବିକ୍ । କରୋନା ପାଇଁ କଳକାରଖାନାରେ ତାଲା ପଡ଼ିଯିବା ଏବଂ ହଜାର ସଂଖ୍ୟାରେ ଶ୍ରମିକ ଓ କର୍ମଜୀବୀ ଜୀବିକା ହରାଇବା ସମସ୍ତଙ୍କୁ ମୂହ୍ୟମାନ କରିଥିଲା । ଦେଶ ତଥା ବିଶ୍ୱର ଅର୍ଥନୀତି କରୋନା ଚୋଟ ଖାଇ କିଭଳି କ୍ଷତିଗ୍ରସ୍ତ ହେଲା, ତାହା ବର୍ଣ୍ଣନାର ବାହାରେ । ଏହି ପ୍ରତିକୂଳ ସ୍ଥିତି ଆହୁରି କେତେକାଳ ଲାଗି ରହିବ, ତାହା ନେଇ କିଛି କୁହାଯିବା ଅସମ୍ଭବ । ଏହି ଦୁର୍ଭାଗ୍ୟଜନକ ପୃଷ୍ଠଭୂମିକୁ ଅତିକ୍ରମ କରି ଅର୍ଥନୀତିକୁ ସହଜ ଓ ସ୍ୱାଭାବିକ୍ ଗୁଳାକୁ ଫେରାଇ ଆଣିବା ସକାଶେ ଯତ୍ପରୋନାସ୍ତି ପ୍ରୟାସ ହେଉନାହିଁ ବୋଲି କହିବା ନାହିଁ । ମାତ୍ର ସେହି ପ୍ରୟାସରୁ କିଭଳି ଓ କେତେ ସୁଫଳ ମିଳୁଛି, ତାହାର ବସ୍ତୁନିଷ୍ଠ ତର୍ଜମା ହେଉଛି ବୋଲି ଦୃଢ଼ତା ସହକାରେ କହିହେଉନାହିଁ । ଏଥିପାଇଁ ରହିଛି ଅନେକ କାରଣ । ହୋଇପାରେ ଦୋଷତ୍ରୁଟି ଓ ଦୁର୍ବଳତା ଦୂର କରି ଆଗକୁ ବଢ଼ିବାର ଇଚ୍ଛାଶକ୍ତିରେ ଉଣା ରହିଛି । କିନ୍ତୁ ତାହା ବାବଦରେ ନାନା ମୁନିଙ୍କର ନାନା ମତ ନ୍ୟାୟରେ ରହୁଛି ପୃଥକ୍ ବିଶ୍ଳେଷଣ । ଏହା ଭିତରେ ସମସ୍ତେ ମହାମାରୀ ମୁକାବିଲା ପାଇଁ ଗଳଘର୍ମ ହୋଇଥିବା ବିଶ୍ୱ ଦେଖୁଛି । କିନ୍ତୁ ସମସ୍ତଙ୍କୁ ହତବାକ୍ କଲାଭଳି ଅଘଟଣ ଘଟୁଛି, ଯାହାର କୁପରିଣାମ ସମସ୍ତଙ୍କୁ ଭୋଗିବାକୁ ପଡୁଛି । ଦେଶ ଓ ବିଶ୍ୱବାସୀଙ୍କ ନଜରକୁ ଅନ୍ୟଆଡ଼କୁ ଫେରାଇନେଇ ମୁଷ୍ଟିମେୟ ନ୍ୟସ୍ତସ୍ୱାର୍ଥୀ କୋଟିଏ ଦୁଇକୋଟି ନୁହେଁ, ହଜାର ହଜାର କୋଟି ଆତ୍ମସାତ୍ କରିଥିବାର ନଜରକୁ ଆସିଛି । ବିଜୟ ମାଲ୍ୟା, ନିରବ ମୋଦି, ମେହୁଲ ଚୋକ୍ସିଙ୍କ ଦ୍ୱାରା ବ୍ୟାଙ୍କକୁ ଭୁଆଁ ବୁଲାଇ କରାଯାଇଥିବା ଘୋଟାଲା ଏମିତିରେ ଦୁର୍ନୀତିର ଭାତ ହାଣ୍ଡିରୁ ଗୋଟିଏ ଚିପିଲା ଭଳି । ସମସ୍ତଙ୍କୁ ଭୂତେଇ ସେମାନଙ୍କ ଭଳି ବହୁ ଜଣ ବିଦେଶ ପଳାଇ ଯାଇଛନ୍ତି । ଯେଉଁ ଦେଶରେ ଆମର ଆଇନକାନୁନର ଦାନ୍ତ ଭୁକିବ ନାହିଁ, ସେଠାରେ ପହଞ୍ଚିଯିବା ଯେତିକି ଆଶ୍ଚର୍ଯ୍ୟକର, ତାହାଠାରୁ ଅଧିକ ମାରାତ୍ମକ ହୋଇ ଦେଖାଯାଉଛି ଆମ କପକ୍ଷଙ୍କ ଅହେତୁକ ନିଷ୍କ୍ରିୟତା ମହାମାରୀ ଭଳି କିମ୍ବା ତାହାଠାରୁ ଏଭଳି ଅପରାଧ କେତେ ମାରାତ୍ମକ ତାହା ବୁଝିବାରେ ଅସୁବିଧା ନାହିଁ । ଏବିଜି ଶିପୟାର୍ଡ ଲିମିଟେଡ୍ ନାମରେ ଏକ ସଂସ୍ଥା ଷ୍ଟେଟ୍ ବ୍ୟାଙ୍କ ନେତୃତ୍ୱାଧୀନ ବ୍ୟାଙ୍କଗୁଚ୍ଛକୁ ୨୨,୮୪୨ କୋଟି ଠକିଥିବା ମାମଲା ସାମ୍ନାକୁ ଆସିଛି । ସେହି ଗୁଚ୍ଛ(କନ୍‌ସୋର୍ଟିଅମ୍)ରେ ରହିଛି ୨୮ଟି ବ୍ୟାଙ୍କ । ଏହି ମହାଘୋଟାଲା ସମସ୍ତଙ୍କ ନଜରକୁ ଆସିବା ପରେ ସରକାରଙ୍କ ନିଦ ଭାଙ୍ଗିଛି । ୨୦୧୮ ଫେବ୍ରୁଆରୀ ୧୫ରେ ଏବିଜି ଶିପୟାର୍ଡ ବଡ଼ଧରଣର କେଲେଙ୍କାରି ହୋଇଥିବା ସରକାରଙ୍କ ଦୃଷ୍ଟିକୁ ଆସିଥିଲା । ମାତ୍ର କେଉଁ କାରଣରୁ ଏ ବାବଦରେ ଏଫଆଇଆର୍ କରାଯାଇନଥିଲା ଏବଂ କୌଣସି ଅପରାଧିକ କାର୍ଯ୍ୟାନୁଷ୍ଠାନ ହୋଇନଥିଲା, ତାହା ରହସ୍ୟ ଘେରରେ ରହିଯାଇଛି । ୨୦୧୯ ଜୁନ୍ ୧୯ରେ ବ୍ୟାଙ୍କ ଜାଲିଆତି ନେଇ ଦର୍ଶାଯିବା ପରେ ଦଣ୍ଡବିଧ ନିୟମ ପ୍ରକାରେ କିଛି କାର୍ଯ୍ୟାନୁଷ୍ଠାନ ହୋଇନାହିଁ । ଷ୍ଟେଟ୍ ବ୍ୟାଙ୍କ ଏହି ପ୍ରସଙ୍ଗ ନେଇ ୨୦୧୮ ନଭେମ୍ବର ମାସରେ ସିବିଆଇକୁ ଜଣାଇଥିଲା । ସିବିଆଇ ଏହା ଉପରେ କିଛି କରିବା ଦୂରେ ଥାଉ, ଓଲଟି ଷ୍ଟେଟ ବ୍ୟାଙ୍କକୁ କୁଆଡ଼େ ଫାଇଲ ଫେରାଇ ଦେଇଥିଲା । ସାଧାରଣ ଜନତା ଓ ଜମାକାରୀଙ୍କୁ ଧନରାଶି ଆତ୍ମସାତ ହୋଇଯାଉଥିବା ସମୟରେ ପୁଣି ସିବିଆଇକୁ ଷ୍ଟେଟ୍ ବ୍ୟାଙ୍କ ଜଣାଇଲା ୨୦୨୦ ଅଗଷ୍ଟ ୨୫ରେ । ଠକେଇ ଓ ଜାଲିଆତି ନେଇ କିଛି ନହେଲେ ଏତାଲା ଦାଏର କରାଯାଉ ବୋଲି ଷ୍ଟେଟ୍ ବ୍ୟାଙ୍କ ଜଣାଇଥିଲେ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାକୁ ସିବିଆଇ ନେଇଗଲା ପାଖାପାଖି ଦେଢ଼ବର୍ଷ । ଏବେ ପାଞ୍ଚବର୍ଷ ଗତ ହେଲାପରେ ସିବିଆଇ ଶିପୟାର୍ଡ ବିରୋଧରେ କାହିଁକି ଏତାଲା ରୁଜୁ କରାଯାଇଛି ସେ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ୍ । ମାଲ୍ୟା, ମୋଦି କିମ୍ବା ଚୋକ୍ସିଙ୍କ ବ୍ୟାଙ୍କ ଘୋଟାଲାକୁ ଏହି ମହାଘୋଟାଲା ଟପିଗଲା । କେହି କହିପାରିବେନି ଯେ ଏହା ଶେଷ ମହାଘୋଟାଲା । ଅର୍ଥନୀତିର ମେରୁଦଣ୍ଡ ରୂପେ ବିଚାର କରାଯାଉଥିବା ବ୍ୟାଙ୍କିଙ୍ଗ୍ କାରବାରରେ ଦୁର୍ନୀତିଖୋର ଉଦ୍ୟୋଗପତିଙ୍କ ମହାହମ୍‌ଲା । ଦଲିଲ ପତ୍ରରେ ଜାଲିଆତି କରି କିଭଳି ହଜାର ହଜାର କୋଟି ହେରଫେର କରାଯାଉଛି, ତାହାର ଏହାଠାରୁ ବଳି ଉଦାହରଣ ମିଳିବନି । ସରକାରୀ ଯୋଜନା ଓ ଆଇନକୁ ଫୁ' କରି ମହାଧନୀମାନେ ସମସ୍ତଙ୍କ ଆଖିରେ ଧୂଳି ପକାଯାଇପାରୁଛି ଦେଖାଯାଉ । ଏଭଳି ମହାଦୁର୍ନୀତି ଦିନକର ମାମଲା ନୁହେଁ କି ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଅଜାଣତରେ ହୋଇଛି ବୋଲି ବିଶ୍ୱାସ କରିହେଉନାହିଁ । ଯେଉଁ ତଦନ୍ତକାରୀ ସଂସ୍ଥା ମୁନିବଙ୍କ 'ଧର୍' କହିଲେ ବାନ୍ଧିଦେବାକୁ ପଛାଉ ନାହିଁ, ତାହା କେଉଁ କାରଣରୁ ଅର୍ଥନୈତିକ ଅପରାଧୀଙ୍କୁ ବାନ୍ଧିବା ଲାଗି ବର୍ଷ ବର୍ଷ ନେଲା ଘୋଟାଲା ଅଭିଯୋଗ ଶୁଣି ଶୁଣି ଦେଶବାସୀ ଜଳକା ହୋଇ ଚାହିଁ ରହିଛନ୍ତି । ଅତିବେଶୀରେ ଅପରାଧୀଙ୍କୁ ଜେଲ ପଠାଯିବ ଓ ସମ୍ପତ୍ତି ବାଜ୍ୟାପ୍ତ ହେବ ବୋଲି ବିଶ୍ୱାସ କରିହେବ । ମାତ୍ର ଆଇନର ଗଳାବାଟ ସେମାନଙ୍କ ପାଇଁ ଅବଶ୍ୟ ଖୋଲା ରହିଥିବ, ତାହା କାହାକୁ ଜଣାନାହିଁ ।

## ରାଜନୀତି ଓ ଅପରାଧ




କବି ବିପ୍ଳବ


ସେଦିନ ମଦନ ଭାଇ ଜଳଖିଆ ଦୋକାନରେ ଏକା ଥିଲା । ତାକୁ ଦୋକାନ କାର୍ଯ୍ୟରେ ସାହାଯ୍ୟ କରୁଥିବା ପୁଅ କୁଆଡେ ଯାଇଛି ବୋଲି ପଚାରିବାରୁ ସେ ଥାନାକୁ ଯାଇଛି ବୋଲି କହିଲା । ମୁଁ ଆଶ୍ଚର୍ଯ୍ୟ ହେଲି । କାରଣ ମଦନ ଭାଇ ପୁଅକୁ ମୁଁ ବ୍ୟକ୍ତିଗତ ଭାବେ ଜାଣିନଥିଲେ ମଧ୍ୟ ତା'ର ଚାଲିଚଳନ ଆଉ ବେଶ ପୋଷାକରୁ ସେ ଭଦ୍ର ଲାଗେ । ମୋ ସନ୍ଦେହ ମୋଚନକରି ମଦନ ଭାଇ କହିଲା ସେମିତି କିଛି ଅସୁବିଧା ନୁହେଁ ମ । ପୁଅର ଗୋଟିଏ ଘରୋଇ ସିକ୍ୟୁରିଟି ସଂସ୍ଥାରେ ଚାକିରୀଟିଏ ପାଇଁ ଆବେଦନ କରିଥିଲା । କିଏ କଣ ଅଭିଯୋଗ କରିଥିଲା କି କଣ କେଜାଣି ସେଥିପାଇଁ ପୁଅ ନାଁରେ ମାମଲା ଅଛି କି ନାହିଁ ଚିଠିଟିଏ ଆସିଥିଲା । ମୁଁ ଆଶ୍ୱସ୍ତ ହେଲି । ପରମୁହୂର୍ତ୍ତରେ ସାମାନ୍ୟ ଚିନ୍ତାଗ୍ରସ୍ତ ହୋଇଗଲି । ଭାରତ ପୃଥିବୀର ବୃହତ୍ତମ ଗଣତନ୍ତ୍ର ରାଷ୍ଟ୍ର । ଯେଉଁଠି ଶାସନ କରିବା ପାଇଁ ତୃଣମୂଳ ସ୍ତରରେ ୱାର୍ଡ ମେମ୍ବର ଠାରୁ ସର୍ବୋଚ୍ଚସ୍ତରର ପ୍ରଧାନ ମନ୍ତ୍ରୀ ପର୍ଯ୍ୟନ୍ତ ପ୍ରତ୍ୟେକ୍ଷ ନିର୍ବାଚନରେ ଭାଗ ନିଅନ୍ତି । ଆଉ ଦେଶର କୋଟି କୋଟି ଲୋକ ତାଙ୍କୁ ସମର୍ଥନ ଦେଇଥାନ୍ତି । ସେମାନେ ସୁଶାସନ କରିବା ପାଇଁ ଆଇନ୍ ପ୍ରଣୟନ କରନ୍ତି । ଦେଶର ଉନ୍ନତି କଥା ଚିନ୍ତା କରନ୍ତି । ଆଉ ଏଥିପାଇଁ ତାଙ୍କର ଅପରାଧିକ ପୃଷ୍ଠଭୂମି ଗୁରୁତ୍ୱ ବହନ କରେନାହିଁ । ସେଥି ପାଇଁ ଜଣେ ଅଭିଯୁକ୍ତ ଜେଲ୍‌ରେ ଥାଇ ମଧ୍ୟ ପ୍ରତିଦ୍ୱନ୍ଦୀତା କରେ ଆଉ ବିଜୟ ହାସଲ କରେ । ଏଠି ଶିକ୍ଷାର ଯୋଗ୍ୟତା ମାପକାଠି ନୁହେଁ । ତାଙ୍କ ସହିତ ପ୍ରତିଦ୍ୱନ୍ଦୀତା କରୁଥିବା ପ୍ରାର୍ଥୀକୁ ସେ ଭୋଟରେ ହରେଇବା ଦରକାର । ତେଣିକି ହରେଇବାର ପନ୍ଥା ଯାହା ହେଉ ନା କହିଁକି । ଘରୋଇ କମ୍ପାନୀର ସିକ୍ୟୁରିଟ୍ ଗାର୍ଡର ଚାକିରୀଟିଏ ପାଇଁ ଯଦି ଆବେଦନକାରୀ ନାମରେ ଅପରାଧିକ ମାମଲା ଏବଂ ଶିକ୍ଷାଗତ ଯୋଗ୍ୟତାର ତଦନ୍ତ ହେଇ ପାରୁଛି ତେବେ ଦେଶ ଚଳାଇବା ପାଇଁ କାହିଁକି ନୁହେଁ? ଚୋର ଜଗିବା କାମଠୁ ଦେଶ ଜଗିବା କାମ କ'ଣ ଏତେ ଗୁରୁତ୍ୱହୀନ !

ଦୁଇବର୍ଷ ତଳେ ଶେଷ ହୋଇଥିବା ସପ୍ତଦଶ ଲୋକସଭା ନିର୍ବାଚନରେ ନିର୍ବାଚନ ହୋଇଥିବା ସାଂସଦମାନଙ୍କୁ ନେଇ ଗୋଟିଏ ତଥ୍ୟ ପ୍ରକାଶ ପାଇଥିଲା । ଆସୋସିଏସନ୍ ଅଫ୍ ଡେମୋକ୍ରାଟିକ୍ ରିଫର୍ମ ବା ଏଡିଆର ଦ୍ୱାରା ଜାରି କରାଯାଇଥିବା ଏହି ରିପୋର୍ଟରେ ଦର୍ଶା ଯାଇଥିଲା ଯେ ନିର୍ବାଚିତ ହୋଇଥିବା ୫୪୨ସାଂସଦଙ୍କ ମଧ୍ୟରୁ ୨୩୩ଜଣଙ୍କ ନାମରେ ଅପରାଧିକ ମାମଲା ରହିଛି । ଯାହା ମୋଟ ସଂଖ୍ୟାର ୪୩ପ୍ରତିଶତ । ଏପରିକି ୧୫୯ଜଣ ନିର୍ବାଚିତ ସଦସ୍ୟଙ୍କ ବିରୁଦ୍ଧରେ ସଂଗୀନ ଅପରାଧିକ ମାମଲା ରହିଛି । କେବଳ କେରଳରୁ ର୍ନିବାଚନ ୯୦ପ୍ରତିଶତ ଓ ବିହାରରୁ ନିର୍ବାଚିତ ୮୨ପ୍ରତିଶତ ସାଂସଦଙ୍କ ନାମରେ ଅପରାଧିକ ମାମଲା ଚାଲୁ ରହିଛି । ୨୦୦୯ ମସିହା ନିର୍ବାଚନକୁ ହିସାବକୁ ନେଲେ ୨୦୧୯ର ସାଧାରଣ ନିର୍ବାଚନରେ ଜିତିଥିବା ସଦସ୍ୟମାନଙ୍କର ଅପରାଧିକ ପୃଷ୍ଠଭୂମି ୪୪ପ୍ରତିଶତ ବୃଦ୍ଧି ପାଇଛି । ୨୦୦୯ଲୋକସଭା ନିର୍ବାଚନରେ ୧୬୨ଜଣ ଲୋକ ସଭା ସଦସ୍ୟ ଆଉ ୨୦୧୪ରେ ୧୮୫ଜଣ ଲୋକସଭା ସଦସ୍ୟଙ୍କ ନାମରେ ଅପରାଧିକ ମାମଲା ରହିଥିଲା । ୨୦୧୯ ନିର୍ବାଚନରେ ସେମାନଙ୍କ ସଂଖ୍ୟା ବୃଦ୍ଧି ପାଇଁ ୨୩୩ରେ ପହଞ୍ଚିଛି । ଯଦି ଏଇ ଧାରା ଆଗକୁ ଅବ୍ୟାହତ ରହେ ଆଉ ଦୁଇଟି ଲୋକସଭା ନିର୍ବାଚନ ପରେ ଗଣତନ୍ତ୍ର ମନ୍ଦିରରେ କେବଳ ମାମଲା ଥିବା ସାଂସଦମାନଙ୍କୁ ଦେଖିବାକୁ ମିଳିବ । ଏଇ ପରିସଂଖ୍ୟନଟି ପ୍ରମାଣ କରୁଛି ଯେ ଆମକୁ ଶାସନ କରିବା ପାଇଁ ଗଣତନ୍ତ୍ର ମନ୍ଦିରରେ ପ୍ରବେଶ କରୁଥିବା ସଦସ୍ୟମାନେ କେତେ ମାର୍ଜିତ ଆଉ ତାଙ୍କ ହାତରେ ଆମ ଦେଶର ଗଣତନ୍ତ୍ର ବା ଶାସନ ବ୍ୟବସ୍ଥା କେତେ ସୁରକ୍ଷିତ ? ଦିନକୁ ଦିନ ଅଶିକ୍ଷିତ, ଅପରାଧି ଆଉ ଥିଲାବାଲାଙ୍କ କବ୍ଜାକୁ ଭାରତୀୟ ଗଣତନ୍ତ୍ର ଚାଲିଯାଉଛି ବୋଲି ଅଭିଯୋଗ ହେଉଛି । ସପ୍ତଦଶ ଲୋକସଭା ନିର୍ବାଚନରେ ୫୪୨ ସାଂସଦଙ୍କ ମଧ୍ୟରୁ ୪୭୫ଜଣ କୋଟିପତି ଥିଲେ ବୋଲି ସେମାନଙ୍କ ସତ୍ୟପାଠରୁ ତଥ୍ୟ ମିଳିଥିଲା । ୨୦୦୯ ନିର୍ବାଚନରେ ସେମାନଙ୍କ ସଂଖ୍ୟା ୩୧୫ଥିଲା ଏବଂ ୨୧୪ରେ ସେମାନଙ୍କ ସଂଖ୍ୟା ୪୪୩ ଥିଲା । ପରବର୍ତ୍ତୀ ଲୋକସଭା ନିର୍ବାଚନ ଗୁଡିକରେ କେବଳ କୋଟିପତିମାନେ ହିଁ କେବଳ ସାଂସଦ ହୋଇ ପାରିବେ । ଇଏ ଯେମିତି ଏକ ଯୋଗ୍ୟତା ବା ମାପକାଠି । ଏଥିରୁ ଗୋଟିଏ କଥା ସ୍ୱଷ୍ଟ ହେଲା ଯେ ଆର୍ଥିକ ଦୁର୍ବଳ ବ୍ୟକ୍ତି ବା ଗୁଣ୍ଡାଗର୍ଦ୍ଦରେ ଭାଗନେଇ ପାରୁନଥିବା ବ୍ୟକ୍ତି ଦେଶ ଶାସନରେ ଭାଗନେବାର ଅଧିକାର ବା ସୁଯୋଗ ନାହିଁ ।

ଏତଗଲା ଲୋକ ସଭା ନିର୍ବାଚନ କଥା । ଏବେ ଓମିକ୍ରମ୍‌ର ଭୟଙ୍କର ଅନୁପ୍ରବେଶ ଭିତରେ ନିର୍ବାଚନ ଆୟୋଗ ୫ଟି ରାଜ୍ୟର ବିଧାନ ସଭା ନିର୍ବାଚନ ପ୍ରଚାର ଯୋର ରେ ଚାଲିଛି । ସେଗୁଡିକ ହେଲା ଉତ୍ତରପ୍ରଦେଶ, ପଞ୍ଜାବ, ଉତ୍ତରାଖଣ୍ଡ, ମଣିପୁର ଓ ଗୋଆ । ଏହି ସବୁ ରାଜ୍ୟ ଗୁଡିକରେ ଫେବୃୟାରୀ ୧୦ରୁ ମାର୍ଚ୍ଚ ୭ ତାରିଖ ମଧ୍ୟରେ ୭ଟି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ । ମାର୍ଚ୍ଚ ୧୦ରେ ଗଣତି ହୋଇ ଫଳାଫଳ ଘୋଷଣା କରାଯିବ । କରୋନା କବଳରୁ ଜୀବନକୁ ପ୍ରାଧାନ୍ୟ ଦେଇ ନିର୍ବାଚନ ଆୟୋଗ ମାର୍ଗଦର୍ଶିକା ଜାରି କରିଥିଲେ । କାରଣ ପୂର୍ବ ନିର୍ବାଚନ ସମୟରେ କୋଭିଡ ଗାଇଡ୍ ଲାଇନ୍ ଉଲଘଂନ ପାଇଁ ସୁପ୍ରିମ୍ କୋର୍ଟ ନିର୍ବାଚନ ଆୟୋଗକୁ ଭର୍ତ୍ସନା କରିଥିଲେ । ତେଣୁ ଏଥର ସେ ଶୋଭାଯାତ୍ରାକୁ ସମ୍ପୂର୍ଣ୍ଣ ବାରଣ କରିଛନ୍ତି । ଏହା ଏକ ସୁନ୍ଦର ପଦକ୍ଷେପ । ଖାଲି ଜୀବନ ସୁରକ୍ଷିତ ରହିଲେ ହେବନି । ଗୋଟିଏ ବୃହତ୍ତ ଗଣତନ୍ତ୍ର ରାଷ୍ଟ୍ରରେ ଗଣତନ୍ତ୍ରର ସୁରକ୍ଷା ଓ ସୁଫଳ ପାଇବା ପାଇଁ ନିର୍ବାଚନକୁ ଅବାଧ ଆଉ ଅପରାଧମୁକ୍ତ କରିବା ପାଇଁ ପଦକ୍ଷେପ ନେବା ବି ଜରୁରୀ । ନହେଲେ ପୂର୍ବ ନିର୍ବାଚନ ଭଳି ଅନେକ ଅପରାଧିକ ପୃଷ୍ଠଭୂମି ଥିବା ପ୍ରାର୍ଥୀ ଗଣତନ୍ତ୍ରର ପବିତ୍ର ମନ୍ଦିରରେ ନିଜ ଆଧିପତ୍ୟ ବିସ୍ତାର କରିବେ । ନିର୍ବାଚନ ସମୟ ପାଖେଇ ଆସିଲେ ନେତାମାନଙ୍କର ଦଳଡିଆଁ କାର୍ଯ୍ୟ ଖୁବ୍ ଚାଲେ । ଅମୁକ ନେତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ସେଇ ଦଳରେ ଯୋଗଦେଉଛନ୍ତି ବୋଲି ଚେଲାଚାମୁଣ୍ଡା ସହ ଗଣମାଧ୍ୟମରେ ସଫେଇ ଦିଅନ୍ତି । ଏପରି ନେତା ଗଣତନ୍ତ୍ର ପାଇଁ ବେଶୀ ବିପଦ । ଏମାନଙ୍କ ହାତରେ ଗଣତନ୍ତ୍ର କେବେବି ସୁରକ୍ଷିତ ନୁହେଁ । ସମାଜସେବା ଆଉ ଆଦର୍ଶବାଦର କଥାକହି ସେମାନେ ନିଜର ରାଜନୈତିକ ଇଛା ଶକ୍ତି ଚରିତାର୍ଥ କରିଥାନ୍ତି । ରାଜନୀତିକୁ ଏକ ବ୍ୟବସାୟ ଭାବି ନିଜ ପଦକ୍ଷେପ ଗ୍ରହଣ କରନ୍ତି । କୌଣସି ଦଳରେ ନିଜକୁ ଅଦରକାରୀ ଭାବିଲେ, କଣଠେସା ହେଲେ ବା ଟିକେଟ୍ ନପାଇବାର ଆଶଙ୍କା ସୃଷ୍ଟି ହେଲେ ସେମାନଙ୍କୁ ଅନ୍ୟଦଳର ସଭାପତି ଆଦର୍ଶପୁରୁଷ ଲାଗନ୍ତି । ଏମାନଙ୍କୁ ଗଣତନ୍ତ୍ରର ପବିତ୍ର ମନ୍ଦିରରୁ ଦୂରେଇ ରଖିବା ନିହାତି ଜରୁରୀ ।

ଆମ ଓଡ଼ିଶାରେ ଏବେ ପଞ୍ଚାୟତ ପ୍ରଚାର ଆଗେଇ ଚାଲିଛି ଆଉ ପୌରଭନିର୍ବାଚନ ପାଇଁ କ୍ଷେତ୍ର ପ୍ରସ୍ତୁତି ହେଉଛି । ରାଜ୍ୟରେ ୫ଟି ପର୍ଯ୍ୟାୟରେ ଯଥାକ୍ରମେ ଫେବୃୟାରୀ ୧୬,୧୮,୨୦,୨୨ ଓ ୨୪ ତାରିଖରେ ଭୋଟ ଗ୍ରହଣ କରାଯିବ । ଏଥିରେ ଆମ ଓଡ଼ିଶାର ୨କୋଟି ୨୭ଲକ୍ଷ ୩୭ହଜାର ୫୨୫ଜଣ ମତଦାତା ସେମାନଙ୍କ ମତ ସାବ୍ୟସ୍ତ କରିବେ । ଆମ ରାଜ୍ୟ ପାଇବ ୯୧ହଜାର ୯ଶହ ୧୩ ନୂଆ ୱାର୍ଡ ମେମ୍ବର । ୭୭୯୪ଜଣ ପଞ୍ଚାୟ ସମିତି ସଭ୍ୟ ଓ ୮୫୩ଜଣ ଜିଲ୍ଲା ପରିଷଦ । ୫ଟି ରାଜ୍ୟର ବିଧାନ ସଭା ନିର୍ବାଚନରେ ନିର୍ବାଚନ ଆୟୋଗ କଟକଣା ଲଗାଇବା ପରି ଓଡ଼ିଶାରେ ବି ନିର୍ବାଚନ ପ୍ରଚାର ପାଇଁ ବିଭିନ୍ନ କଟକଣା ଲଗାଯାଇଛି । ଶୋଭାଯାତ୍ରାକୁ ସମ୍ପୂର୍ଣ୍ଣ ରୂପେ ବାରଣ କରାଯାଇଛି । ଆଉ ସର୍ବାଧିକ ୫ଜଣ ମିଶି ଘରକୁ ଘର ବୁଲି ପ୍ରଚାର କରିବେ ବୋଲି ଅନୁମତି ମିଳିଛି । (କ୍ରମଶଃ)


♥ ମକୁନ୍ଦପୁର,ବାଙ୍କୀ
ମୋ-୯୪୩୭୪୬୮୦୧୬


## ଅଗିରା ପୂର୍ଣ୍ଣିମା : ଅଗ୍ନୀ ମିଳେ ପୁରୋହିତଂ




ଅଜୟ କୁମାର ବେହେରା


ଶୀତ ଋତର ଶେଷ ମାଘର ପୂର୍ଣ୍ଣମୀକୁ ଅଗିରା ପୂର୍ଣ୍ଣମୀ କହିଥାନ୍ତି । ଗାଁ ଠାରୁ ସହର ପର୍ଯ୍ୟନ୍ତ ସବୁଠି ଅଗିଜଳା ଏକ ପରିଚିତ ଦୃଶ୍ୟ । ପ୍ରକୃତରେ ଅଗ୍ନୀ ଦେବତାଙ୍କ ପୂଜା ବୈଦିକ ଯୁଗରୁ ରହିଆସିଛି । ବୈଦିକ ଭାଷାରେ - 'ଅଗ୍ନୀ ମିଳେ ପୁରୋହିତଂ' ତେଣୁ ବେଦରେ ଅଗ୍ନୀ ହେଉଛନ୍ତି ପ୍ରଥମ ଦେବତା । ଓଡ଼ିଆ ଜନଜୀବନରେ ଚିର ପରିଚିତ ଅଗିରା ପୂନେଇଁ ଏକ ପରିଚିତ ଦିନଟି । କେବଳ ଗାଁରେ ନୁହେଁ ସହରରେ ମଧ୍ୟ ଛକ ସ୍ଥାନ ମାନଙ୍କରେ ଧାନ ନଡ଼ା ଏକତ୍ର କରାଯାଇ ଏହାକୁ ପୂଜାର୍ଚ୍ଚନା କରି ଅଗ୍ନୀ ସଂଯୋଗ କରାଯାଇଥାଏ । ଏଥିରେ ବାଇଗଣ ଓ ଅନ୍ୟାନ୍ୟ ପରିବା ପୋଡ଼ି ଖାଇଲେ କିଛି ଚର୍ମରୋଗ ହୋଇନଥାଏ ବୋଲି ଲୋକବିଶ୍ୱାସ ରହିଛି । ଏହିଦିନରୁ ବାଘପରି ମାଘ ମାସର ଶୀତ ବିଦାୟ ନେଇ ବସନ୍ତ ଋତୁର ମୃଦୁ ସମୀରଣ ଭିତରେ ଗ୍ରୀଷ୍ମଋତୁକୁ ସ୍ୱାଗତ କରାଯାଇଥାଏ ।



ଶୀତ ଋତର ଶେଷ ମାଘ ମାସର ପୂର୍ଣ୍ଣମୀକୁ ଅଗିରା ପୂର୍ଣ୍ଣମୀ କହିଥାନ୍ତି । ସାଧାରଣତଃ ଅଗ୍ନି ଦେବତାଙ୍କ ପୂଜା ଶ୍ରୀପଞ୍ଚମୀ ଦିନ ଠାରୁ ଆରମ୍ଭ ହୋଇଥାଏ । କାରଣ ସରସ୍ୱତୀଙ୍କ ବେଦରେ ଅଗ୍ନି ବୋଲି କୁହାଯାଇଛି । ଦେବତାଙ୍କର ହୁତବହ ବା ଯଜ୍ଞଭାଗ ବହନକାରୀ ସେ ଧର୍ମଗୁରୁ, ପୁରୋଧା, ଦେବଦୂତ, ଦେବତା ମାନଙ୍କର ପ୍ରତିନିଧି ସ୍ୱରୂପ ତେଣୁ ଅଗ୍ନିରେ ସେମାନଙ୍କ ଦେବତା ମାନଙ୍କ ନିମିତ୍ତ ନାନା ପ୍ରକାର ଯଜ୍ଞ କରିଥିଲେ । 'ଦ୍ରବ୍ୟ ଯଜ୍ଞା ସ୍ତପେଯଜ୍ଞା ଯୋଗ ଯଜ୍ଞା ସ୍ତଥା ପରେ, ସ୍ୱଧାୟ ଜ୍ଞାନ ଯଜ୍ଞାଶ୍ୱ ଯତୟଃ ସଂଶିତ ବ୍ରତାଃ' । ଆକାଂକ୍ଷା, ଅଭିଳାଷ, ମନସ୍କାମନା ସିଦ୍ଧି ନିମିତ୍ତ ଆର୍ଯ୍ୟ ଋଷିମାନେ ଦ୍ରବ୍ୟ ଯଜ୍ଞ, ତପ ଯଜ୍ଞ, ଯୋଗ ଯଜ୍ଞ, ଜ୍ଞାନ ଯଜ୍ଞ ପ୍ରଭୃତି ନାନା ପ୍ରକାର ଯଜ୍ଞକରି ଆନନ୍ଦ ଲାଭ କରି ନିଜର ସଂକଳ୍ପ ସିଦ୍ଧି କରିପାରୁଥିଲେ ବୋଲି ଶ୍ରୀମଦ୍ ଭାଗବତ୍ ଗୀତାରେ କୁହାଯାଇଛି । ଅଗ୍ନି ଦେବତାଙ୍କୁ ପଞ୍ଚାକ୍ଷର ମନ୍ତ୍ରାରେ 'ଓଁ ଆଗ୍ନେୟ ନମଃ' ଉଚ୍ଚାରଣ କରି ଆର୍ଯ୍ୟଋଷି ଜପ କରିଛନ୍ତି । 'ବୈଦିକଅଗ୍ନିଙ୍କ ସ୍ୱରୂପ କଳ୍ପନା କରି ଧ୍ୟାନ କରିଛନ୍ତି - 'ସର୍ବଲକ୍ଷଣ ସମ୍ପୂର୍ଣ୍ଣଂ ଜଟାମୁକୁଟ ମଣ୍ଡିତଂ । ଶୁଦ୍ଧଚାମୀକରଭାସଂ ସ୍ମେରାସ୍ୟଂ ମଧୁରାଧରଂ । ପୀତାମ୍ବର ପରିଧାନଂ ଦିବ୍ୟାଭରଣ ଭୂଷିତଂ ଚନ୍ଦନାଗୁରୁ କପୂରୈ ଷ୍ଚର୍ଚ୍ଚିତଂ ସ୍ରଗ୍ ବିଭୂଷିତଂ । ସିତ ପଦ୍ମାସନଂ ଶାନ୍ତଂ ମେଷାରୁଢ଼ଂ ସ୍ମରୋତ୍ତମଂ । ସୋପବିତଂ ଜଟାମୌଳିମୁଜ୍ଜଳଂ ହାରକଙ୍କଣୈଃ । ଚତୁଃଶ୍ରୋନ୍ତଂ ଦ୍ୱିନାସଂଚ ଷଟ୍ ନେନ୍ତ୍ରେଷ୍ଟ ବିରାଜିତଂ । ସପ୍ତହସ୍ତଂ ଚତୁଃଶୃଙ୍ଗ ସପ୍ତଜିହ୍ୱଂ ଦ୍ୱିଶୀର୍ଷକଂ । ତ୍ରିପାଦମଖିଳାନାଂ ଚ ସର୍ବକାମାର୍ଥ ସିଦ୍ଧିଦଂ । ସ୍ୱାହାତ୍ତୁଂ ଦକ୍ଷିଣେ ପାର୍ଶ୍ୱେ ବାମଭାବେ ସ୍ୱଧା ତଥା । ବିଭ୍ରତଂ ଦକ୍ଷହସ୍ତେତୁଂ ଶକ୍ତି ମନ୍ନ ସ୍ରୁବୁଂ ଶ୍ରୁଚଂ । ଚାମରଂ ବ୍ୟଞ୍ଜନଂ ବାମେ ଘୃତ ପାତ୍ରଂ ଚ ବିଭ୍ରତଂ । ଆତ୍ମାଭି ମୁଖମାସୀନ ମେବଂ ଧ୍ୟାୟେଦ୍ଧୁତାଶନଂ । ପରବର୍ତ୍ତୀ କାଳମାନଙ୍କରେ ଏହି ଅଗ୍ନିପୂଜା ଏଡ଼େ ଜଟିଳ ଏବଂ କଷ୍ଟସାଧ ହୋଇପଡ଼ିଛି ଯେ କର୍ମ ମୁଖର ଏବଂ କର୍ମ ଚଞ୍ଚଳ ଜୀବନରେ ମନୁଷ୍ୟ ବିଧିବିଧାନ ମତେ ଯଜ୍ଞ ପ୍ରଭୃତିରେ ଅଗ୍ନି ପୂଜା କରିବା ଅନେକାଂଶରେ ବ୍ୟାହତ ହୋଇଛି । ତଥାପି ଆର୍ଯ୍ୟ ସଭ୍ୟତାରେ ଅଗ୍ନି ଦେବତାଙ୍କର ରହିଛି ସ୍ୱତନ୍ତ୍ର ସ୍ଥାନ । ଏପରିକି ବୈଦିକ ରୀତିର ପ୍ରତ୍ୟେକ ଆର୍ଯ୍ୟ ପାଇଁ ଆଜି ମଧ୍ୟ ଆବଶ୍ୟକ ପଡୁଛି - ହୋମ ତଥା ଅଗ୍ନିପୂଜା ।


♥ ଅରୁଣୋଦୟ ନଗର,
କଟକ,
(ମୋ) ୯୪୩୭୦୩୧୨୫୩





### ମାଘ ପୂର୍ଣ୍ଣିମା


ନଗେନ୍ଦ୍ର ନାଥ ପଟ ନାୟକ




ମାଘ ମାସରେ ମାଘ ପୂର୍ଣ୍ଣିମା
ଧରାକୁ କରେ ଶୁଦ୍ଧ
ଏ ପୁଣ୍ୟତିଥୀ କଲ୍ୟାଣକାରୀ
ପବିତ୍ର ହୁଏ ଚିତ୍ତ ।

ଏ ଶୁଭଦିନେ ଗଙ୍ଗାରେ ବିଷ୍ଣୁ
ବାସ କରନ୍ତି ଯାଇ
ଅମୃତବାରି ଢାଳନ୍ତି ଜହ୍ନ
ଷୋଳକଳାକୁ ନାଇ ।

ବର୍ଷା କରନ୍ତି ରବି, ଚନ୍ଦ୍ରମା
ଅମୃତ ନୀର ନେଇ
ଦେ୍ୱତାଗଣ କରନ୍ତି ସ୍ନାନ
ଗଙ୍ଗା ନଦୀକୁ ଯାଇ ।

ଏଇ ତିଥିରେ ଶ୍ରଧାଳୁ ଭକ୍ତ
ହୁଅନ୍ତି ସମାବେଶ
ରାଜ ପ୍ରୟୋଗେ କରନ୍ତି ସର୍ବେ
ଏକାଠି କଳ୍ପବାସ ।

କାଷ୍ଠା ନିଷ୍ଠାରେ ଭକ୍ତ ଶ୍ରଦ୍ଧାଳୁ
ଆଚରନ୍ତି ଏ ବ୍ରତ
ବିଷ୍ଣୁ ପୂଜନେ ହୁଏ ପୂରଣ
ସଭିଙ୍କ ମନୋରଥ ।


♥ ୯୯୯/୩,ଜଗ ମୋହନ ନଗର,
ଜାଗମରା
ଖଣ୍ଡଗିରି, ଭୁବନେଶ୍ୱର
(ମୋ)୯୪୩୮୩୩୨୧୩୮


### ଜୀବନ ମୃତ୍ୟୁ


ସୁଧକର ରାଉତ




ସମୟଟା ମୁଖାପିନ୍ଧି
ଚାହିଁଛି ନିରବେ
ହସ କାନ୍ଦ ଜଣାନାହିଁ
ଚାଲୁଛି ଗରବେ ।

ଥରେ ଚାଲିଗଲେ ସିଏ
ଆଉ ତ ଫେରେନା
ଆସିବ ବୋଲି ସେ କାଲି
ଦିଏ ପ୍ରବୋଧନା ।

ଭେଳିକି ଲଗା କଥାରେ
ଆଖିଏ ସପନ
ବଞ୍ଚିବା ପାଇଁ ସଂଗ୍ରାମ
ଏଠି ରାତିଦିନ ।

ଦୁଆର ଖୋଲିଲା ମାତ୍ରେ
ମୃତ୍ୟୁ ଭୟ ଆସେ
ଛୁଇଁ ହୁଏ ନାହିଁ କା' କୁ
ଖାଲି ଅବିଶ୍ୱାସେ ।

ସାମାଜିକ ବନ୍ଧନଟା
ଦୂରତାରେ ହଜେ
ଜୀବନଟା ଏଠି ଖାଲି
ଆତଙ୍କରେ ଭିଜେ ।

ମନ ବେଦନାଟା ଲିଭେ
କିଛି କ୍ଷଣ ପାଇଁ
ଆଖିତଳ ଲୁହ ଓଠ
ପିଇ ଉଠେ ଚେଇଁ ।

ବେଦନାର ସୀମା ଧିରେ
ଛୁଇଁ ଦିଗବଳୟ
ଈଶ୍ୱର ବି ବନ୍ଦୀ ଶୂନ
ଶାନ ଦେବାଳୟ ।

ତଥାପି ଷଢରିପୁ କୁ
ଦେହେ ଯନତ୍ନେ ଲେସି
ବାହା ସ୍ୱୋଟ ମାରୁ ନିତି
ଅନ୍ୟ ରକ୍ତ ଶୋଷି ।

ଜୀବନ ଶିଉଳି ଲଗା
ପୃଷ୍ଠା ବାରମ୍ବାର
ସମୟ ପବନେ ଉଡି
କରଇ ଧିକ୍କାର ।


♥ ପ୍ରତାପ ନଗରୀ, କଟକ
(ମୋ)୮୨୪୯୯୩୨୭୯୨


### ମୋ ଅନ୍ତରାଳରେ


ଅନସୂୟା ପଣ୍ଡା




ସବୁଆଡେ ମୋ ଫଟ ଚଷମା ଲାଠି ଛବି
ପ୍ରତ୍ୟୟ ହୁଏ ସ୍ୱଚ୍ଛତା ନାଁ ରେ
ମୋ ଅନ୍ତର୍ମନର ସ୍ୱଚ୍ଛତା କେଉଁଠି କଅଁଳେନି ରହିଯାଏ ପ୍ରହସନରେ
ସବୁ ବସ୍ତି ସହରର ଶେଷମୁଣ୍ଡରେ ।

ପରିପୃଷ୍ଟ ସୂର୍ଦ୍ଧ୍ୟନ୍ୟଙ୍କ ପରିତ୍ୟାଜ୍ୟ ଆସବାସରେ
ଶୋଷଣର ପୂର୍ଣ୍ଣ ଚିତ୍ର ମହାର୍ଦ୍ଧର ଆଢୁଆଳରେ
ମଶାମାନଙ୍କ ଭିତରେ, ମାଛିମାନଙ୍କର ଘୁଉଁ ...ଘୁଉଁ ଶବ୍ଦରେ
ଛିଡା ପଲିଥିନ, ଭଙ୍ଗା ଆଜବେଷ୍ଟସ୍ ଛାଉଣିରେ
ଜୀବନ ସଢୁଛି ଏକ ଆବିଳ ପରିବେଶରେ ।

ମୁଁ, ବା କ'ଣ କରିପାରିବି ଅପସୃତ ମାନବିକତାର
ନୀତି ଦେଖୁଛି ଅନେକ ଉପେକ୍ଷିତ ଆସର ଆଶାର,
ବିପର୍ଯ୍ୟସ୍ତ କ୍ଳାନ୍ତି ନିଭା କୁଟୀର
ରାସ୍ତା ସଫେଇ ପରେ ପଦ୍ମା ମାଉସୀ
ଯାହାକୁ ଘର କହି ଫେରେ
ସେ ଏକ ଅସ୍ୱଚ୍ଛ ଅନ୍ତହୀନ ଝଞ୍ଜାନଳ ଜୀବନ ।

ଅଧା ତନୁ ଚୀରାଣିରେ, ଅଧିଶ୍ରାନ୍ତ ପଥିକଟେ ପରି
ସେଠି ଭିନ୍ନ ଏକ ନଶ୍ୱର ନର୍କ ବିଳିବିଳୋଉ ଥାଏ
ଶୋଷଣର ମହାପର୍ବ ପରେ
ମୁଁ ମୋ ଉତ୍ତରୀୟ ଖଣ୍ଡକ ବି ପାରେନି ବଢେଇ
କେବଳ ନିଗାଡେ ତୁମପରି ପ୍ରୀତିର ଅଶ୍ରୁ ମୁନ୍ଦାଏ ।

ବୀତସ୍ପୃହ ଜୀବନକୁ ଦେଖି
ସ୍ୱର୍ଗ କରି ତୋଳିବାର ସ୍ୱପ୍ନ ଏ ଧରାର ଚିତ୍ରପଟ ବିଦାରେ
ଆତ୍ମାକୁ
ଅନର୍ହ ଅପତ୍ୟଙ୍କ କୁତ୍ସ୍ର ଅଦିଶା ଦେଖି
କେବେ ପଙ୍କ ଫିଙ୍ଗାଫିଙ୍ଗି, କେବେ ନାରାବାଜି
କେବେ ଅଣ୍ଡା ମାଡ, କେବେ ରାସ୍ତା ରୋକ ।

ଯୋଜନାର ଘୁଷ୍ ନିର୍ବାଚନ ଟଣାଓଟରାରେ
ପଙ୍ଗୁ ଅଥର୍ବ ସମାଜ ସର୍ଜନାର ସଂକଳ୍ପରେ
ଅହରହ ତିଆରନ୍ତି ଚକ୍ରବ୍ୟୁହ ସ୍ୱେଚ୍ଛାଚାରିତାର
ମୁଁ ଖୁବ୍ ଅତିଷ୍ଠ ଦେଖିଦେଖି ଅପଚାର, ଅନ୍ୟାୟ ଚିରାଳ ।


♥ ବୁର୍ଲା, ସମ୍ବଲପୁର, ଓଡିଶା
(ମୋ)୯୪୩୯୨୧୧୯୭୧

# ଶିଶୁ ଅନନ୍ତ



ଦିଲ୍ଲୀପ କୁମାର ସାହୁ

ଓଡ଼ିଶାରର ଧର୍ମ କହିଲେ ଜଗନ୍ନାଥ ଧର୍ମ । ଓଡଶାର ସସ୍ପସ୍କୃତି କହିଲେ ଜଗନ୍ନାଥ ସଂସ୍କୃତି । ଓଡ଼ିଶାର ସାମାଜିକ ଅର୍ଥନୈତିକ ଓ ରାଜନୈତିକ ଭିତ୍ତିଭୂମି ର ମୂଳରେ ଜଗନ୍ନାଥ । ଆଜିକୁ ପ୍ରାୟ ଛଅଶହ ବର୍ଷତଳେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ନେଇ ଯେଉଁ ଜ୍ଞାନ ମିଶ୍ରା ଭକ୍ତି ଆନ୍ଦୋଳନ ର ସୂତ୍ରପାତ ହୋଇଥିଲା ତାର ମଙ୍ଗ ଧରିଥିଲେ ପାଞ୍ଚଜଣ ଶିଦ୍ଧ ପୁରୁଷ , ବଳରାମ, ଜଗନ୍ନାଥ, ଅଚ୍ୟୁତ, ଅନନ୍ତ ଓ ଯଶୋବନ୍ତ । ପଞ୍ଚଶଖା ଭାବରେ କ୍ଷାତ ସେହି ଶିଦ୍ଧ ପୁରୁଷମାନେ ଯେ କେବଳ ମହାପ୍ରଭୁଙ୍କ ପରମ ଭକ୍ତ ଥିଲେ ତା ନୁହେଁ,ସେମାନେ ଥିଲେ ସମାଜ ସଂସ୍କାରକ ଓ ସାରସ୍ୱତ ସାଧକ । ସେମାନଙ୍କ ମଧ୍ୟରୁ ଅନନ୍ତ ଦାସଙ୍କର ବିଶେଷତ୍ୱ ଥିଲା ଯେ ସେ ଥିଲେ ଜଣେ ଯୋଗ ସାଧକ । ସେ ଶୈଶବରୁ ଯୋଗ ସାଧନା କରୁଥିଲେ ଓ ଶ୍ରୀକ୍ଷେତ୍ର ରହଣୀ କାଳରେ ଶ୍ରୀମନ୍ଦିରରେ ଅବିଚଳିତ ଭାବରେ ଯୋଗକ୍ରିୟା ସମ୍ପାଦନ କରୁଥିଲେ ।

ଅନନ୍ତ କହୁଥିଲେ ଯେ ଯୋଗ ସାଧନା ଦ୍ୱାରା ମନ ଓ ପ୍ରାଣରେ ସ୍ଥିରତା ଆସେ, ଯାହାକି ସିଦ୍ଧି ପ୍ରାପ୍ତିର ପଥକୁ ସୁଗମ କରିଥାଏ ।

ଅନନ୍ତ ଦାସଙ୍କର ଜନ୍ମ ସ୍ଥାନ ଖୋର୍ଦ୍ଧା ଜିଲ୍ଲା ବାଲିପାଟଣାଠାରେ । ତାଙ୍କ ବାପାଙ୍କ ନାଁ କପିଳ ମହାନ୍ତି ଓ ମାଆ ହେଲେ ଗୌରୀ ଦେବୀ । ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ଉଦୟ କାହାଣୀ ଅନୁସାରେ ଅନନ୍ତ, ପୁରୁଷୋତ୍ତମ ଦେବଙ୍କ ରାଜତ୍ୱର ୨୫ ଅଙ୍କରେ ଅର୍ଥାତ ୧୪୮୬ ଖ୍ରୀଷ୍ଟାବ୍ଦରେ ଜନ୍ମଗ୍ରହଣ କରିଥିଲେ । ପିଲାଟି ଦିନୁ ସେ ତାଙ୍କ ବାପା ମାଆଙ୍କୁ ହରାଇ ଅନାଥ ହୋଇଯାଇଥିଲେ । ଲୋକେ କହନ୍ତି ଜଗନ୍ନାଥ ହିଁ ତାଙ୍କୁ ପାଳି ପୋଷି ବଡ କରିଥିଲେ ।

କୀମ୍ବଦନ୍ତୀ କହେ ଅନନ୍ତ ଈଶ୍ୱରଙ୍କ ଅବତାର। ସେ ସତ୍ୟଯୁଗର ଶେଷଦେବ ନୃସିଂହ, ତ୍ରେତୟାର ଲକ୍ଷ୍ମଣ, ଦ୍ୱାପରର ବଳରାମ, ଜଗନ୍ନାଥ ଚେତନାର ବଳଦେବ ଓ ବୈଷ୍ଣବୀୟ ଦର୍ଶନର ଗୌର ନିତାଇ । ଶିଶୁ ଅନନ୍ତ ଜଣେ ପ୍ରସିଦ୍ଧ ଯୋଗସାଧକ ଥିଲେ । ସେ ଯୋଗ ବଳରେ ଜଗତର ପିତାମାତା ଲକ୍ଷ୍ମୀନାରାୟଣଙ୍କର କୋଳରେ ଶିଶୁ ପ୍ରଦ୍ୟୁମ୍ନଙ୍କ ରୂପରେ ଖେଳିଥିଲେ। ତେଣୁ ସେ ଶିଶୁ ଅନନ୍ତ ଭାବରେ କ୍ଷାତ ହେଲେ।

ଆଉ ଏକ କୀମ୍ବଦନ୍ତୀ ଅନୁସାରେ ଅନନ୍ତ 'ଶିଶୁ' ସମ୍ପ୍ରଦାୟର ପ୍ରତିଷ୍ଠାତା ଓ ପ୍ରବର୍ତ୍ତକ ହୋଇଥିବାରୁ ଶିଶୁ ଅନନ୍ତ ଦାସ ନାମରେ ପରିଚିତ ହେଲେ । ପରବର୍ତ୍ତୀ କାଳରେ 'ଶିଶୁ' ଗୋଷ୍ଠୀର କବିମାନେ ସେମାନଙ୍କ ନାମ ପୂର୍ବରୁ ଶିଶୁ ଯୋଡ଼ି ଥିବା ଜଣାଯାଏ, ଯେପରି- ଶିଶୁ ଅର୍ଜୁନ ଦାସ , ଶିଶୁ ବନମାଳି ଦାସ , ଶିଶୁ ଶଙ୍କର ଦାସ, ଶିଶୁ ପ୍ରତାପରାୟ ଓ ଶିଶୁ ଦୟାନିଧି ଦାସ ।

ଅନ୍ୟ ଚାରିଶଖାଙ୍କ ପରି ଅନନ୍ତ ମଧ ଶ୍ରୀଚୈତନ୍ୟ ଙ୍କର ପ୍ରିୟ ଥିଲେ । ଶିଶୁ ଅନନ୍ତ ଥିଲେ ସୂର୍ଯ୍ୟ ଉପାସକ । ସୂର୍ଯ୍ୟ ଉପାସନା ସମୟରେ କୋଣାର୍କ ଠାରେ ଶ୍ରୀଚୈତନ୍ୟ ଓ ନିତ୍ୟାନନ୍ଦଙ୍କ ସହ ତାଙ୍କର ସାକ୍ଷାତ ହୋଇଥିଲା। ସେମାନଙ୍କ ସସ୍ପସ୍ପର୍ଶ ରେ ଆସି ସେ ବୈଷ୍ଣବ ଧର୍ମରେ ଦୀକ୍ଷିତ ହୋଇଥିଲେ । ଅନନ୍ତ ବୈଷ୍ଣବ ହୋଇଯିବା ପରେ ତାଙ୍କ ସାଙ୍ଗିଆ ମହାନ୍ତିରୁ ଦାସ ହୋଇଯାଇଥିଲା । ଶିଶୁ ଅନନ୍ତଙ୍କର ଗୁରୁ ଥିଲେ ରାମାନୁଜ । ତେଣୁ ତାଙ୍କୁ ରାମାନୁଜ ପନ୍ଥି ବୈଷ୍ଣବ କୁହାଯାଏ ।



ଶିଶୁ ଅନନ୍ତ ଥିଲେ ଜଣେ ଦୂରଦ୍ରଷ୍ଟା ଶିଦ୍ଧ ପୁରୁଷ । ଦିବ୍ୟ ଦୃଷ୍ଟି ବଳରେ ଭୂତ ଭବିଷ୍ୟତ କଥା ସେ ଜାଣି ପାରୁଥିଲେ, ଯାହାକି ତାଙ୍କ ମାଳିକା ମାନଙ୍କରେ ପ୍ରତିଫଳିତ ହୋଇଛି ।

ଅନନ୍ତ ତାଙ୍କର ଜ୍ଞାନ ବଳରେ ଲୋକମାନଙ୍କୁ ବଡବଡ ସମସ୍ୟାର ସହଜ ସମାଧାନ ବାଟ ବତାଇପାରୁଥିଲେ । ସେଥିପାଇଁ କଥା ଅଛି ଅଚ୍ୟୁତଙ୍କ ଠାର ଓ ଅନନ୍ତଙ୍କ ଗାର । ଅର୍ଥାତ ଅଚ୍ୟୁତାନନ୍ଦ ଠାରରେ ସମସ୍ୟା ସମାଧାନର ସୂତ୍ର ବତାଉଥିବାବେଳେ ଅନନ୍ତ ଗାରକାଟି ସମସ୍ୟାର ସମାଧାନ କରିପାରୁଥିଲେ ।

ଜଣେ ସାରସ୍ୱତ ସ୍ରଷ୍ଟା ଭାବରେ ଅନନ୍ତ ଲେଖିଯାଇଛନ୍ତି ଅନେକ ଭଜନ, ଜଣାଣ, ଗୀତା, ଚାଉତିଶା ଓ ମାଳିକା ଇତ୍ୟାଦି । ତାଙ୍କର ପ୍ରମୁଖ ରଚନା ଗୁଡିକ ହେଲା ଗୁପ୍ତବାଣୀ, ଉଦେ ବାଖର, କଳି ମାଳିକା, କଳି ଭାଗବତ, ଗୁପ୍ତ ବ୍ରହ୍ମତତ୍ତ୍ୱ ଦର୍ଶନ,ତତ୍ତ୍ୱପୂର୍ଣ୍ଣ ଗୀତା,ତାଣ୍ଡବ ରାସ,ପଦକଳ୍ପତରୁ,ପଦ ପୋଥି,ପଦ୍ମବନ ରାସ, ବ୍ରହ୍ମପାର୍ଥିବ ତତ୍ତ୍ୱସାର ଗୀତା, ଭବିଷ୍ୟ ତତ୍ତ୍ୱ ଲେଖନ, ମୋହକଳ୍ପ ତତ୍ତ୍ୱଟୀକା,ଶବ୍ଦବ୍ରହ୍ମ ବା ସୁପ୍ରକାଶ, ଜ୍ଞାନଲହରୀ, ଶୂନ୍ୟନାମ ଭେଦ,

ଶୂନ୍ୟରାଦ ଓ ସନ୍ଧିଜ୍ଞାନ,ସଂସାର ତତ୍ତ୍ୱବୋଧ ଲେଖନ,ଗରୁଡ଼ କେଶବ ଚଉତିଶା,ଭବିଷ୍ୟ ପୁରାଣ, ଚୁମ୍ବକ ଆଗତ ଭବିଷ୍ୟ ମାଳିକା, ଅର୍ଥତାରେଣୀ, ପ୍ରଶ୍ନୋତ୍ତର, ଅଣାକାର ଶବଦ, ଭକ୍ତିମୁକ୍ତି ଦାୟକ ଗୀତା ଓ ହେତୁ ଉଦୟ ଭାଗବତ ଇତ୍ୟାଦି । ଅନନ୍ତଙ୍କର ଅଧିକାଂଶ ରଚନା ମୁଦ୍ରିତ ହୋଇ ନଥିବାରୁ ଏଯାଏ ଲୋକ ଲୋଚନକୁ ଆସିପାରିନାହିଁ ।



ହେତୁ ଉଦୟ ଭାଗବତ ଶିଶୁ ଅନନ୍ତଙ୍କ କାଳଜୟୀ ରଚନା । ବ୍ରହ୍ମଜ୍ଞାନମୂଳକ ଏହି ଗ୍ରନ୍ଥଟି ଦଶ ଅଧ୍ୟାୟ ବିଶିଷ୍ଟ । ଏଥିରେ ଗୁରୁକୃପା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିବାବେଳେ ନାଥ ଧର୍ମ ଓ ବୌଦ୍ଧ ଧର୍ମଧାରା ସମ୍ପର୍କରେ ମଧ ବର୍ଣ୍ଣନା ରହିଛି।

ଅନନ୍ତଙ୍କ ଭାଷାରେ ଗୁରୁ ହେଉଛନ୍ତି ସର୍ବ ମହିମାମୟ, ମହିମା ସାଗର । ଗୁରୁଙ୍କ ଚରଣାଶ୍ରିତ ହେଲେ ସିଦ୍ଧିର ମାର୍ଗ ସହଜ ହୋଇଥାଏ । ପୁନଶ୍ଚ ହେତୁ ଉଦୟ ଭାଗବତରେ ବର୍ଣ୍ଣନା କରାଯାଇଛି ଯେ ଦେହ ମଧ୍ୟରେ ଚଉଦ ବ୍ରହ୍ମାଣ୍ଡ, ପଞ୍ଚମନ ଓ ପଚିଶ ପ୍ରକୃତି ସହିତ ପରମବ୍ରହ୍ମଙ୍କ ସବୁ ଅବତାର ବିଦ୍ୟମାନ । ଅନନ୍ତ ଦାସ ନିଜ ଗ୍ରାମରେ ଆଶ୍ରମଟିଏ ପ୍ରତିଷ୍ଠା କରିଥିଲେ ଯାହାର ନାମ ରଖିଥିଲେ ଶିଶୁ ମଠ । ତାହାହିଁ ଥିଲା ତାଙ୍କ ଶେଷ କର୍ମସ୍ଥଳୀ । ସେହିଠାରେ ସେ ଶେଶ ନିଶ୍ୱାସ ତ୍ୟାଗ କରିଥିଲେ। ସେଠାରେ ଥିବା ତାଙ୍କ ସମାଧି ,ପ୍ରତି ଓଡ଼ିଆଙ୍କ ପାଇଁ ଏକ ପବିତ୍ର ପୀଠ ।

+ଶଙ୍କରପୁର, ଚାରବାଟିଆ, କଟକ
ମୋ-୯୮୬୧୧୨୬୧୯୭

## ମେଥି ଚିକେନ



**ଆବଶ୍ୟକ ସାମଗ୍ରୀ:** ଧନିଆକୁ ଗୁଣ୍ଡ, ଚିକେନ, ଅଦା ରସୁଣ ପେଷ୍ଟ, କଟା ପିଆଜ, ଶୁଖିଲା ଲଙ୍କା, ମେଥି ପତ୍ର, କଞ୍ଚା ଲଙ୍କା ବଟା, ଲୁଣ, ଲଙ୍କା ପାଉଡର, ଚାଟ ମସଲା, ଗରମ ମସଲା, କ୍ରିମ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହେବାପରେ ଧନିଆକୁ ଗୁଣ୍ଡକୁ ସେଥିରେ ପକାଇ ଗୋଳାଇ ଦିଅନ୍ତୁ। ପରେ ସେଥିରେ ଅଦା ରସୁଣ ପେଷ୍ଟ, କଟା ପିଆଜ ଓ ଶୁଖିଲା ଲଙ୍କା ପକାଇ ଅଳ୍ପ ସମୟ ପାଇଁ କଷନ୍ତୁ। ତା' ପରେ ସେଥିରେ ମେଥି ପତ୍ର ଓ କଞ୍ଚା ଲଙ୍କା ବଟା, ସ୍ୱାଦ ଅନୁସାରେ ଲୁଣ, ଲଙ୍କା ପାଉଡର, ଚାଟ ମସଲା ଓ ଗରମ ମସଲା ପକାଇ ଗୋଳାଇ ଦିଅନ୍ତୁ। ଏହା ପରେ ସେଥିରେ ଚିକେନକୁ ପକାଇ ଗୋଳାଇ ଦିଅନ୍ତୁ। ତା' ପରେ ସେଥିରେ କ୍ରିମ ପକାଇ ଦେଇ ଗୋଳାଇ ଦେଇ ଚିକେନକୁ ଅଧ ଘଣ୍ଟା ପାଇଁ ସିଝିବାକୁ ଛାଡି ଦିଅନ୍ତୁ। ଅଧ ଘଣ୍ଟାଏ ପରେ ଗ୍ୟାସ ଆଞ୍ଚକୁ ବନ୍ଦ କରି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ମେଥି ଚିକେନ।

## କ୍ଷତିକାରକ ସୋୟାବିନ୍ ତେଲ



ସଫି ମଲ୍‌ର ଫୁଡ୍ ବଜାର ହେଉ କିମ୍ବା ଅନ୍-ଲାଇନ୍‌ରେ ଏବେ ବିଭିନ୍ନ କମ୍ପାନୀର ରନ୍ଧା ତେଲ ମିଳୁଛି । ଲୋକେ ମଧ ଉ ମ ସ୍ୱାସ୍ଥ୍ୟ ନିମନ୍ତେ ବିଶେଷଜ୍ଞଙ୍କ ପରାମର୍ଶରେ ସ୍ୱତନ୍ତ୍ର ବ୍ରାଣ୍ଡର ରନ୍ଧା ତେଲର ବ୍ୟବହାର କରୁଛନ୍ତି । କେତେକ ବର୍ଗ, ଅଲିଭ ତେଲ ପ୍ରସ୍ତୁତ ଖାଦ୍ୟ ଖାଇବାକୁ ପସନ୍ଦ କରୁଥିବାବେଳେ ଅନ୍ୟମାନେ ରିଫାଇନ୍ ତେଲ, ସୋରିଷ ତେଲ, ନଡିଆ ତେଲ ଓ ସୋୟାବିନ୍ ତେଲର ଉପଯୋଗ ମଧ କରିଥାନ୍ତି । ଲସଆଞ୍ଜେଲସ୍‌ର ଗବେଷକଦଳ ପ୍ରକାଶ କରିଛନ୍ତି ଯେ ସୋୟାବିନ୍ ତେଲ ପ୍ରସ୍ତୁତ ଖାଦ୍ୟ ଖାଇଲେ ମଧୁମେହ, ମେଦବହୁଳ ରୋଗ ହେବା ସହ ମସ୍ତିଷ୍କ ଉପରେ ମଧ କୁପ୍ରଭାବ ପକାଇଥାଏ । ସୋୟାବିନ୍ ତେଲ କାରଣରୁ ଅଟିଜିମ୍ ଓ ଅଲ୍‌ଜାଇମର୍ ପରି ହେବାର ଆଶଙ୍କା ସର୍ବାଧିକ । ଫାଷ୍ଟଫୁଡ୍ ପ୍ରସ୍ତୁତି ସମୟରେ ଏଇ ସୋୟାବିନ୍ ତେଲର ଉପଯୋଗ ଅଧିକ କରାଯାଏ । ବିଭିନ୍ନ ପ୍ରକାର ପ୍ୟାକେଟ୍ ଖାଦ୍ୟ ଅଧିକ ଦିନ ସତେଜ ରହିବା ନିମନ୍ତେ ମଧ ସୋୟାବିନ୍ ତେଲ ବ୍ୟବହୃତ ହେଉଥିବାର ଜଣାପଡିଛି । ପ୍ୟାକେଟ୍ ଖାଦ୍ୟ ଖାଉଥିଲେ ଏବେଠାରୁ ସତର୍କ ରୁହନ୍ତୁ । ଗବେଷକଦଳ ମୂଷାଙ୍କ ଉପରେ ପରୀକ୍ଷା କରି ଜାରିପାରିଛନ୍ତି ଯେ ସୋୟାବିନ୍ ତେଲ ମସ୍ତିଷ୍କ ନିମନ୍ତେ କେତେ ପରିମାଣରେ କ୍ଷତିକାରକ । ସୋୟାମିଲ୍କ, ସୋୟା ସସ୍, ସୋୟାବିନ୍ ପ୍ରସ୍ତୁତ ଟୋଫୁରେ ତେଲର ପରିମାଣ କମ୍ ଥିବାରୁ ତାହା ସ୍ୱାସ୍ଥ୍ୟ ପାଇଁ ଏତେ ମାତ୍ରାରେ ହାନିକାରକ ନୁହେଁ ବୋଲି ଅନୁଧ୍ୟାନରୁ ଜଣାପଡିଛି । ଗତ କିଛି ବର୍ଷ ମଧ୍ୟରେ ସୋୟାବିନ୍ ତେଲର ଲୋକପ୍ରିୟତା ବୃଦ୍ଧି ପାଇଥିବାବେଳେ ବିଦେଶୀ ରାଷ୍ଟ୍ରରେ ଏହି ତେଲର ବିକ୍ରି ବଢ଼ିବାରେ ଲାଗିଛି ।

## ପିଲାଙ୍କ ପାଇଁ ରୋବଟ୍ ଖେଳନା



ଧନିକ ବର୍ଗର ଲୋକେ ଏବେ ପିଲାଙ୍କୁ ଉପହାର ଭାବେ 'ରୋବଟ୍ ଖେଳନା' ଦେବାକୁ ପସନ୍ଦ କରୁଛନ୍ତି । ଦୁବାଇର ଅଧିକାଂଶ ଧନୀ ବ୍ୟକ୍ତି ସେମାନଙ୍କ ପିଲାଙ୍କୁ କିଛି ଭିନ୍ନ ଭେଟି ଦେବା ନିମନ୍ତେ ଏଇ ରୋବଟ୍ ଖେଳନାକୁ ପ୍ରଥମରେ ମନୋନୀତ କରୁଥିବାର ଦେଖାଯାଉଛି । ବିଭିନ୍ନ ପ୍ରକାରର ରୋବଟ୍ ଖେଳନା ମଧ୍ୟରୁ 'ବବି: ରେକ୍ସ ଦ ଡଗ୍' ଓ ଅନ୍ୟଟି 'ସ୍ୱାଇକି ମିନି ବକ୍ସ' । ଦୁହିଁଙ୍କର ମୂଲ୍ୟ ଯଥାକ୍ରମେ ୧୧,୯୯୯ ଟଙ୍କା ଓ ୧୨,୪୯୧ ଟଙ୍କା । ଏଇ ଖେଳନା ରୋବଟ୍‌ଗୁଡିକ ମନୁଷ୍ୟର ଆଦେଶ ଅନୁସାରେ କେତୋଟି କାମ କରନ୍ତି । ପିଲାଙ୍କୁ ଏହି ଖେଳନା ରୋବଟ୍ କୌଣସି କ୍ଷତି ପହଂଚାଇନଥାଏ ବୋଲି କମ୍ପାନୀ ତରଫରୁ କୁହାଯାଇଛି । ଅନ୍ୟପାଖେ ଡଗ୍ ରୋବଟ୍ ଘରର ଜଗୁଆଳୀ ଭାବେ ମଧ କାମ କରେ । ଏହା ଏପରି ପ୍ରକାରର ଏକ ରୋବଟ୍, ଯାହା ବିଲେଇ ସହ ମଧ ଖେଳିପାରେ । ଅଜଣା ଲୋକ ଘର ଦୁଆର ପାଖେ ଛିଡା ହେବା ମାତ୍ରେ ସେନ୍‌ସର୍ ସହାୟତାରେ ରେକ୍ସ ଡଗ୍ ରୋବଟ୍ ଏହା ଜାଣିପାରେ । ସାଢେ ପାଂଚ ଇଂଚର ଏଇ କୁକୁର ରୋବଟ୍ ଦୁଇଟି ବ୍ୟାଟେରି ସହାୟତାରେ କମ କରିଥାଏ ।



## ବିଶ୍ୱର ଦ୍ରୁତଗାମୀ ପିମ୍ପୁଡି



ପିମ୍ପୁଡି ପରି ଜୀବକୁ ଅନେକେ ଗୁରୁତ୍ୱ ଦିଅନ୍ତି ନାହିଁ । ତେବେ ପିମ୍ପୁଡିର ଏକ ପ୍ରଜାତି ଯେ ଏପରି ବେଗରେ ଚାଲିପାରେ, ଏହା ବିଶ୍ୱାସ ହେଉ ନଥିଲେ ବି ସତ । ଜର୍ମାନୀର ଗବେଷକମାନେ ବିଶ୍ୱର ସବୁଠାରୁ ଦ୍ରୁତଗାମୀ ପିମ୍ପୁଡି ଆବିଷ୍କାର କରିଛନ୍ତି । ସାହାରା ମରୁଭୂମିର ଉତ୍ତର ଭାଗରେ ଏହି ପିମ୍ପୁଡି ଦେଖାଯା'ନ୍ତି । ଦେହର ରଙ୍ଗ ରୁପେଲି ହୋଇଥିବାରୁ ଏମାନଙ୍କୁ ସିଲ୍‌ଭର ଆଣ୍ଟ ବୋଲି କୁହାଯାଏ । ୧ ସେକେଣ୍ଡରେ ଏହି ପିମ୍ପୁଡି ନିଜ ଶରୀର ଦୈର୍ଘ୍ୟର ୧୦୮ ଗୁଣ ଦୂରତା ଯାଇପାରେ । ସେକେଣ୍ଡ ପ୍ରତି ୧୩ ମିଟର ଦୂରରେ ପାଦ ପକାଇ ପାରୁଥିବା ଏହି ପିମ୍ପୁଡି ସେକେଣ୍ଡ ପ୍ରତି ୮୫୫ ମିଲିମିଟର ବେଗରେ ଚାଲିପାରେ । ଜର୍ମାନୀର ଉଲ୍‌ମ ବିଶ୍ୱବିଦ୍ୟାଳୟର ଗବେଷକମାନେ କ୍ୟାମେରା ଲଗାଇ ଏହି ପିମ୍ପୁଡି ଉପରେ ନଜର ରଖିଥିଲେ । ସେମାନେ ଏଥିପାଇଁ ଦକ୍ଷିଣ ଟ୍ୟୁନିସିଆର ଡାଉଜ୍‌ଠାରେ ପହଂଚି ସେଠାରେ ବାଲିରେ ଏହି ପ୍ରଜାତିର ପିମ୍ପୁଡିକୁ ଆବିଷ୍କାର କରିଥିଲେ । ସିଲ୍‌ଭର ଆଣ୍ଟ୍ ଖାଦ୍ୟ ଅନ୍ୱେଷଣରେ ଦ୍ୱିପ୍ରହର ସମୟର ତାତିଲା ବାଲିରେ ବାହାରେ । ଏହା ଖରାରେ ବି ସେକେଣ୍ଡ ପ୍ରତି ୧ ମିଟର ଦୌଡ଼ିପାରେ ବୋଲି ଗବେଷକମାନେ ଜଣାଇଛନ୍ତି । ମରୁଭୂମି ଅଂଚଳରେ ରହୁଥିବା ଅଧିକାଂଶ ଜୀବ ଦ୍ୱିପ୍ରହର ସମୟରେ ଖରାଯୋଗୁ ଲୁଚି ରହୁଥିବା ବେଳେ ସିଲ୍‌ଭର ଆଣ୍ଟର ସ୍ୱଭାବ ବିପରୀତ । ଏମାନେ ଦ୍ୱିପ୍ରହର ସମୟରେ ଅଧିକ ଦ୍ରୁତ ବେଗରେ କାର୍ଯ୍ୟ କରିଥାନ୍ତି । ତାପମାତ୍ରା ଅଧିକ ବଢ଼ିଲେ ଏହି ପିମ୍ପୁଡି ବସାରୁ ବାହାରି ଖାଦ୍ୟ ଅନ୍ୱେଷଣରେ ଯାଇଥାଏ । ଏହାର ଶରୀରରେ ଥିବା ଉଜ୍ଜ୍ୱଳ ରୁପେଲି ରଙ୍ଗର ଲୋମ ଯୋଗୁ ଏହାକୁ ସିଲ୍‌ଭର ଆଣ୍ଟ ନାମ ଦିଆଯାଇଛି । ଏହି ବିଶେଷତ୍ୱ ୭୦ଡିଗ୍ରୀ ତାପମାତ୍ରାରେ ବି ଏହି ପିମ୍ପୁଡିକୁ ଜୀବିତ ରଖିବାରେ ସହାୟକ ହୋଇଥାଏ । ଚାଲିବାର ବେଗ ଏବଂ ଖାଦ୍ୟ ଅନ୍ୱେଷଣର ବିଶେଷ କୌଶଳ ଯୋଗୁ ପ୍ରବଳ ଖରାରେ ରହି ମଧ ଏହାର ପାର୍ଶ୍ୱ ପ୍ରତିକ୍ରିୟା ହେବା ପୂର୍ବରୁ ଏହି ପିମ୍ପୁଡି ନିଜ ବସାକୁ ଫେରିଯାଇଥାଏ ।

## ଶ୍ୱାସ ଦୂରକରେ ଶଙ୍ଖ ବାଦନ



କେତେକଙ୍କଠାରେ ଶ୍ୱାସ ସମସ୍ୟା ଦେଖାଦେଇଥାଏ । ବିଶେଷକରି ଶୀତଦିନେ ଏହାର ପ୍ରଭାବ ଅଧିକ ଦେଖାଦେଇଥାଏ । ଏଥିପାଇଁ କେତେକ ଡାକ୍ତରଙ୍କ ପରାମର୍ଶ ନେବା ସହିତ ଔଷଧ ସେବନ କରିଥାନ୍ତି । ତେବେ କେତେକ ଘରୋଇ ଉପଚାର ଦ୍ୱାରା ଏହି ସମସ୍ୟା ସହଜରେ ଦୂର ହୋଇଥାଏ । ସକାଳେ ସନ୍ଧ୍ୟାରେ ଅଭ୍ୟାସ କରି ଶଙ୍ଖ ବାଦନ କଲେ ଶ୍ୱାସ ସମସ୍ୟା ସହଜରେ ଦୂର ହୋଇଥାଏ ବୋଲି ଶଙ୍ଖ ବିଶେଷଜ୍ଞ ପରାମର୍ଶ ଦେଇଥାନ୍ତି । ଏହାଦ୍ୱାରା ରକ୍ତ ସଂଚାଳନ ସ୍ୱାଭାବିକ ହୁଏ । ଶଙ୍ଖ ବାଦନ ଦ୍ୱାରା ମୁଖମଣ୍ଡଳର ମାଂସପେଶୀ ସୁଦୃଢ ହୁଏ । ଏହାଦ୍ୱାରା ମୁଖମଣ୍ଡଳ ଉଜ୍ଜ୍ୱଳତା ମଧ ବୃଦ୍ଧି ପାଏ ।

## ଖାଲି ପେଟରେ ଗ୍ରୀନ୍ ଟି' ପିଉଥିଲେ ସାବଧାନ



ଆଜି କାଲି ଗ୍ରୀନ୍ ଟି' ପିଇବା ଏକ ଟ୍ରେଣ୍ଡ ପାଲଟିଗଲାଣି । ପତଳା ହେବା ପାଇଁ ଆଉ ଫିଟ ରହିବା ପାଇଁ ଅଧିକାଂଶ ଲୋକେ ଗ୍ରୀନ୍ ଟି' ପିଇବାକୁ ଭାରି ପସନ୍ଦ କରନ୍ତି । ରିପୋର୍ଟ ଅନୁଯାୟୀ, ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ସ୍ୱାସ୍ଥ୍ୟକୁ ଠିକ୍ ରଖିବାରେ ସାହାଯ୍ୟ କରିଥାଏ ଏବଂ ଆମକୁ ଅନେକ ରୋଗରୁ ରକ୍ଷା କରିଥାଏ । ତେବେ ଗ୍ରୀନ୍ ଟି'କୁ ଯଦି ଆପଣ ସଠିକ୍ ଭାବରେ ନ ପିଇବେ, ତେବେ ଏହା ଭୟାନକ ହୋଇପାରେ । ଏହା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ । ଅନେକ ଲୋକଙ୍କର ସକାଳେ ଖାଲି ପେଟରେ ଗ୍ରୀନ୍ ଟି' ପିଇବା ଅଭ୍ୟାସ ଅଛି, କିନ୍ତୁ ଏହି ଅଭ୍ୟାସ ଆପଣଙ୍କୁ ଭାରି ପଡିପାରେ । ସକାଳୁ ଖାଲି ପେଟରେ ଗ୍ରୀନ୍ ଟି' ପଇଲେ କ'ଣ ସବୁ ଅସୁବିଧା ଭୋଗିବାକୁ ପଡେ ଆସନ୍ତୁ ଜାଣିବା ।

ଖାଲି ପେଟରେ ଗ୍ରୀନ୍ ଟି ପିଇବା ଦ୍ୱାରା ପେଟ ଜଳେ ଓ ଭୋକ ହୁଏନି । କିଛି ଖାଇବାକୁ ଭଲ ଲାଗିବନି । ଖାଲି ପେଟରେ ଗ୍ରୀନ୍ ଟି' ପିଇବା ଦ୍ୱାରା ଏସିଡ୍ ସୃଷ୍ଟି ହୁଏ । ଏହି କାରଣରୁ ପେଟରେ ଯନ୍ତ୍ରଣା ଆରମ୍ଭ ହୋଇଯାଏ । ବିଶେଷଜ୍ଞଙ୍କ ମୁତାବକ, ଖାଲି ପେଟରେ ଗ୍ରୀନ୍ ଟି' ପିଇବା ବଦଳରେ ଏହାକୁ ଦିନରେ ସମୟ ସମୟରେ ଅଳ୍ପ ଅଳ୍ପ କରି ପିଇବା ଉଚିତ । ଅତ୍ୟଧିକ ମାତ୍ରାରେ ଗ୍ରୀନ୍ ଟି' ସେବନ କରିବା ଦ୍ୱାରା ଶରୀରରେ ଆଇରନ୍‌ର ଅଭାବ ଦେଖାଦିଏ । ଗ୍ରୀନ୍ ଟି'ରେ ଥିବା ଟ୍ୟାନିନ୍, ଖାଦ୍ୟ ପଦାର୍ଥ ଏବଂ ପୋଷକ ତତ୍ତ୍ୱରୁ ହେଉଥିବା ଆଇରନ୍ ଉତ୍ପନ୍ନରେ ବାଧା ସୃଷ୍ଟି କରେ । ଏହାର ଅତ୍ୟଧିକ ବ୍ୟବହାର ଗର୍ଭାବସ୍ଥାରେ କିମ୍ବା ଶିଶୁର ଜନ୍ମ ପରେ ମଧ କ୍ଷତି ପହଞ୍ଚାଇପାରେ । ଯଦି ଆପଣ ଏହାକୁ ଅଧିକ ପିଅନ୍ତି ତେବେ ଏହା ଆପଣଙ୍କ ଗର୍ଭପାତର କାରଣ ମଧ ହୋଇପାରେ । କଫି ପରି ଗ୍ରୀନ୍ ଟି'ରେ ମଧ କ୍ୟାଫିନ୍ ରହିଛି । ଯଦିଓ ଏହାର ପରିମାଣ ବେଶ କମ୍ ତଥାପି ଖାଲି ପେଟରେ ଲଗାତର ଗ୍ରୀନ୍ ଟି' ପିଇବା ଦ୍ୱାରା ଶରୀରରେ ଡିହାଇଡ୍ରେସନ୍ ଭଳି ସମସ୍ୟା ଦେଖା ଦେଇଥାଏ । ଅନେକ ଲୋକଙ୍କୁ ଖାଲି ପେଟରେ ଗ୍ରୀନ୍ ଟି' ପିଇବା ଯୋଗୁଁ ମୁଣ୍ଡ ବିନ୍ଧା ଭଳି ସମସ୍ୟା ସୃଷ୍ଟି ହୋଇଥାଏ । କୁହାଯାଏ, ଖାଲି ପେଟରେ ଏହାକୁ ପିଇବା ଦ୍ୱାରା ଗ୍ୟାସ୍ ଭଳି ସମସ୍ୟା ଉପୁଜେ ।

# ନିର୍ବାଚନ ପୂର୍ବରୁ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ନିର୍ବାଚନ କମିଶନ : ବିଜେପି

ଭୁବନେଶ୍ୱର,୧୫/୨ (ନି.ପ୍ର): ଚଳିତ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ କ୍ଷମତା ଅକ୍ତିଆର ପାଇଁ ଶାସକ ବିଜୁ ଜନତା ଦଳ ସମସ୍ତ ପ୍ରକାରର ହୀନ ଉଦ୍ୟମ ଜାରୀ ରଖିଛି । ମିଛ ପ୍ରତିଶୃତିଠୁ ଆରମ୍ଭ କରି ମଦ ଓ ଟଙ୍କା ବଂଟନ ଜରିଆରେ ଶାସକ ଦଳର ମନ୍ତ୍ରୀ ଓ ନେତାମାନେ ଭୋଟରମାନଙ୍କୁ ପ୍ରଭାବିତ କରିବାର ଅପପ୍ରୟାସ କରୁଛନ୍ତି । ଏ ସମସ୍ତ ପ୍ରସଙ୍ଗରେ କିଛି ସରକାରୀ କର୍ମଚାରୀମାନେ ଶାସକ ଦଳ ସପକ୍ଷରେ ପ୍ରଚାର କରିବା ସହିତ ସୁରକ୍ଷା ପ୍ରଦାନ କରୁଛନ୍ତି । ଡାବୁଗାଁ ବିଧାୟକ ମନୋହର ଗାନ୍ଧାରୀଙ୍କ ଦ୍ୱାରା ଆଚରଣ ବିଧିକୁ ଉଲ୍ଲଂଘନ କରି ପୁରୁଷ ଭୋଟରଙ୍କୁ ଗାମୁଛା ଏବଂ ମହିଳା ଭୋଟରଙ୍କୁ ଶାଢୀ ଆଦି ବଂଟନ ସମୟରେ ସ୍ଥାନୀୟ ଲୋକଙ୍କ ପ୍ରବଳ ବିରୋଧ କାରଣରୁ ବାଧବାଧକାତାରେ ଗାଡି ପୋଲିସ ଦ୍ୱାରା ଜବତ୍ ହେବା ଏବଂ ପରବର୍ତ୍ତୀ ସମୟରେ ଟଂକତା କରି ପରେ ଗାଡିକୁ ଛାଡିଦେବା ଘଟଣା ଏହାର ଜ୍ୱଳନ୍ତ ଉଦାହରଣ ବୋଲି ରାଜ୍ୟ ମୁଖପାତ୍ର ଠାକୁର ରଣଜିତ୍ ଦାସ କହିଛନ୍ତି ।
ନିଶାମୁକ୍ତ ପଂଚାୟତ ନିର୍ବାଚନ ବୋଲି ଘୋଷଣା କରିଥିବା ନିର୍ବାଚନ କମିଶନଙ୍କ ପ୍ରତିଶୃତି ବାସ୍ତବରେ କାର୍ଯ୍ୟକାରୀ ହେଉନାହିଁ । ଶାସକ ବିଜେଡି ଶାସନ କ୍ଷମତାର ଅପବ୍ୟବହାର କରି ଭୋଟରମାନଙ୍କୁ ଦେଶୀ ବିଦେଶୀ ମଦ ଦେଇ ପ୍ରଭାବିତ କରୁଛି । ଅବକାରୀ ଅଧିକାରୀ ଓ ପୋଲିସର ସହାୟତାରେ ପୂର୍ବରୁ ଘରେ ଘରେ ମଦ ଗଚ୍ଛିତ ରଖାଯାଇଛି । ମୁଖ୍ୟମନ୍ତ୍ରୀଙ୍କ ନିଜସ୍ୱ ଜିଲ୍ଲା ଗଂଜାମର ସାନଖେମୁଣ୍ଡି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଜିଲ୍ଲା ପରିଷଦ ଜୋନ-୬୨ ଅଧିନରେ କାଳନପଦର ଗ୍ରାମ ପଂଚାୟତ ମାଟିଆବାରୀ ଗ୍ରାମରେ ଥିବା ପଂପ୍ ହାଉସରେ ଶାସକ ବିଜେଡି ଦ୍ୱାରା ବିପୁଳ ପରିମାଣର ମଦ ଗଚ୍ଛିତ ରାଖାଯାଇଥିଲା । ଏହାକୁ ବିରୋଧ କରି ସ୍ଥାନୀୟ ଗ୍ରାମବାସୀ ବିଡିଓ ଏବଂ ପୋଲିସ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ । କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ନୀରବଦ୍ରଷ୍ଟା ସାଜିଲେ । ଗଂଜାମ ଜିଲ୍ଲା ସାନଖେମୁଣ୍ଡି, ଧରାକୋଟ ବ୍ଲକ ଅନ୍ତର୍ଗତ ଝାଡବନ୍ଧ ଗ୍ରାମରେ ଶାସକ ବିଜେଡିର ଦଳୀୟ ପ୍ରାର୍ଥୀ ଓ କାର୍ଯ୍ୟକର୍ତ୍ତାମାନେ ଭୋଟରମାନଙ୍କୁ ମିଛ ରାସନ ଓ ବାର୍ଦ୍ଧକ୍ୟ କାର୍ଡ ସହିତ ୫୦୦ ଟଙ୍କାର ପ୍ରଲୋଭନ ଦେଇ ପ୍ରଭାବିତ କରୁଛନ୍ତି । ରାଜ୍ୟ ନିର୍ବାଚନ କମିଶନ ବିହୀତ ପଦକ୍ଷେପ ଗ୍ରହଣ କରନ୍ତୁ ଏବଂ ଆସନ୍ତା କାଲି ଅନୁଷ୍ଠିତ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପୂର୍ବରୁ ଦୋଷୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୁଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଉଦାହରଣ ସୃଷ୍ଟି କରନ୍ତୁ ବୋଲି ଶ୍ରୀ ଦାସ କହିଛନ୍ତି । ଏହି ପ୍ରତିନିଧି ଦଳରେ ଅନ୍ୟତମ ରାଜ୍ୟ ମୁଖପାତ୍ର ଶ୍ରୀମତୀ ସୋନାଲି ସାହୁଙ୍କ ସମେତ ରବିଶଂକର ପଟ୍ଟନାୟକ, ଜୟନ୍ତ ଜେନା, ସୁଜିତ କୁମାର ଦାସ୍ ଏବଂ ମହେନ୍ଦ୍ର ପ୍ରଧାନ ପ୍ରମୁଖ ସାମିଲ ଥିଲେ ।

# ରାଜନୀତିର ପଶାପାଲିରେ ଚାଉଳ ଏବଂ ଗହମ

ଭୁବନେଶ୍ୱର ,୧୫/୨ (ନି.ପ୍ର): ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ରାଜନୀତିର ପଶାପାଲିରେ ଚାଉଳ ଏବଂ ଗହମ ରହିଛି । ଚାଉଳ କ୍ରୟ ନେଇ କେନ୍ଦ୍ର ଏବଂ ରାଜ୍ୟ ସରକାର ମୁହାଁମୁହିଁ ସ୍ଥିତିରେ ଅଛନ୍ତି । ଠିକ ସେହି ସମୟରେ କେନ୍ଦ୍ରୀୟ ଟିମ ଚାଉଳ ଉତ୍ପାଦିତ ପଶ୍ଚିମଓଡ଼ିଶାର ୯ଟି ଜିଲ୍ଲାର ଯାଞ୍ଚ କରୁଛି । ଇତିମଧ୍ୟରେ ସମ୍ବଲପୁର, ଦେବଗଡ଼ ଏବଂ ଝାରସୁଗୁଡ଼ାର ଚାଉଳ ନିରୀକ୍ଷଣ କରାଯାଇ ପରୀକ୍ଷା ପାଇଁ ନମୁନା ଦିଲ୍ଲୀକୁ ପଠାଯାଇଛି । ଗୋଦାମକୁ ଯାଉଥିବା ଟିମ ଚାଉଳ ଦେଖୁଥିଲେ ମଧ ସେହି ସ୍ଥାନରେ ରଖାଯାଇଥିବା ଗହମକୁ ବାଦ ଦେବା ନେଇ ବିଭିନ୍ନ ମହଲ ପ୍ରଶ୍ନ ଉଠାଇଲେଣି । ସୂଚନା ଅନୁଯାୟୀ, ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଗତରେ ରାଜ୍ୟରେ ୯୨ ଲକ୍ଷ କାର୍ଡ ରହିଛି । କାର୍ଡ ଜରିଆରେ ଦିଆଯାଉଥିବା ଖାଦ୍ୟର ସମୁଦାୟ ଆବଶ୍ୟକତାର ୭୫ ପ୍ରତିଶତ ଚାଉଳ ଏବଂ ୨୫ ପ୍ରତିଶତ ଗହମ ପୂରଣ କରେ । ୨୦୨୧-୨୨ ଖରିଫରେ ରାଜ୍ୟ ପ୍ରାୟ ୫୨ ଲକ୍ଷ ମେଟ୍ରିକ ଟନ ଚାଉଳ ଉତ୍ପାଦନ କରିଥିଲା । ରାଜ୍ୟ ସରକାରଙ୍କ ତଥ୍ୟ ଅନୁସାରେ, ସେଥିରୁ ୩୦ ଲକ୍ଷ ମେଟ୍ରିକ ଟନ ଚାଉଳ ରଖି ବଳକା ୨୨ ଟନ ଚାଉଳ ଉଠାଇବା ପାଇଁ ବ୍ୟବସ୍ଥା ରହିଛି । ମାତ୍ର ଏଫସିଆଇ ଜାଣିଶୁଣି ଚାଉଳ ରଖୁନଥିବା ନିୟମିତ ଅଭିଯୋଗ ହେଉଛି । ଅନ୍ୟଦିଗରେ ରାଜ୍ୟରେ ଗହମ ଉତ୍ପାଦିତ ହେଉନଥିବାରୁ ପ୍ରତି ମାସରେ ୨୪ ହଜାର ମେଟ୍ରିକ ଟନ ଗହମ ବାହାରୁ ରାଜ୍ୟରୁ କ୍ରୟ କରି ଏଫସିଆଇ ରାଜ୍ୟ ଯୋଗାଣ ବିଭାଗକୁ ଦିଏ । ଅନ୍ୟପକ୍ଷରେ ଧାନ ସଂଗ୍ରହ ହୋଇ ମିଲକୁ ଯାଇ ଚାଉଳ ହୋଇ ପୁଣି ଯୋଗାଣ ନିଗମକୁ ଆସିବାବେଳକୁ ଉପଯୁକ୍ତ ଯାଞ୍ଚ ପ୍ରକ୍ରିୟା ଦେଇ ଆସିଥାଏ । ଏହା ସତ୍ତ୍ୱେ ମିଲରଙ୍କ ସହିତ ମଧୁ ଚନ୍ଦ୍ରିକା ଯୋଗୁଁ ଯୋଗାଣ ବିଭାଗ ବଡ଼ ବଡ଼ ଅଧିକାରୀ ଏବଂ କର୍ମଚାରୀ ନିମ୍ନମାନର ଚାଉଳ କ୍ରୟ କରି ତାକୁ ଖାଉଟିକୁ ଦେଇଥାଆନ୍ତି । ବାରମ୍ୱାର ଏହା ପ୍ରମାଣିତ ହୋଇଛି । ଏଥିପାଇଁ ଏଫସିଆଇ ବିଭିନ୍ନ ସମୟରେ ଯୋଗାଣ ବିଭାଗର ଚାଉଳ ଗୋଦାମ ଯାଞ୍ଚ କରିଥାଏ । ଏହାବାଦ ମଧ କେନ୍ଦ୍ରୀୟ ଟିମ ଆସି ଦେଖନ୍ତି । ଯାହାକି ସ୍ୱାଗତଯୋଗ୍ୟ ପଦକ୍ଷେପ । ବିଭିନ୍ନ ସମୟରେ ଏହି ଯାଞ୍ଚ ଯୋଗୁଁ ଚାଉଳର ଗୁଣାତ୍ମକମାନର ସୁଧାର ହେଉଛି । ମିଲ ଏବଂ ଯୋଗାଣ ଅଧିକାରୀଙ୍କ ମନରେ ଭୟ ରହୁଛି । ଖାଦ୍ୟ ଅଧିକାର ଅଭିଯାନ ସଦସ୍ୟ ସମୀତ ପଣ୍ଡାଙ୍କ କହିବା କଥା ହେଉଛି, ନିଜ ରାଜ୍ୟର ଉତ୍ପାଦିତ ଚାଉଳ ଯଦି ନିମ୍ନମାନର ହୋଇପାରୁଛି, ବାହାରୁ ଆସୁଥିବା ଗହମ କିଭଳି ସ୍ୱଚ୍ଛ ହେବ । ଏହା ଆହୁରି ନିମ୍ନମାନର ହେବା ନେଇ ଆହୁରି ଆଶଙ୍କା ରହିଛି । ଏଫସିଆଇ ଏହି ଗହମ ପଞ୍ଜାବ, ହରିୟାଣା କିମ୍ବା ଉତ୍ତରପ୍ରଦେଶରୁ କ୍ରୟ କରି ଓଡ଼ିଶାକୁ ଦିଏ । ନିଜ ଅଞ୍ଚଳର ଲୋକଙ୍କ ପ୍ରତି ଯଦି ଚାଉଳ କଳ ମାଲିକମାନେ ବିଶ୍ୱସନୀୟ ହୋଇ ପାରୁ ନାହାନ୍ତି, ନିଜ ରାଜ୍ୟର ଲୋକଙ୍କୁ ଯୋଗାଣ ଅଧିକାରୀମାନେ ଖରାପ ଚାଉଳ ବିକ୍ରି କରୁଛନ୍ତି । ସେବେ ବାହାର ରାଜ୍ୟରୁ ଆସୁଥିବା ଗହମ କେତେ ବିଶ୍ୱାସ ଯୋଗ୍ୟ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱାଭାବିକ । ଗହମ ଦୀର୍ଘ ଯାତ୍ରାରେ ଆସେ । ଏଫସିଆଇରୁ ଯୋଗାଣ ବିଭାଗକୁ ହସ୍ତାନ୍ତରଣ ବେଳେ ଏକ ଯୋଗାଣ ବିଭାଗର ଜଣେ କର୍ମଚାରୀ ଯାଞ୍ଚ କରି ନେବାର ନିୟମ ରହିଛି । ମାତ୍ର ବାସ୍ତବିକତା ହେଲା, ଯେତେ ପରିମାଣରେ ଗହମ ଆସେ ଏହାକୁ ଯାଞ୍ଚ ପାଇଁ ଆବଶ୍ୟକ ଭିତ୍ତିଭୂମିର ଅଭାବ ରହିଛି । ଯେଉଁ ତଲୁଆ କର୍ମଚାରୀ ଏହାର ଯାଞ୍ଚ କରିବେ ସେ ଏଫସିଆଇ ଭଳି ସଂସ୍ଥା ବିରୋଧରେ ଲେଖିବା ତାଙ୍କ ପକ୍ଷରେ କେତେ ସମ୍ଭବ ଏହାକୁ ନେଇ ସର୍ବଦା ପ୍ରଶ୍ନ ଉଠେ ।

# ରାଜ୍ୟପାଳଙ୍କ ଦ୍ୱାରା ସଂଗ୍ରାମ କେଶରୀ ମହାପାତ୍ରଙ୍କ ୨ଟି ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର,୧୫/୨ (ନି.ପ୍ର): ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ସୋମବାର ସ୍ୱନାମଧନ୍ୟ ଲେଖକ ତଥା ଖୋର୍ଦ୍ଧା ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ଲିଖିତ ୨ଟି ପୁସ୍ତକର ଉନ୍ମୋଚନ କରିଛନ୍ତି । ଏହି ପୁସ୍ତକ ଦୁଇଟି ହେଉଛି ଆନ୍ତର୍ଜାତିକ ଖ୍ୟାତିସଂପନ୍ନ ସାହିତ୍ୟିକ ତଥା ଜ୍ଞାନପୀଠ ବିଜେତା ପଦ୍ମବିଭୂଷଣ ସୀତାକାନ୍ତ ମହାପାତ୍ରଙ୍କ ଆତ୍ମଜୀବନୀର ଇଂରାଜୀ ଅନୁବାଦ 'ମାଇଁ ଫାର୍ଷ୍ଟ ଥାର୍ଟି ଫାଇଫ୍ ଇଅର୍ସ 'ଏବଂ ଲେଖକଙ୍କ ସ୍ୱରଚିତ ଓଡିଆ ପୁସ୍ତକ -"ଗାଁରେ ସେହି ସବୁ ଦିନ" ।ପ୍ରଥମ ପୁସ୍ତକଟି ନୂଆଦିଲ୍ଲୀର 'ଅଥର୍ସ ପ୍ରେସ୍' ଦ୍ୱାରା ଏବଂ ଦ୍ୱିତୀୟଟି କଟକର 'ବିଜୟ ବାର୍ତ୍ତା' ପ୍ରକାଶନ ସଂସ୍ଥା ତରଫରୁ ପ୍ରକାଶିତ ହୋଇଛି । ପୁସ୍ତକ ଦୁଇଟିର ଉନ୍ମୋଚନ କାର୍ଯ୍ୟକ୍ରମରେ ଲେଖକଙ୍କ ଧର୍ମପତ୍ନୀ ଶ୍ରୀମତୀ ଧରିତ୍ରୀ ମହାପାତ୍ର ମଧ ଉପସ୍ଥିତଥିଲେ ।
ପ୍ରକାଶ ଥାଉକି ଲେଖକ ଶ୍ରୀ ମହାପାତ୍ର, ଜଗତସିଂହପୁର ଜିଲ୍ଲାପାଳ ଥିବାବେଳେ ତାଙ୍କ ଲିଖିତ ଅନ୍ୟ ଏକ ପୁସ୍ତକ 'ସୁନ୍ଦରଗଡ ଡାଏରୀ' ମଧ ଗତବର୍ଷ ରାଜ୍ୟପାଳଙ୍କ କରକମଳରେ ଉନ୍ମୋଚିତ ହୋଇଥିଲା । ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ ଶ୍ରୀ ମହାପାତ୍ରଙ୍କ ଲିଖିତ ୫ଟି କ୍ଷୁଦ୍ର ଗଳ୍ପ ସଂକଳନ, ଗୋଟିଏ ଉପନ୍ୟାସ,୨ଟି ଜନଜାତି କବିତା ସଂକଳନ, ୨ଟି ଅନୁବାଦ ଓ ୨ଟି ଅନ୍ୟାନ୍ୟ ରଚନା ପ୍ରକାଶପାଇ ପାଠକୀୟ ଆଦୃତି ଲାଭ କରିଛି ।

# ସଂସ୍କାରଭାରତୀ ତରଫରୁ ଶ୍ରଦ୍ଧାଞ୍ଜଳି ସଭା

ଭୁବନେଶ୍ୱର,୧୫/୨ (ନି.ପ୍ର): ସଂସ୍କାରଭାରତୀ ଉତ୍କଳ ପୂର୍ବ ପ୍ରାନ୍ତ ଆନୁକୂଲ୍ୟରେ ଭାରତରତ୍ନ କୋକିଳକଣ୍ଠୀ ଲତା ମଙ୍ଗେସକର ଓ ଓଡିଶାର ପ୍ରଖ୍ୟାତ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଂଗୀତର ମହାନାୟକ ପଣ୍ଡିତ ଡଃ.ଦାମୋଦର ହୋତାଙ୍କୁ ୟୁନିଟ ୮ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି ।
ଏଥିରେ ସଂସ୍କାର ଭାରତୀ ପୂର୍ବପ୍ରାନ୍ତ ଅଧକ୍ଷ ତଥା ଦୂରଦର୍ଶନର ପୂର୍ବତନ ନିର୍ଦ୍ଦେଶକ ଡଃ ଶାନ୍ତନୁ ରଥ ଭାରତରତ୍ନ ଲତା ମଙ୍ଗେସକରଙ୍କ ସଂଗୀତ ସାଧନା ଓ ସିଦ୍ଧି ସମ୍ବନ୍ଧରେ ସ୍ମୃତିଚାରଣ କରିଥିଲେ । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଅଖିଳ ଭାରତୀୟ କାର୍ଯ୍ୟକାରିଣୀ ସଦସ୍ୟ ଅସିତ ବରଣ ମହାପାତ୍ର ପଣ୍ଡିତ ଡଃ ଦାମୋଦର ହୋତାଙ୍କର ଶାସ୍ତ୍ରୀୟ ସଙ୍ଗୀତର ସଂଘର୍ଷମୟ ଜୀବନ ଓ ଓଡିଶା ପାଇଁ ତାଙ୍କର ଅବଦାନ ବିଷୟ ଉପରେ ଆଲୋକପାତ କରିଥିଲେ । ଅମରେନ୍ଦ୍ର ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସସ୍ମିତା ପରିଡା ଧ୍ୟେୟଗୀତ ପରିବେଷଣ କରିଥିଲେ । ଆରଏସ୍ଏସ୍ ର ଭୁବନେଶ୍ୱର ମହାନଗର ସହକାର୍ଯ୍ୟବାହ ସୁବ୍ରତ ତ୍ରିପାଠୀ, ମହାନଗର ପ୍ରଚାରକ ରାଜେଶ୍ୱର ରାଉତ, ଆରତୀ ଜେନା, ସନୁଜା ମେଘମାଳା, ଅନିତା ପ୍ରହରାଜ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସଂଗୀତ ମାଧ୍ୟମରେ ଲତା ମଙ୍ଗେସକରଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ ରଶ୍ମିତା ଦାଶ, ସସ୍ମିତା ପରିଡା, ମୃତ୍ୟୁଞ୍ଜୟ ଓ ପ୍ରତୀକ୍ଷା । ପରିଶେଷରେ ବଂଶୀତା ଓ ପ୍ରୟୋଗରାଜ ରାଷ୍ଟ୍ରୀୟଗାନ ଗାନ କରିଥିଲେ ।

# କୋଭିଡ୍ -୧୯ ନିୟମାନୁସାରେ ହେବ ଭୋଟଗ୍ରହଣ ଓ ମତଗଣନା କାର୍ଯ୍ୟ



ଭୁବନେଶ୍ୱର,୧୫/୨ (ନି.ପ୍ର): ଆସନ୍ତା ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ମତଦାନ ଓ ମତଗଣନା କାର୍ଯ୍ୟ କୋଭିଡ୍-୧୯ ନିୟମାବଳୀର କଡ଼ାକଡ଼ି ଅନୁପାଳନ ସହ ହେବ । ମତଦାନର ପୂର୍ବଦିନ ନିର୍ଦ୍ଧାରିତମତଦାନ କେନ୍ଦ୍ରକୁ ଭଲ ଭାବେ ବିଶୋଧନ କରାଯିବ ଓ ମତଦାନ କେନ୍ଦ୍ରରେ ନିୟୋଜିତ ହୋଇଥିବା ସମସ୍ତ କର୍ମଚାରୀମାନେ ଦ୍ୱିତୀୟ ପାନ କୋଭିଡ୍ ଟିକା ନେଇଥିବେ । ମତଦାନ କେନ୍ଦ୍ରରେ କର୍ମଚାରୀମାନେ ସାମାଜିକ ଦୂରତା ରକ୍ଷା ସହ ମାସ୍କ ପରିଧାନ ଓ ସାନିଟାଇଜର ବ୍ୟବହାର କରିବା ବାଧ୍ୟତାମୂଳକ ହେବ । ଭୋଟଗ୍ରହଣ ଦିନ ଭୋଟରମାନଙ୍କ ପାଇଁ ପ୍ରବେଶ ଦ୍ୱାର ନିକଟରେ ଥର୍ମାଲ ସ୍କାନିଂ ସହ ସାନିଟାଇଜର ବ୍ୟବହାର କରାଯିବ । ପ୍ରତ୍ୟେକ ଭୋଟର ମାସ୍କ ପରିଧାନ କରି ମତଦାନ କରିବେ ।
ସେହିପରି ମତଗଣନା ନିମନ୍ତେ ନିରୁପିତ ହୋଇଥିବା ମତଗଣନା କେନ୍ଦ୍ର ଓ ଷ୍ଟ୍ରଙ୍ଗରୁମ୍ ଗୁଡ଼ିକୁ ଭଲ ଭାବେ ବିଶୋଧନ କରାଯିବ । ମତଗଣନା କାର୍ଯ୍ୟରେ ନିୟୋଜିତ ଥିବା ସମସ୍ତ କର୍ମଚାରୀ ଦ୍ୱିତୀୟ ମାତ୍ରା କୋଭିଡ୍ ଟିକା ନେଇଥିବା ଆବଶ୍ୟକ । ଏତଦ୍ବ୍ୟତୀତ ସମସ୍ତ କର୍ମଚାରୀ ମାସ୍କ ଓ ଗ୍ଲୋବସ୍ ପରିଧାନ କରି ମତଗଣନା କାର୍ଯ୍ୟରେ ନିୟୋଜିତ ହେବେ । କାଉଂଟିଂ ଏଜେଂଟମାନେ ମଧ ମାସ୍କ ପରିଧାନ ସହ କୋଭିଡ୍ ଦ୍ୱିତୀୟ ପାନ ଟିକା ନେଇଥିବା ବାଧ୍ୟତାମୂଳକ ଅଟେ । ମତଗଣନା କେନ୍ଦ୍ର ମଧ୍ୟରେ ସାମାଜିକ ଦୂରତା ରକ୍ଷା କରି କର୍ମଚାରୀମାନେ କାର୍ଯ୍ୟ କରିବେ ।
କୋଭିଡ୍-୧୯ ଦ୍ୱିତୀୟ ମାତ୍ରା ଟିକା ନେଇଥିଲେ ମଧ ମତଗଣନା କେନ୍ଦ୍ରକୁ ପ୍ରବେଶ ନିମନ୍ତେ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କର ମତଗଣନାର ୪୮ ଘଂଟା ମଧ୍ୟରେ ଆରଟିପିସିଆର ଟେଷ୍ଟିଂ ହୋଇଥିବା ନିତାନ୍ତ ଜରୁରୀ । ମତଦାନ କେନ୍ଦ୍ର ଓ ମତଗଣନା କେନ୍ଦ୍ରଠାରେ ନିୟୋଜିତ ହୋଇଥିବା ସୁରକ୍ଷା କର୍ମଚାରୀମାନେ ମଧ କୋଭିଡ୍ ନିୟମାନୁସାରେ ମାସ୍କ ପରିଧାନ ସହ ସାମାଜିକ ଦୂରତା ରକ୍ଷା କରି କାର୍ଯ୍ୟ କରିବେ । କୋଭିଡ୍ ଦ୍ୱିତୀୟ ମାତ୍ରା ଟିକା ନେଇଥିବା ସତ୍ତ୍ୱେ ଯଦି କୋଭିଡ୍ ର କୌଣସି ଲକ୍ଷଣ ଯଥା ଜ୍ୱର, ସର୍ଦ୍ଦି, ଥଣ୍ଡା ଆଦି ପ୍ରକାଶ ପାଏ, ତାହେଲେ ସେହି କର୍ମଚାରୀଙ୍କୁ ମତଗଣନା କେନ୍ଦ୍ରକୁ ପ୍ରବେଶ ଅନୁମତି ଦିଆଯିବ ନାହିଁ ବୋଲି ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି ।

## ଭୋଟର ସଚେତନତା ପାଇଁ ପ୍ରତିଯୋଗିତା

ଭୁବନେଶ୍ୱର,୧୫/୨ (ନି.ପ୍ର): ଜାତୀୟ ଭୋଟର ଦିବସ ଅବସରରେ ଭାରତୀୟ ନିର୍ବାଚନ କମିସନଙ୍କ ପକ୍ଷରୁ 'ମୋ ଭୋଟ ମୋ ଭବିଷ୍ୟତ-ଗୋଟିଏ ଭୋଟ ମୂଲ୍ୟବାନ' ଶୀର୍ଷକ ସଚେତନତା କାର୍ଯ୍ୟକ୍ରମ କରାଯାଉଛି । ମାର୍ଚ୍ଚ ୧୫ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମ ଅବସରରେ ୫ଟି ବିଭାଗରେ ପ୍ରତିଯୋଗିତା ହେଉଛି । ଏଥିରେ ବିଶ୍ୱବିଦ୍ୟାଳୟ ଓ କଲେଜ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିପାରିବେ । ଜାତୀୟସ୍ତରରେ ହେଉଥିବା ଏହି ପ୍ରତିଯୋଗିତାରେ କୁଇଜ୍, ସ୍ଲୋଗାନ, ସଙ୍ଗୀତ, ଭିଡିଓ ମେକିଂ, ପୋଷ୍ଟର ପ୍ରସ୍ତୁତ ଆଦି ରହିଛି । ଜାନୁଆରି ୨୫ରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ମାର୍ଚ୍ଚ ୧୫ ପର୍ଯ୍ୟନ୍ତ ଖୋଲାରହିବ । ଯେକୌଣସି ନାଗରିକ https://ecisveep.nic.in/contest ୱେବସାଇଟ୍‌ରୁ ପ୍ରତିଯୋଗିତା ସମ୍ପର୍କରେ ଅଧିକ ତଥ୍ୟ ପାଇପାରିବେ । ପ୍ରତିଯୋଗିତାର ଶ୍ରେଷ୍ଠ ତିନୋଟି ସ୍ଥାନ ଅଧିକାର କରିଥିବା ବ୍ୟକ୍ତିବିଶେଷଙ୍କୁ ଅର୍ଥ ରାଶି ପ୍ରଦାନ କରାଯିବ । ଏସମ୍ପର୍କରେ ନୋଟିସ୍ ବୋର୍ଡରେ ସମ୍ପୂର୍ଣ୍ଣ ଗାଇଡ୍‌ଲାଇନ୍, ବିଜ୍ଞପ୍ତି ପ୍ରକାଶ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଶ୍ୱବିଦ୍ୟାଳୟ କୁଳସଚିବ ଓ ସରକାରୀ/ବେସରକାରୀ କଲେଜ ଅଧକ୍ଷଙ୍କୁ କୁହାଯାଇଛି ।

# ଗତ ୨୪ ଘଣ୍ଟା ମଧ୍ୟରେ ୯୨୫ କରୋନା ପଜିଟିଭ ଚିହ୍ନଟ : ୨୦୩ ଜଣ ୧୮ ବର୍ଷରୁ କମ୍ ବର୍ଗର



ଭୁବନେଶ୍ୱର,୧୫/୨ (ନି.ପ୍ର): ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୯୨୫ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୫୪୨ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ସ୍ଥାନୀୟ ସଂକ୍ରମଣରୁ ୩୮୩ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିମଧ୍ୟରୁ ୨୦୩ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି । ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୫୯ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି ।

# ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ସ୍ଥାନରେ ରାଜ୍ୟ ସଭାପତିଙ୍କ ପଂଚାୟତ ନିର୍ବାଚନୀ ପ୍ରଚାର

## ଅର୍ଥର ନୁହେଁ, ରାଜ୍ୟ ସରକାରଙ୍କ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ରହିଛି: ସମୀର ମହାନ୍ତି




ଭୁବନେଶ୍ୱର,୧୫/୨ (ନି.ପ୍ର): ମୋଦି ସରକାର ଶାସନ କ୍ଷମତାକୁ ଆସିବା ପରେ ଗ୍ରାମାଂଚଳର ସାମୁହିକ ବିକାଶ ପାଇଁ କାର୍ଯ୍ୟରତ । ଏଥି ପାଇଁ ୧୪ଦଶ ଓ ୧୫ଦଶ ଅର୍ଥ କମିଶନ ଆଧାରରେ ମୋଦି ସରକାର ପ୍ରତ୍ୟେକ ପଂଚାୟତର ବିକାଶ ପାଇଁ ସିଧାସଳଖ କେନ୍ଦ୍ରରୁ ଟଙ୍କା ପଠାଇଲେ । ମାତ୍ର ଦୁର୍ଭାଗ୍ୟର ବିଷୟ, ରାଜ୍ୟରେ ଶାସକ ବିଜେଡିର ବ୍ୟାପକ ଦୁର୍ନୀତି ଓ ଭ୍ରଷ୍ଟାଚାର କାରଣରୁ ଏହି ଟଙ୍କା ଗ୍ରାମାଂଚଳର ବିକାଶ ପାଇଁ ବିନିଯୋଗ ହୋଇନପାରି ବାଟମାରଣା ହେଲା ଏବଂ ଶାସକ ବିଜେଡିର କିଛି ମୁଷ୍ଟିମେୟ ନେତାମାନେ ହରିଲୁଟ କରିଲେ । "ଇ-ଗ୍ରାମ ସ୍ୱରାଜ" ପୋର୍ଟାଲରେ କେନ୍ଦ୍ରୀୟ ଅନୁଦାନର ସଂପୂର୍ଣ୍ଣ ତଥ୍ୟ ରହିଛି ଏବଂ ଗ୍ରାମାଂଚଳବାସୀ ନିଜ ନିଜ ଅଂଚଳର ଉଭୟ ବିକାଶ ଓ ଦୁର୍ନୀତି ସଂପର୍କରେ ଅବଗତ ହୋଇପାରିବେ ବୋଲି ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି କହିଛନ୍ତି ।
ଚଳିତ ପଂଚାୟତ ନିର୍ବାଚନ ପ୍ରଚାର ଅବସରରେ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଆଜି ଢେଙ୍କାନାଳ ଜିଲ୍ଲା ଗଂଦିଆ ଜୋନ-୧ ଅନ୍ତର୍ଗତ ଯୋରନ୍ଦା ପଂଚାୟତର କେନ୍ଦୁପଡା, ନାକ୍ଟିମା, କାକୋଲଣ୍ଡା, ଯୋରନ୍ଦା, ଆକ୍ତିନ୍ଦା, ମହାପଦା, ଲତାଦେଇପୁର, କାଲୁରିଆ, କେନ୍ଦୁପଡା, ଶଂକର ଆଦି ଗ୍ରାମରେ ରୋଡ ସୋ ଓ ପଦଯାତ୍ରା କରି ଦଳୀୟ ପ୍ରାର୍ଥିନୀ ଶ୍ରୀମତୀ ମମତା ସ୍ୱାଇଁଙ୍କ ସପକ୍ଷରେ ପ୍ରଚାର କରିଥିଲେ । ଜୋନ-୪ରେ ଦଳୀୟ ପ୍ରାର୍ଥୀ ବନମାଳି ଦେହୁରୀଙ୍କ ସପକ୍ଷରେ ଭୋଟ ପ୍ରଚାର କରିଥିଲେ । ଏହି ଅବସରରେ ପୂର୍ବତନ ସାଂସଦ ରୁଦ୍ର ନାରାୟଣ ପାଣି, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଶ୍ରୀମତୀ ସ୍ମୃତି ପଟ୍ଟନାୟକ, ଜିଲ୍ଲା ସଭାପତି ନରେଶ ମହାପାତ୍ର, ସ୍ଥାନୀୟ ମଣ୍ଡଳ ସଭାପତି ପ୍ରତ୍ୟୁଷ ହରି ମହାପାତ୍ର ଓ ପ୍ରଦୀପ ଦାସ ପ୍ରମୁଖଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।
ଗଣତନ୍ତ୍ରରେ ଜନତା ମାଲିକ୍ । ରାଜ୍ୟରେ ରାଜନୈତିକ ପରିବର୍ତ୍ତନର ହାୱାକୁ ଉପଲବ୍ଧ କରି ଶାସକ ବିଜେଡି ବର୍ତ୍ତମାନ ସରକାରୀ କଳ, ବଳ ଓ ଅର୍ଥର ଅପବ୍ୟବହାର କରିବା ସହିତ ବିରୋଧୀମାନଙ୍କୁ ପୋଲିସ ଓ ପ୍ରଶାସନ ସହାୟତାରେ ଭୟଭୀତ କରିବାର ଅପପ୍ରୟାସ ଆରମ୍ଭ କରିଦେଇଛି । ଅନ୍ୟ ପଟେ ଦୁର୍ନୀତିମୁକ୍ତ ଓ ଭ୍ରଷ୍ଟାଚାରମୁକ୍ତ ଶାସନ ଜରିଆରେ ଲୋକଙ୍କୁ ସେବା ଏବଂ ସୁଶାସନ ଦେବା ପାଇଁ ଭାରତୀୟ ଜନତା ପାର୍ଟି ସଂକଳ୍ପବଦ୍ଧ ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

# ରାଜ୍ୟରେ ପୁଣି ୨୨ ଜଣ ସଂକ୍ରମିତଙ୍କ ପ୍ରାଣହାନି

ଭୁବନେଶ୍ୱର,୧୫/୨ (ନି.ପ୍ର): ଗତ କିଛି ଦିନ ହେବ ରାଜ୍ୟରେ କରୋନାଜନିତ ମୃତ୍ୟୁସଂଖ୍ୟା ୨୦ ବା ତାଠାରୁ ଅଧିକ ରହୁଛି । ପୁଣି ରାଜ୍ୟରେ କରୋନାଜନିତ ମୃତ୍ୟୁସଂଖ୍ୟା ପୁଣି ଦୁଇ ଅଙ୍କ ଛୁଇଁଛି । ରାଜ୍ୟରେ ୨୨ କରୋନା ସଂକ୍ରମିତଙ୍କ ପ୍ରାଣହାନି ହୋଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଏହା ସହିତ ରାଜ୍ୟରେ କରୋନାଜନିତ ମୃତ୍ୟୁସଂଖ୍ୟା ୮୯୨୬କୁ ବୃଦ୍ଧି ପାଇଛି । ପ୍ରାପ୍ତ ସୂଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲାରୁ ସର୍ବାଧିକ ୬ ଜଣ ମୃତକ ଅଛନ୍ତି । ଅପରପକ୍ଷରେ ଖୋର୍ଦ୍ଧାରୁ ୫ ଜଣ ମୃତକ ଥିବା ବେଳେ, କଟକ ଓ ଢେଙ୍କାନାଳ ଜିଲ୍ଲାରୁ ୩ ଜଣ ଲେଖାଏଁ କରୋନା ସଂକ୍ରମିତଙ୍କ ପ୍ରାଣହାନି ଘଟିଛି । ଏଣେ ମୟୂରଭଞ୍ଜ ଜିଲ୍ଲାରୁ ୨ ଜଣ ମୃତକ ଅଛନ୍ତି ।ତେଣେ ଭଦ୍ରକ, ଯାଜପୁର ଓ ନୟାଗଡ଼ ଜିଲ୍ଲାରୁ ଜଣେ ଲେଖାଏଁ କରୋନା ସଂକ୍ରମିତ ପ୍ରାଣ ହରାଇଛନ୍ତି । ମୃତକଙ୍କ ଭିତରେ ୮ଜଣ ମହିଳା ଓ ୧୪ ଜଣ ପୁରୁଷ ଥିବା ଜଣାଯାଇଛି ।

# ଆଭାସୀ ଜନଶୁଣାଣି ବନ୍ଦ ଓ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପ୍ରତିବାଦରେ ହେବ ଜନ ଆନ୍ଦୋଳନ : ବିଦ୍ୟୁତ୍ ଉପଭୋକ୍ତା ମହାସଂଘ

ଭୁବନେଶ୍ୱର,୧୫/୨ (ନି.ପ୍ର): ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ନିୟାମକ (ଓଇଆରସି)ଙ୍କ ନିକଟରେ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପାଇଁ ଉତ୍ପାଦନ ଓ ବିତରଣ କମ୍ପାନୀମାନେ ଆବେଦନ କରିଛନ୍ତି । ସେମାନଙ୍କ ଦରଖାସ୍ତକୁ ବିଚାରକୁ ନେଇ ଆଗାମୀ କାଲିଠାରୁ ଫେବୃୟାରୀ ୨୮ ତାରିଖ ପର୍ଯ୍ୟନ୍ତ ଆଭାସୀ ଜନଶୁଣାଣି କରିବାକୁ ଯାଉଛନ୍ତି । ଏହି ଆଭାସୀ ଜନଶୁଣାଣିକୁ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ପକ୍ଷରୁ ବିରୋଧ କରାଯାଇଛି । ଆଜି 'ମହାସଂଘ'ର ଏକ ବୈଠକ ଏହାର ଅଧକ୍ଷ ପଂଚାନନ କାନୁନଗୋଙ୍କ ଅଧକ୍ଷତାରେ ଜୟଦେବ ବିହାରସ୍ଥିତ ଗୋପବନ୍ଧୁ ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ଆଭାସୀ ଜନ ଶୁଣାଣିକୁ ବିରୋଧ କରିବା ସଙ୍ଗେ ସଙ୍ଗେ ସମ୍ଭାବ୍ୟ ବିଦ୍ୟତ୍ ଶୁଳ୍କ ବୃଦ୍ଧିକୁ ନେଇ ଅସନ୍ତୋଷ ପ୍ରକାଶ କରାଯାଇଛି । ପ୍ରାରମ୍ଭରେ ବୈଠକର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ 'ମହାସଂଘ'ର ଆବାହକ ରବି ବେହେରା ସୂଚନା ଦେଲା ପରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ବିପର୍ଯ୍ୟସ୍ତ ବିଜୁଳି ସେବା, ଅଘୋଷିତ ବିଜୁଳି କାଟ ଓ ଶୁଳ୍କ ବୃଦ୍ଧି ଉପରେ ନିଜର ସୁଚିନ୍ତିତ ମତାମତ ଦେଇଥିଲେ । ଜନସାଧାରଣଙ୍କୁ ଅନ୍ଧାରରେ ରଖି ଯଦି ଶୁଳ୍କ ବୃଦ୍ଧି ପାଇଁ ଓଇଆରସି କର୍ତ୍ତୃପକ୍ଷ ଢାଲ ସାଜନ୍ତି, ତେବେ ଉପଭୋକ୍ତା ମହାସଂଘ ବାଧ ହୋଇ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବ । ତେଣୁ ଜନସାଧାରଣଙ୍କ ବୃହତର ସ୍ୱାର୍ଥ ଦୃଷ୍ଟିରୁ ତୁରନ୍ତ ସରବରାହ ଜନିତ ଭିତିଭୂମିକର ବିକାଶ, ବନ୍ୟା, ବାତ୍ୟା ସମୟରେ ରିପାୟାର ଓ ରେଷ୍ଟୋରେସନ ଉପରେ କେତେ ଟଙ୍କା ଖର୍ଚ୍ଚ ହୋଇଛି, କେବୁଲ ବିଛାଇବା ପାଇଁ କେତେ ଟଙ୍କାର ବଜେଣ ଆକଳନ କରାଯାଇ ଏପର୍ଯ୍ୟନ୍ତ କେତେ ଟଙ୍କା ଖର୍ଚ୍ଚ କରାଯାଇଛି, ଏହାର ହିସାବ ବିଜୁଳି କମ୍ପାନୀମାନେ ଜନସାଧାରଣଙ୍କ ସମ୍ମୁଖରେ ପ୍ରଦାନ କରିବାକୁ ଆଜିର ବୈଠକରେ ଦାବି କରାଯାଇଛି । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସୁରେଶ ପାଣିଗ୍ରାହୀ, ପ୍ରଫୁଲ୍ଲ ସାମନ୍ତରା, ଶ୍ରୀମତୀ ପ୍ରମିଳା, ଶେଖ ଅବଦୁଲ ୱାଲି ଓ ଏନ୍. ନାରାୟଣ ରେଡ୍ଡି, ଜ୍ୟୋତି ରଞ୍ଜନ ମହାପାତ୍ର ପ୍ରମୁଖ ରାଜନୈତିକ ଦଳ ଓ ସାମାଜିକ ସଂଗଠନ ସମୂହର ପ୍ରତିନିଧିମାନେ ଯୋଗ ଦେଇ ଅଂଶଗ୍ରହଣ କରିଥିଲେ । ଆସନ୍ତା ମାର୍ଚ୍ଚ ମାସ ପ୍ରଥମ ସପ୍ତାହରେ ବିଦ୍ୟୁତ୍ ସଂସ୍କାରକୁ ନେଇ ଏକ ରାଜ୍ୟସ୍ତରୀୟ ଗଣ କନ୍‌ଭେନସନ ଅନୁଷ୍ଠିତ ହେବା ପାଇଁ ବୈଠକରେ ନିଷ୍ପତି ଗ୍ରହଣ କରାଗଲା । ଆଭାସୀ ଜନଶୁଣାଣି ପରିବର୍ତ୍ତେ ଓଇଆରସି କର୍ତ୍ତୃପକ୍ଷ ଶାରୀରିକ ଜନଶୁଣାଣି କରିବାକୁ ମହାସଂଘ ଦାବି କରିଛି । ଆଭାସି ଜନଶୁଣାଣିର ଆଳ ଦେଖାଇ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ନିଷ୍ପତ୍ତିକୁ ଲଦି ଦିଆଗଲେ ଆନ୍ଦୋଳନ ହେବ ବୋଲି ଆଜିର ବୈଠକରେ ମହାସଂଘ ପକ୍ଷରୁ ଓଇଆରସି, ଗ୍ରୀଡ୍‌କୋ, ଟାଟାପାୱାର ଓ ରାଜ୍ୟ ସରକାରଙ୍କୁ ସତର୍କ କରାଇ ଦିଆଯାଇଛି ।

# 'ମୁଁ ସରପଞ୍ଚ'ରେ ଭାଗ ନେଇ ଜିତନ୍ତୁ ପୁରସ୍କାର

ଭୁବନେଶ୍ୱର ,୧୫/୨ (ନି.ପ୍ର): ପଞ୍ଚାୟତ ନିର୍ବାଚନକୁ ନେଇ ଏବେ ଓଡିଶାର ରାଜନୀତି ସରଗରମ । ପଞ୍ଚାୟତ ନିର୍ବାଚନକୁ ଆଖି ଆଗରେ ରଖି ଓଡିଶାର ନଂ-୧ ଏଫ୍ ଏମ୍ ଚ୍ୟାନେଲ୍ ରେଡିଓ ଚକ୍‌ଲେଟ୍‌ରେ ଆରମ୍ଭ କରାଯାଇଛି, 'ମୁଁ ସରପଞ୍ଚ' ପ୍ରତିଯୋଗିତା । ଏହି ନିଆରା ପ୍ରତିଯୋଗିତାରେ ୮ରୁ ୧୨ ବର୍ଷ ବୟସର ପିଲାମାନେ ଭାଗ ନେଇପାରିବେ । ପ୍ରତିଯୋଗିତାର ବିଷୟବସ୍ତୁ ରହିଛି, ଯଦି ପିଲାମାନେ ସରପଞ୍ଚ ହୁଅନ୍ତି ତେବେ ନିଜ ଅଞ୍ଚଳର ଉନ୍ନତି କେମିତି କରିବେ ।
ପ୍ରତିଯୋଗିତାରେ ଭାଗ ନେବାକୁ ଇଚ୍ଛୁକ ପ୍ରତିଯୋଗୀମାନେ ନିଜକୁ ଭଲ ଭାବେ ନେତା ବେଶରେ ସଜେଇ ୩୦ ସେକେଣ୍ଡର ଗୋଟିଏ ସୁନ୍ଦର ଭିଡିଓ ପ୍ରସ୍ତୁତ କରି ରେଡିଓ ଚକ୍‌ଲେଟ୍ ର ୱାଟ୍ସ ?ଆପ୍ ନମ୍ବର ୮୯୦୮୦୨୦୧୦୪ କୁ ପଠାଇ ପାରିବେ । ଏହି ପ୍ରତିଯୋଗିତା ବିଷୟରେ ଅଧିକ ଜାଣିବା ପାଇଁ ରେଡିଓ ଚକ୍‌ଲେଟ୍ ଶୁଣିବାକୁ ଅନୁରୋଧ କରାଯାଇଛି ।

## ରାଜଧାନୀରେ ୨୪ ଘଂଟାରେ ୧୨୯ ପଜିଟିଭ୍

ଭୁବନେଶ୍ୱର, ୧୫/୦୨ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ(ବିଏମସି) ଅଂଚଳରୁ ମଙ୍ଗଳବାର ଦିନ ୧୨୯ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨୫ ଜଣ କ୍ୱାରେଂଟାଇନ୍‌ରୁ ଚିହ୍ନଟ ହୋଇଥିବା ବେଳେ ୧୦୪ ଜଣ ଲୋକାଲ କେସ୍ ରହିଛନ୍ତି। ଏଥିସହ ୨୪ ଘଂଟାରେ ଆଉ ୯୫୬ ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ବିଏମସି ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି। ଗତକାଲି ୮୧ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ନୂତନ ଆକ୍ରାନ୍ତଙ୍କୁ ମିଶାଇ ମୋଟ ପଜିଟିଭ୍ ସଂଖ୍ୟା ୧୫୫୬୫୦ କୁ ବୃଦ୍ଧି ପାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୪୮୦୭୫ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି।

## ଗ୍ରୁପ୍ ଡି ନିଯୁକ୍ତି ଦୁର୍ନୀତି ମାମଲାର ଜାଂଚ କରିବ ସିବିଆଇ

କୋଲକାତା, ୧୫/୦୨ (ନି.ପ୍ର): ପଶ୍ଚିମବଙ୍ଗରେ ଗ୍ରୁପ୍-ଡି ନିଯୁକ୍ତି ମାମଲାରେ ଏକ 'ନାଟକୀୟ' ମୋଡ଼ ଆସିଛି । ମଙ୍ଗଳବାର ଦିନ କଲିକତା ହାଇକୋର୍ଟ ଗ୍ରୁପ-ଡି ନିଯୁକ୍ତି ମାମଲାର ତଦନ୍ତକୁ ସିବିଆଇକୁ ହସ୍ତାନ୍ତର କରିଛନ୍ତି। ଜଷ୍ଟିସ ଅଭିଜିତ ଗାଙ୍ଗୁଲିଙ୍କ ଏକକ ଖଣ୍ଡପିଠର ଜଷ୍ଟିସ ଆର.କେ ବାଗଙ୍କ ନେତୃତ୍ୱରେ ଗଠିତ କମିଟିକୁ ବିଲୋପ କରିଦିଆ ହୋଇଛି । ହାଇକୋର୍ଟ କହିଛନ୍ତି ଯେ ଗ୍ରୁପ୍ ଡି ନିଯୁକ୍ତିରେ ଟଙ୍କା କାରବାର ହୋଇଛି କି ନାହିଁ ତାହାର ସତ୍ୟତା ଯାଂଚ କରାଯିବା ଉଚିତ୍।

## ବ୍ଲକ ସ୍ତରରେ ଦ୍ୱିତୀୟ ହେଲେ ଗୌରବ



ଉଦଳା, ୧୫/୦୨ (ନି.ପ୍ର): କପ୍ତିପଦା ଉପଖଣ୍ଡର ଗୋପବନ୍ଧୁନଗର ବ୍ଲକ ଅନ୍ତର୍ଗତ ସାନଖୁଣ୍ଟା ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ତୃତୀୟଶ୍ରେଣୀ ଛାତ୍ର ଗୌରବ ମହାନ୍ତ ଚଳିତ ବର୍ଷ ମେଧାବୃତ୍ତି ପାଇ ବ୍ଲକ ସ୍ତରରେ ଦ୍ୱିତୀୟସ୍ଥାନ ଅଧିକାର କରିଛନ୍ତି । ଶ୍ରୀମାନ ଗୌରବଙ୍କ ପିତା ଆଶିଷ କୁମାର ମହାନ୍ତ ଭାରତୀୟ ନୌସେନା ବାହିନୀର ଜଣେ ସୈନିକ ଭାବରେ କାର୍ଯ୍ୟରତ ଥିବା ବେଳେ ମାତା ତପସ୍ୱିନୀ ଜାମଦା ମହାବିଦ୍ୟାଳୟର ଜୁଲଜି ବିଭାଗର ଅଧାପିକା ଅଛନ୍ତି । ପାଠପଢ଼ା ସହିତ ଲେଖା ଲେଖି, କୁଇଜ ଏବଂ କମ୍ପ୍ୟୁଟର ଶିକ୍ଷା ଆଦିରେ ଶ୍ରୀମାନ ଗୌରବ ରୁଚି ରଖିଛନ୍ତି ।

# ରୋଟାରୀ କ୍ଲବ ଉଦଳାର ତୃତୀୟ ବାର୍ଷିକ ଉତ୍ସବ ପାଳିତ

## ରୋଟାରୀ ଆଖିରେ ସମଗ୍ର ବିଶ୍ୱ ଗୋଟିଏ ପରିବାର : ଅଶୋକ କୁମାର ମହାନ୍ତି




ଉଦଳା, ୧୫/୦୨ (ନି.ପ୍ର): ରୋଟାରୀ କ୍ଲବ ଉଦଳାର ତୃତୀୟ ବାର୍ଷିକ ଉତ୍ସବ ଚଳିତ ଫେବୃଆରୀ ୧୨ ତାରିଖ ଶନିବାର ଦିନ ସନ୍ଧ୍ୟାରେ ସ୍ଥାନୀୟ ହେଟେଲ ସିପ୍ରୋନ ପରିସରରେ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇ ଯାଇଛି । ଏହି ଅବସରରେ ପ୍ରଭାତରେ କ୍ଲବର ସମସ୍ତ ସଦସ୍ୟ ଉଦଳାସ୍ଥିତ କାର୍ଯ୍ୟାଳୟ ପରିସରରେ ଏକତ୍ରୀତ ହୋଇ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ଜିଲ୍ଲା ଗଭର୍ଣ୍ଣର ଶାନ୍ତନୁ କୁମାର ପାଣି ଓ ସମ୍ମାନିତ ଅତିଥି ଜିଲ୍ଲା ସଭାପତି ନିରୋଜ କୁମାର ପଣ୍ଡାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଏହାପରେ ଏକ ସାପ୍ତାହିକ ସ୍ମିଳନୀରେ ସମସ୍ତ ସଦସ୍ୟ ଯୋଗ ଦେଇଥିଲେ । ପରେ ଉଦଳା ବ୍ଲକ ଅନ୍ତର୍ଗତ ଡ଼ିହିରାକୁଳ ଗ୍ରାମ ଠାରେ ଏକ 'ସ୍ୱାଭିମାନ ସେଣ୍ଟରର ଉଦ୍‌ଘାଟନ ଉତ୍ସବରେ ଯୋଗ ଦେବା ସହିତ ଉକ୍ତ ଗ୍ରାମରେ ଖୁବ ନିକଟରେ ଏକ 'ହେପି ସ୍କୁଲ' ପ୍ରତିଷ୍ଠା ହେବ ବୋଲି ଘୋଷଣା କରିଥିଲେ । ପରେ ସନ୍ଧ୍ୟାରେ ସମସ୍ତେ ହୋଟେଲ ସିପ୍ରୋନ ପରିସରରେ ଏକତ୍ରୀତ ହେବା ପରେ କ୍ଲବର ସଭାପତି ଅଶୋକ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ କ୍ଲବର ସଂପାଦକ ପୂର୍ଣ୍ଣଚନ୍ଦ୍ର ସାହୁ ବିଗତ ତିନି ବର୍ଷ ମଧ୍ୟରେ ରୋଟାରୀ କ୍ଲବ ଉଦଳା କରିଥିବା ବିଭିନ୍ନ ସେବାମୂଳକ କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ରକ୍ତଦାନ ଶିବିର, ବୃକ୍ଷ ରୋପଣ, ପାନୀୟ ଜଳ ଯୋଗାଣ, ବିଦ୍ୟାଳୟରେ ତଳେ ବସି ପାଠ ପଢୁଥିବା ଛାତ୍ର ଛାତ୍ରୀଙ୍କୁ ବେଞ୍ଚ ଡ୍ୟାକ୍ସ ପ୍ରଦାନ ଇତ୍ୟାଦି ସହିତ ବିଗତ ଦିନରେ ଉଦଳା ସରକାରୀ ଡ଼ାକ୍ତରଖାନା ପରିସରରେ କରାଯାଇଥିବା ମାଗଣା ହାର୍ଣ୍ଣିଆ ଅପରେସନ ଅନ୍ୟତମ ଅଟେ ବୋଲି ବ୍ୟକ୍ତ କରିଥିଲେ । ଉକ୍ତ ହାର୍ଣ୍ଣିଆ ଅପରେସନ ଶିବିରରେ ପୃଥିବୀର ବିଭିନ୍ନ ଦେଶରୁ ଡ଼ାକ୍ତର ମାନେ ଆସି ଯୋଗ ଦେଇଥିବା ବେଳେ ଶତାଧିକ ଲୋକ ଏଥିରେ ଉପକୃତ ହୋଇଥିବାର କଥା ଜଣାଇଥିଲେ । ଏହାପରେ ଜିଲ୍ଲା ଗଭର୍ଣ୍ଣର ଶାନ୍ତନୁ କୁମାର ପାଣି ସମଗ୍ର ପୃଥିବୀରେ ବସବାସ କରୁଥିବା ସବୁ ମଣିଷଙ୍କୁ ଗୋଟିଏ ପରିବାରର ସଦସ୍ୟ କରିବା ପାଇଁ କିଭଳି ରୋଟାରୀ ଉଦ୍ୟମ କରୁଛି ବର୍ଣ୍ଣନା କରିଥିଲେ । ଏହାପରେ ଉଦଳାରେ ରୋଟାରୀର ସେବା କାର୍ଯ୍ୟ ସମୟରେ ଯେଉଁମାନେ ସହଯୋଗର ହାତ ବଢ଼ାଇଥିଲେ ସେମାନଙ୍କୁ ମୁଖ୍ୟ ଅତିଥି ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ବ୍ରହ୍ମାନନ୍ଦ ନାୟକ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ସର୍ବେଶ୍ୱର ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ପ୍ରହ୍ଲାଦ ଦାସ, ଜୟଗୋପାଳ ରାୟ, ସଚିଦାନନ୍ଦ ପରିଡ଼ା, ଜୟଶ୍ରୀ ଚୌଧୁରୀ, ପ୍ରମିଳା ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ ।

## ବାରିପଦା ପୌର ନିର୍ବାଚନ ୨୦୨୨ ସକାଶେ ପ୍ରସ୍ତୁତ ଭୋଟର ତାଲିକା

ବାରିପଦା, ୧୫/୦୨ (ନି.ପ୍ର): ରାଜ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ପୌରନିର୍ବାଚନ-୨୦୨୨ ସକାଶେ ବାରିପଦା ପୌରନିର୍ବାଚନ କାର୍ଯ୍ୟାଳୟ ପକ୍ଷରୁ ଚଳିତ ଫେବୃୟାରୀ ୧୦ ତାରିଖରେ ପୌରାଂଚଳର ସମସ୍ତ ୱାର୍ଡର ପ୍ରକାଶିତ ଭୋଟର (ମତଦାତା)ଙ୍କ ତାଲିକା ଏବଂ ଭୋଟ ଗ୍ରହଣ କେନ୍ଦ୍ର (ପୋଲିଙ୍ଗ ଷ୍ଟେସନ)ର ପ୍ରସ୍ତୁତ ଚୁଡାନ୍ତ ତାଲିକା ସମ୍ପର୍କରେ ବିଭିନ୍ନ ରାଜନୈତିକ ଦଳୀୟ କର୍ମକର୍ତା ମାନଙ୍କୁ ନେଇ ଏକ ବୈଠକ ପୌରନିର୍ବାଚନ ଅଧିକାରୀ ତଥା ପ୍ରକଳ୍ପ ପ୍ରଶାସକ ଆଇଟିଡିଏ ବାରିପଦା ଶ୍ରୀ ବସନ୍ତ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଅଛି । ବାରିପଦା ପୌରନିର୍ବାଚନ କାର୍ଯ୍ୟଳୟ ପ୍ରକଷ୍ଟରେ ଅନୁଷ୍ଠିତ ଉକ୍ତ ବୈଠକରେ ପୌରନିର୍ବାଚନ ଅଧିକାରୀ ତଥା ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଶ୍ରୀ ସେଠୀ ସମସ୍ତଙ୍କୁ ସ୍ୱାଗତ ଜଣାଇ ଆସନ୍ତା ପୌରନିର୍ବାଚନ ପାଇଁ କମିଶନଙ୍କ ନିର୍ଦ୍ଦେଶ କ୍ରମେ ପୌରାଂଚଳର ସମସ୍ତ ୱାର୍ଡର ଭୋଟର ତାଲିକା ଫେବୃୟାରୀ ୧୦ ତାରିଖରେ ପ୍ରକାଶିତ ପ୍ରାଥମିକ ଭୋଟର ତାଲିକା ଏବଂ ଭୋଟ ଗ୍ରହଣ କେନ୍ଦ୍ର (ପୋଲିଙ୍ଗ ବୁଥ୍) ପ୍ରସ୍ତୁତ ତାଲିକା ସମ୍ପର୍କିତ ସବିଶେଷ ଆଲୋଚନା କରାଯାଇଥିଲା । ଏହି କ୍ରମରେ ବାରିପଦା ପୌରାଂଚଳର ମୋଟ ୨୮ଟି ୱାର୍ଡ ଏବଂ ୮୨ଟି ଭୋଟ ଗ୍ରହଣ କେନ୍ଦ୍ର (ପୋଲିଙ୍ଗ ବୁଥ୍) ଚୁଡାନ୍ତ ହୋଇଛି । ଉକ୍ତ ବୈଠକରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବୀନ୍ଦ୍ର କୁମାର ନାୟକ, ପୌରନିର୍ବାଚନ କାର୍ଯ୍ୟାଳୟର ବରିଷ୍ଟ ସହାୟକ ଉଜ୍ଜଳ କୁମାର ବେହେରା ଏବଂ ସ୍ଥାନୀୟ ବିଭିନ୍ନ ରାଜ ନୈତିକ ଦଳିୟ କର୍ମ କର୍ତା ମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ଦେଶରେ ଗତ ୨୪ ଘଂଟା ମଧ୍ୟରେ କୋଭିଡ ପାଇଁ ୧୨,୨୯,୫୩୬ ନମୂନାର ପରୀକ୍ଷଣ

ନୂଆଦିଲ୍ଲୀ, ୧୫/୦୨ : ଦେଶରେ ଗତ ୨୪ଘଂଟା ମଧ୍ୟରେ କୋଭିଡ ପାଇଁ ୧୨,୨୯,୫୩୬ ନମୂନାର ପରୀକ୍ଷଣ କରା ଯାଇଛି । ଏହା ସହିତ ଦେଶରେ ବର୍ତମାନ ସୁଦ୍ଧା ୭୫,୩୦,୩୩,୩୦୨ ନମୂନାର ପରୀକ୍ଷଣ କରା ଯାଇଥିବା ଆଇସିଏମଆର ପକ୍ଷରୁ ସୂଚନା ଦିଆ ଯାଇଛି ।

# ଖଇରା ୪ନଂ ଜୋନ : ଇତିହାସ ପୁନରାବୃତ୍ତି ଲକ୍ଷ୍ୟରେ ବିଜେଡି

ଖଇରା,୧୫/୦୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ୪ନଂ ଖଇରା ଜୋନରେ ଚଳିତ ପଞ୍ଚାୟତ ନିର୍ବାଚନରେ ୫ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତାକୁ ଓହ୍ଲାଇଛନ୍ତି । ଏଥି ମଧ୍ୟରେ ବିଜେଡିରୁ ରଶ୍ମିତା ମହାପାତ୍ର,ଭାଜପାରୁ ରାଜେଶ କୁମାର ରାଉତ,କଂଗ୍ରେସରୁ ପ୍ରଶାନ୍ତ କୁମାର ପାତ୍ର,ସିପିଏମରୁ ପ୍ରଶାନ୍ତ କୁମାର ପରିଡା,ବିଏସପିରୁ ରଞ୍ଜିତ କୁମାର ଦାସ ଲଢେଇରେ ସାମିଲ ହୋଇଛନ୍ତି । ଉକ୍ତ ଜୋନର ପୂର୍ବ ଇତିହାସକୁ ଦେଖିଲେ ୧୯୯୭ରେ ଜଗତାନନ୍ଦ ମହାପାତ୍ର,୨୦୦୨ରେ ଜୟନ୍ତୀ ମହଲା,୨୦୦୭ରେ ରାଧାକାନ୍ତ ପାତ୍ର,୨୦୧୨ରେ ଭାସ୍କର ଦାସ ଏବଂ ୨୦୧୭ରୁ ୨୦୨୨ ପର୍ଯ୍ୟନ୍ତ ଲୋପାମୁଦ୍ରା ଜିଲା ପରିଷଦ ସଭ୍ୟା ଭାବେ କ୍ଷମତାରେ ରହିଛନ୍ତି । ୧୯୯୭ର ବିଜୟୀ ଶ୍ରୀ ମହାପାତ୍ର ସିପିଏମ ଦଳର ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ବିଜୟୀ ହୋଇଥିବା ସମସ୍ତ ଜିଲା ପରିଷଦ ସଭ୍ୟ ବିଜେଡି ର । ଗତ ୨୦୧୭ ନିର୍ବାଚନରେ ବିଜେଡର ଶ୍ରୀମତୀ ଧର ଭାଜପାର ତପସ୍ୱିନୀ ରାଉତଙ୍କୁ ୪ହଜାରରୁ ଉର୍ଦ୍ଧ ଭୋଟରେ ପରାସ୍ତ କରିଥିଲେ । ଏଣୁ ଚଳିତ ନିର୍ବାଚନରେ ବିଜେଡି ଇତିହାସ ର ପୁନରାବୃତ୍ତି ଘଟାଇବା ଲକ୍ଷରେ ପ୍ରଚାର କୁ ସେହିଭଳି ଢଙ୍ଗରେ କୌଶଳପୂର୍ଣ୍ଣ ଭାବରେ ପ୍ରସ୍ତୁତି ଚଳାଇଛନ୍ତି । ବିଜେଡର ରଶ୍ମିତା ଏକମାତ୍ର ମହିଳା ପ୍ରାର୍ଥୀନୀ ହୋଇଥିବାରରୁ ଏବଂ ୧୦ବର୍ଷରୁ ଉର୍ଦ୍ଧ ସମୟ ଧରି ମହିଳା ସଙ୍ଗଠନର ସଭାପତି ରହିଥିବାରୁ ଏହି ଜୋନରେ ଥିବା ହାରାହାରି ୯୩୧ ସ୍ୱୟଂ ସହାୟିକା ଗୋଷ୍ଠୀର ୮୦ଭାଗ ଭୋଟ ତାଙ୍କ ସପକ୍ଷରେ ଯାଇପାରେ ବୋଲି ଅନୁମାନ କରାଯାଉଛି । ତାଙ୍କ ସପକ୍ଷରେ ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ପ୍ରଚାର କରୁଥିବା ବେଳେ ୩ଦିନ ତଳେ ପୂର୍ବତନ ଜିଲା ପରିଷଦ ସଭ୍ୟ ତଥା ଖଇରା ଅଞ୍ଚଳରେ ଜଣେ ଟାଣୁଆ ଯୁବ ନେତା ଭାବେ ପରିଚିତ ରାଧାକାନ୍ତ ପାତ୍ର ତାଙ୍କ ସମର୍ଥନରେ ପ୍ରଚାର ଆରମ୍ଭ କରିଛନ୍ତି । ତେବେ ଡୁଙ୍ଗୁରା,ଅମରିଆ,ନହଙ୍ଗ ଓ ଗୋଳିହା ଭଳି ପଞ୍ଚାୟତରେ ଦଳ ଭିତରେ ଅସନ୍ତୋଷ ତାଙ୍କ ନିଶ୍ଚିତ ଯିତିବାରେ ବାଧା ସୃଷ୍ଟି କରିଛି । ଚଳିତ ବର୍ଷ ଭାଜପା ଜଣେ ଯୁବନେତା ତଥା ମଣ୍ଡଳ ସଭାପତି ରାଜେଶ କୁମାର ରାଉତଙ୍କୁ ପ୍ରାର୍ଥୀ କରି ବିଜେଡି ବିଜୟ ଧାରାରେ ବ୍ରେକ ଲଗାଇବାକୁ ଲକ୍ଷ ରଖିଛି । ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା ଓ ତାଙ୍କ ପୁଅ ନିଳମାଧନ ତାଙ୍କ ସପକ୍ଷରେ ପ୍ରଚାର କରୁଛନ୍ତି । ଯୁବ ତଥା ନୂତନ ଭାବେ ଭୋଟ ଦେବାକୁ ଯୋଗ୍ୟ ବିବେଚିତ ଭୋଟର ଙ୍କ ସମର୍ଥନ ତାଙ୍କୁ ମିଳିବାର ସମ୍ଭାବନା ଅଛି । ସାମାଜିକ ଗଣମାଧ୍ୟମକୁ ସର୍ବାଧିକ ବ୍ୟବହାର କରୁଥିବା ରାଜେଶ ବିଜେଡିର ଅସନ୍ତୁଷ୍ଟଙ୍କୁ ନିଜ ସପକ୍ଷକୁ ଆଣିବାକୁ ଉଦ୍ୟମ କରୁଛନ୍ତି । କଂଗ୍ରେସ ର ପ୍ରଶାନ୍ତ ପାତ୍ର ଙ୍କ ପାଇଁ ପୁର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀ ଓ ସିପିଏମ ର ପ୍ରଶାନ୍ତ ପରିଡା ଙ୍କ ପାଇଁ ପ୍ରାକ୍ତନ ଜିଲା ପରିଷଦ ସଦସ୍ୟ ଜଗତାନନ୍ଦ ମହାପାତ୍ର ସଭା ଓ ରାଲି କରି ନିଜ ଦଳର ଭୋଟ ହାର ବଢାଇବା କୁ ଆଶାବାନ୍ଧିଛନ୍ତି । ପ୍ରଶାନ୍ତଙ୍କ ପାଇ ଏହା ବ୍ୟତିତ ବିଏସପିର ରଞ୍ଜିତ ଦାସ ଦଳର ଉପସ୍ଥିତ ଜାହିର କରିବା ଲକ୍ଷରେ ପ୍ରଚାର ଚଳାଇଛନ୍ତି ।

# କଷାଫଳ ଓ ସାର୍ଥାରେ ବିଜେପିର ମିଶ୍ରଣ ପର୍ବ



ବାଲେଶ୍ୱର,୧୫/୦୨ (ନି.ପ୍ର): ଚଳିତ ପଞ୍ଚାୟତ ନିର୍ବାଚନ ଆସନ୍ତାକାଲି ପ୍ରଥମ ପର୍ଯ୍ୟାୟ ମତଦାନ ଆରମ୍ଭ ହେବାକୁ ଯାଉଥିଲେ ବି ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ କର୍ମୀ ମିଶ୍ରଣ ପର୍ବ ବନ୍ଦ ହେଉନି । ଏହି ପରିପ୍ରେକ୍ଷୀରେ ରାଜ୍ୟ ବିଜେପି ଯୁବମୋର୍ଚ୍ଚା ଉପ ସଭାପତି ତଥା ସଦର ନିର୍ବାଚନ ମଣ୍ଡଳୀର ନେତା ମାନସ କୁମାର ଦତ୍ତ ସଦର ବ୍ଲକ ଅନ୍ତର୍ଗତ କଷାଫଳ ଓ ସାର୍ଥା ପଞ୍ଚାୟତରେ ଦଳୀୟ ପ୍ରାର୍ଥୀଙ୍କ ସମର୍ଥନରେ ସାଧାରଣ ଲୋକଙ୍କ ଆଶୀର୍ବାଦ ଲୋଡିଛନ୍ତି । ଏହି ଅବସରରେ ଉଭୟ ପଞ୍ଚାୟତରେ ଅନ୍ୟାନ୍ୟ ଦଳରୁ ବହୁ କର୍ମୀ ବିଜେପିରେ ଯୋଗ ଦେଇଛନ୍ତି । କଷାଫଳରେ ବରିଷ୍ଠ ବିଜେଡି ନେତା କାହ୍ନୁ ଚରଣ ମଣ୍ଡଳ, ହରେନ୍ଦ୍ର ମଣ୍ଡଳ, ବିଜୟ ମଣ୍ଡଳ ଓ ସାର୍ଥାର କୃତିବାସ ପାତ୍ର, ଅଜୟ ମଣ୍ଡଳ, ସଞ୍ଜୟ ଦଳାଇ, ବିଜୟ ବେହେରା, ଅକ୍ଷୟ ବେହେରା, ଉମାକାନ୍ତ ଦାସ, ପ୍ରକାଶ ବେହେରା, ଶ୍ୟାମସୁନ୍ଦର ମାଝୀ, ନିତ୍ୟାନନ୍ଦ ବୈଠା, କପିଳ ରାଉତ, ରମେଶ ବାଗସିଂହ, ସତ୍ୟଜିତ ମଲ୍ଲିକ, ବିବେକାନନ୍ଦ ମଲ୍ଲିକ, ମନୋରଞ୍ଜନ ମଲ୍ଲିକ, ରାମଚନ୍ଦ୍ର ମଲ୍ଲିକ, ଅଜୟ ସାନ୍ତରା ପ୍ରମୁଖ ଲୋକଙ୍କୁ ଶ୍ରୀ ଦତ୍ତ ଉତ୍ତରୀୟ ଦେଇ ସ୍ୱାଗତ କରିଛନ୍ତି । ୨୯ନଂ ଜୋନ ବିଜେପି ଜିଲା ପରିଷଦ ପ୍ରାର୍ଥୀ ବିଜୟ କୁମାର ନାୟକ, କଷାଫଳ ପଞ୍ଚାୟତର ସରପଞ୍ଚ ପ୍ରାର୍ଥିନୀ ଜୟନ୍ତୀ ଆଦିକ ଓ ସମିତିସଭ୍ୟା ପ୍ରାର୍ଥିନୀ ପ୍ରିୟଙ୍କା ଜେନା, ସାର୍ଥା ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ସୁଶାନ୍ତ ବାଗ ଓ ସମିତିସଭ୍ୟ ପ୍ରାର୍ଥୀ ସନାତନ ସେଠୀ, ମଣ୍ଡଳ ସଭାପତି ବିଜୟ ଦାସ, ମଣ୍ଡଳ ପ୍ରଭାରୀ ଲୋକନାଥ ଭୂୟାଁ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ ।

## ପୋଲିଂ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଭୋଟ ଦାନ କରିବା ପାଇଁ ସୁଯୋଗ ଦିଆଯାଉ : ବିଜେପି

ଭୁବନେଶ୍ୱର, ୧୫/୦୨ (ନି.ପ୍ର): କୌଣସି ନିର୍ବାଚନକୁ ଅବାଧ, ମୁକ୍ତ ଓ ନିରପେକ୍ଷ କରିବା ପାଇଁ ଭାରତୀୟ ସମ୍ବିଧାନରେ ସମସ୍ତଙ୍କୁ ଭୋଟ ଦେବାର ଅଧିକାର ପ୍ରଦାନ କରାଯାଇଛି ।ଏଥିରୁ ବଂଚିତ ରଖିବାକୁ କାହା ପାଖରେ ଅଧିକାର ନାହିଁ । ନିର୍ବାଚନ ଦାୟୀତ୍ୱରେ ଥିବା ଲୋକମାନେ ନିଜ ନିଜ ମତ ସାବ୍ୟସ୍ତ କରି ପାରନ୍ତି ନାହିଁ । ତେଣୁ ତାଙ୍କ ପାଇଁ ପୋଷ୍ଟାଲ ଭୋଟର ବ୍ୟବସ୍ଥା କରାଯାଇଛି । କିନ୍ତୁ ରାଜ୍ୟରେ ଚଳିତ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ପୋଲିଂ ଦାୟୀତ୍ୱରେ ଥିବା କର୍ମଚାରୀଙ୍କୁ ଭୋଟ ଦେବାରୁ ବଂଚିତ କରାଯାଇଛି । ଏହା ସଂପୂର୍ଣ୍ଣ ଭାବେ ଅଗଣତାନ୍ତ୍ରିକ ଓ ଅସାମ୍ବିଧାନିକ । ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବା ସମୟରୁ ଭାରତୀୟ ଜନତା ପାର୍ଟି ଏହି ପ୍ରସଙ୍ଗରେ ରାଜ୍ୟ ନିର୍ବାଚନ କମିଶନଙ୍କୁ ଅବଗତ କରିଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ ଏବଂ ବହୁ ସଂଖ୍ୟାରେ ଭୋଟର ନିଜ ମତଦାନ କରିବାରୁ ବଂଚିତ ହେଲେ । ରାଜ୍ୟ ନିର୍ବାଚନ କମିଶନଙ୍କ ଏଭଳି ଅଗଣତାନ୍ତ୍ରିକ ପଦକ୍ଷେପ କାହା ସ୍ୱାର୍ଥରେ ବୋଲି ରାଜ୍ୟ ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକ ପ୍ରଶ୍ନ କରିଛନ୍ତି କହିଛନ୍ତି । ନିର୍ବାଚନ କମିଶନଙ୍କ ନିକଟରେ ଭାରତୀୟ ଜନତା ପାର୍ଟି ତରଫରୁ ପୋଲିଂ ଦାୟୀତ୍ୱରେ ଥିବା ସମସ୍ତ କର୍ମଚାରୀଙ୍କୁ ଭୋଟ ଦାନ କରିବା ପାଇଁ ସୁଯୋଗ ଦେବାକୁ ଦାବୀ କରାଯାଇଛି । ଏହି ପ୍ରତିନିଧି ଦଳରେ ରାଜ୍ୟ ମୁଖପାତ୍ର ଠାକୁର ରଣଜିତ୍ ଦାସ, ରାଜ୍ୟ ଗଣମାଧ୍ୟମ ସହମୁଖ୍ୟ ସୁଜିତ କୁମାର ଦାସ, ବିଜେପି ଲିଗାଲ ସେଲର ରବିଶଂକର ପଟ୍ଟନାୟକ, ଜୟନ୍ତ ଜେନା ଏବଂ ମହେନ୍ଦ୍ର ପ୍ରଧାନ ପ୍ରମୁଖ ସାମିଲ ଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଆଉ ୫ ଜଣ ଅଧିକାରୀଙ୍କୁ ....

ପୂର୍ବତନ ତହସିଲଦାର ଓଏଏସ୍ ଅଧିକାରୀ ଶ୍ରୀ ସୁଶୀଲ କୁମାର କୁଜୁରଙ୍କ ନାମରେ ଗୋଟିଏ ଦୁର୍ନୀତି ଅଭିଯୋଗ ଅଛି । ଢେଙ୍କାନାଳ ସଦର ବ୍ଲକ୍‌ରେ ବିଡିଓ ଥିବାବେଳେ ସେ ମନରେଗା ପାଣ୍ଠି ଆତ୍ମସାତ କରିଥିଲେ । ବିଭିନ୍ନ ଗାଁରେ ଜାଲ କାଗଜପତ୍ରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଦର୍ଶାଇ ସରକାରଙ୍କର ୨୪ ଲକ୍ଷ ୨୨ ହଜାର ୫୩୮ ଟଙ୍କା କ୍ଷତି ପହଞ୍ଚାଇଥିଲେ । ତାଙ୍କୁ ଗିରଫ କରାଯାଇ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିଲା । ଅପାରଗତା, ଦୁର୍ନୀତି ଓ ଅସାଧୁତା ଯୋଗୁ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି । ବଲାଙ୍ଗୀର ଜିଲ୍ଲା ବଙ୍ଗମୁଣ୍ଡାର ପୋଲିସ ଇନ୍‌ସପେକ୍ଟର ଶ୍ରୀ ବିନୋଦ ବିହାରୀ ନାୟକଙ୍କ ବିରୁଦ୍ଧରେ ଗୋଟିଏ ଦୁର୍ନୀତି ଅଭିଯୋଗ ରହିଛି । ସେ ବଙ୍ଗମୁଣ୍ଡାରୁ କୁଚିଣ୍ଡାକୁ ଏକ ମାରୁତି ସିଆଜ୍ କାର୍ରେ ଯାଉଥିବା ବେଳେ ବରଗଡ ଟୋଲଗେଟ୍ ନିକଟରେ ଦୁର୍ନୀତି ନିବାରଣ ବିଭାଗର ଏକ ଟିମ୍ ଦ୍ୱାରା ଧରା ପଡିଥିଲେ । ତାଙ୍କ ଠାରୁ ୨ ଲକ୍ଷ ୬ ହଜାର ୨୨୦ ଟଙ୍କା ଜବତ କରାଯାଇଥିଲା । ବଙ୍ଗମୁଣ୍ଡାସ୍ଥିତ ତାଙ୍କ ସରକାରୀ ବାସଭବନରେ ତଲାସୀ ସମୟରେ ୩,୮୦,୯୨୦ ଟଙ୍କା ଜବତ କରାଯାଇଥିଲା । ସମୁଦାୟ ତାଙ୍କ ଠାରୁ ୫,୮୭,୧୪୦ ଟଙ୍କା ଜବତ କରାଯାଇଥିଲା । ୨୦୨୧ ନଭେମ୍ବର ୩୦ ତାରିଖ ଦିନ ସେ ଗିରଫ ହୋଇଥିଲେ । ଅଧିକ ତଦନ୍ତ ପରେ ଜଣାଯାଇଥିଲା ଯେ ସେ ଯେଉଁ ମାରୁତି କାର୍ (ଡଉ-୧୫କ-୬୧୧୧) ରେ ଯାଉଥିଲେ, ତାହା ସମ୍ବଲପୁର ଜିଲ୍ଲା ଧନୁପାଲ୍ଲୀ ପୋଲିସ ଷ୍ଟେସନ ଅନ୍ତର୍ଗତ ଏମ୍. ନାସିର ନାମକ ଜଣେ ବ୍ୟକ୍ତିଙ୍କୁ ପୁଅ ମହମ୍ମଦ ମଲିମ୍‌ଙ୍କ ନାମରେ ରହିଛି । ସେହି ବ୍ୟକ୍ତିଙ୍କ ନାମରେ ଧନୁପାଲ୍ଲୀ ପୋଲିସ ଷ୍ଟେସନରେ ୪ଟି ମାମଲା ଓ ସମ୍ବଲପୁର ସଦର ପୋଲିସ ଷ୍ଟେସନରେ ଗୋଟିଏ ମାମଲା ରହିଛି । ଦୁର୍ନୀତି, ଅପାରଗତା ଓ ଦୁର୍ବ୍ୟବହାର ଯୋଗୁ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି ।

## ଟଳିଲା ବିଶ୍ୱଯୁଦ୍ଧର ଭୟ....

ନଥିଲା । ଏକଥା ଋଷ ପୂର୍ବରୁ ସ୍ପଷ୍ଟ କରିସାରିଛି । ଯୁଦ୍ଧଭ୍ୟାସ ଶେଷ ପରେ ଏବେ ଆମ ସେନା ଶିବିରକୁ ଫେରିଛନ୍ତି । ଏବେ ପ୍ରତ୍ୟାବର୍ତନ ପ୍ରକିୟା ଆରମ୍ଭ ହୋଇଛି । ଏହା ଏକ ନିୟମିତ ପ୍ରକିୟା ଓ ଦରକାର ପଡିଲେ ପୁଣି ଅଧିକ ସଂଖ୍ୟକ ସୈନ୍ୟ ସୀମାନ୍ତରେ ଯୁଦ୍ଧାଭ୍ୟାସ କରିବାକୁ ଯିବେ । ସେପଟେ ଋଷର ଏହି ଘୋଷଣା ପରେ ୟୁକ୍ରେନ କହିଛି କି ପାଶ୍ଚାତ୍ୟ ଦେଶ ମିଶି ଋଷର ଆକ୍ରମଣକୁ ଏଡାଇବାରେ ସଫଳ ହୋଇଛନ୍ତି । ୟୁକ୍ରେନ ବୈଦେଶିକ ବ୍ୟାପାରମନ୍ତ୍ରୀ ଡାମଟ୍ରୋ କିଭ୍ରେଙ୍କ କହିଛନ୍ତି ଆମେ ଓ ଆମର ମିତ୍ରରାଷ୍ଟ୍ର ଋଷର ଆକ୍ରମଣ ଏଡାଇବାରେ ସଫଳ ହୋଇଛି । କୁଟନୀତି ସ୍ତରରେ ଆଲୋଚନା ବି ଚାଲିଛି । ଗତ କିଛି ସପ୍ତାହ ଧରି ଋଷ ୟୁକ୍ରେନକୁ ୩ପଟୁ ଘେରିବା ସହ ହଜାର ହଜାର ଯବାନଙ୍କୁ ୟୁକ୍ରେନ ସୀମାରେ ମୃତୟନ କରିଥିଲା । ଏହା ପରେ ୟୁକ୍ରେନ ଉପରେ ଋଷର ଆକ୍ରମଣ ଆଶଙ୍କାଙ୍କୁ ଅଧିକ ଘନୀଭୂତ ହୋଇଥିଲା । କିଛି ଦିନ ହେବ ସୀମାରେ ଋଷର ସମରସଜ୍ଜା ଦେଖି ୟୁକ୍ରେନ ସମେତ ସମଗ୍ର ବିଶ୍ୱରେ ସମ୍ଭାବ୍ୟ ଯୁଦ୍ଧକୁ ନେଇ ଆଶାଆଶଙ୍କା ଦେଖିବାକୁ ମିଳିଥିଲା । ଏହା ସହ ୟୁକ୍ରେନ ସୀମାରେ ଓ ବେଲାଋଷ ସହ ମିଶି ଋଷର ଯୁଦ୍ଧାଭ୍ୟାସ ଅଧିକ ଚିନ୍ତା ବଢାଇଥିଲା । ଯୁଦ୍ଧ ଏଡାଇବା ପାଇଁ ଗତକାଲି ଜର୍ମାନ ଚାନସଲର ଓଲାଫ ସ୍କୋଲଜ ମସ୍କୋରେ ପହଁଚିଥିଲେ । ପୁଟିନଙ୍କ ସହ ସାକ୍ଷାତ କରି ଯୁଦ୍ଧ ଏଡାଇବା ପାଇଁ ବଡ ଭୂମିକା ନିର୍ବାହ କରିଥିବା ମଧ ଚର୍ଚ୍ଚା ହେଉଛି ।

## ଜାମତରା ଗ୍ୟାଙ୍ଗ ଲିଙ୍କରେ ....

ଏଟିଏମ୍ କାର୍ଡ ଓ ଏକ ଲାପଟପ୍ ଜବତ କରିଛି । ସମ୍ବଲପୁର ଏସ୍‌ପି ବି. ଗଙ୍ଗାଧର କହିଛନ୍ତି, "ଆମ ମାମଲାରେ ଏମାନଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଛି । ଅନ୍ୟ ଅଭିଯୁକ୍ତମାନେ ଧରା ପଡ଼ିବାର ଅଛି । ଫେରାର ଅଭିଯୁକ୍ତ ଗିରଫ ହେବାପରେ ପୂରା ଘଟଣା ଉପରୁ ପର୍ଦ୍ଦା ଉଠିବ ।"ଏମାନଙ୍କ ଠକାମୀରେ ଶିକାର ହୋଇଥିଲେ ସମ୍ବଲପୁର ଅଇଁଠାପାଲିର ସରୋଜ ଦାସ । ତାଙ୍କ କହିବା ଅନୁସାରେ ସେ ଅନଲାଇନ୍ ଆପ୍‌ରେ ୩ ଲକ୍ଷ ୮୦ ହଜାର ଟଙ୍କା ଋଣ ପାଇଁ ଆବେଦନ କରିଥିଲେ । ସରୋଜ ସେହି ଆପ୍‌ର କଷ୍ଟମର କେୟାର ନମ୍ବର ସହ ଯୋଗାଯୋଗ କରିବା ଭିତରେ ଠକଙ୍କ ହାବୁଡ଼ରେ ପଡ଼ି ଯାଇଥିଲେ । ପରେ ତାଙ୍କ ନିକଟକୁ ୭୩୧୯୭୬୦୩୦୩ ନମ୍ବରରୁ ଏକ କଲ ଆସିଥିଲା । ଆଉ ଫୋନ୍ କରିଥିବା ବ୍ୟକ୍ତି ଋଣ କରାଇଦେବାରେ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଫୋନ୍ କରିଥିବା ବ୍ୟକ୍ତି(ଠକ) ତାଙ୍କ ମୋବାଇଲରେ ଏନି ଡେସ୍କ ନାଁରେ ଏକ ଆପ୍ ଡାଉନଲୋଡ୍ ପାଇଁ କହିଥିଲେ । ତାଙ୍କ କଥା ପଡ଼ି ସରୋଜ ଏନି ଡେସ୍କ ଆପ୍ ଡାଉନ୍‌ଲୋଡ୍ କରିଥିଲେ । ଆଉ ଏହା ପରେ ଗତ ୫ ତାରିଖରେ ସରୋଜଙ୍କ ଆକାଉଣ୍ଟକୁ ଟଙ୍କା ଆସିବା ମାତ୍ରେ ସେଥିରୁ ୨ ଲକ୍ଷ ଟଙ୍କା ଗାଏବ ହୋଇଯାଇଥିଲା । ସରୋଜ ଘଟଣା ସମ୍ପର୍କରେ ଅଇଁଠାପାଲି ଥାନାରେ ଅଭିଯୋଗ କରିବା ପରେ ସଂପୃକ୍ତ ମୋବାଇଲ ନମ୍ବରକୁ ଟ୍ରାକ୍ କରି ପୁଲିସ୍ ଜାମତାରା ଗ୍ୟାଙ୍ଗର ଲିଙ୍କ ପାଇଥିଲା ।

## ପୌର ନିର୍ବାଚନରେ ପ୍ରାର୍ଥୀଙ୍କ ....

୨ ଲକ୍ଷ ଟଙ୍କା ଖର୍ଚ୍ଚ କରିପାରିବେ । ୫୦ ହଜାରରୁ ଏକ ଲକ୍ଷ ଜନସଂଖ୍ୟାବିଶିଷ୍ଟ ମୁନିସିପାଲିଟି ଅଂଚଳରେ କାଉନ୍‌ସିଲର/କର୍ପୋରେଟର ପଦବୀ ନିମନ୍ତେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀମାନେ ସର୍ବାଧିକ ୭୫ ହଜାର ଟଙ୍କା ଓ ଅଧ୍ୟକ୍ଷ/ମେୟର ପଦବୀ ନିମନ୍ତେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀମାନେ ସର୍ବାଧିକ ୩ ଲକ୍ଷ ଟଙ୍କା ନିର୍ବାଚନରେ ଖର୍ଚ୍ଚ କରିପାରିବେ । ସେହିପରି ଏକ ଲକ୍ଷରୁ ଅଧିକ ଜନସଂଖ୍ୟା ଥିବା ମୁନିସିପାଲିଟି ଅଂଚଳରେ କାଉନ୍‌ସିଲର/କର୍ପୋରେଟର ପଦବୀ ନିମନ୍ତେ ପ୍ରାର୍ଥୀମାନେ ସର୍ବାଧିକ ୧ ଲକ୍ଷ ଓ ଅଧ୍ୟକ୍ଷ/ମେୟର ପଦବୀ ନିମନ୍ତେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀମାନେ ସର୍ବାଧିକ ୫ ଲକ୍ଷ ଟଙ୍କା ନିର୍ବାଚନରେ ଖର୍ଚ୍ଚ କରିପାରିବେ । ସେହିପରି ମହାନଗର ନିଗମର କର୍ପୋରେଟର ପଦବୀ ନିମନ୍ତେ ପ୍ରାର୍ଥୀମାନେ ସର୍ବାଧିକ ୨ ଲକ୍ଷ ଓ ମେୟର ପଦବୀ ନିମନ୍ତେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀମାନେ ସର୍ବାଧିକ ୧୨ ଲକ୍ଷ ଟଙ୍କା ନିର୍ବାଚନୀ ଖର୍ଚ୍ଚ କରିପାରିବେ ବୋଲି ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି ।

## ଭିଜିଲାନ୍ସ ଜାଲରେ ଅତିରିକ୍ତ....

ପାଳିବାର ସଉକ ବି ଥିଲା । ନଖରା ସ୍ଥିତ ବାସଭବନରେ ଫ୍ରେଞ୍ଚ୍ ମ୍ୟାସଟିଫ ପ୍ରଜାତିର ଦୁଇଟି ଦାମୀ କୁକୁର ଥିବା ଦେଖିବାକୁ ମିଳିଛି । ଯାହାର ମୂଲ୍ୟ ଦେଢ଼ ଲକ୍ଷରୁ ଅଧିକ ହେବ ବୋଲି କୁହାଯାଉଛି । ତ୍ରିନାଥଙ୍କ କାମ ଥିଲା ଲୋକଙ୍କୁ ସୁରକ୍ଷା ଦେବା, ଆଇନଶୃଙ୍ଖଳା ରକ୍ଷା କରିବା । ଏଥିପାଇଁ ତାଙ୍କୁ ମୋଟାର ଅଙ୍କର ଦରମା ଦିଆଯାଉଥିଲା । ଗାଡି ଓ ଅନ୍ୟାନ୍ୟ ସୁବିଧା ବି ମିଳୁଥିଲା । ହେଲେ ଜନତାଙ୍କୁ ସୁରକ୍ଷା ଦେବା ତ ଦୂରେ ଥାଉ ସେ ସମାଜକୁ କେମିତି ଲୁଟି ଚାଲିଥିଲେ ଓ ସମ୍ପତି ଠୁଳ କରୁଥିଲେ, ଠାବ ହୋଇଥିବା ସମ୍ପତି ଏହାର ପ୍ରମାଣ ଦେଉଛି, ଯାହାକି ଏକ ବିଡମ୍ବନା । ପ୍ରଶ୍ନ ଉଠୁଛି , ଅପରାଧ ନିୟନ୍ତ୍ରଣ କରିବାକୁ ଶପଥ ନେଇଥିବା ପୁଲିସ ବାବୁ, ଏହି ସମ୍ପତ୍ତି ଠୁଳ କରିବା ପାଇଁ କେତେ ଅପରାଧୀଙ୍କୁ ଅନୁକମ୍ପା ଦେଖାଇଥିଲେ ତାହା ଏଥିରୁ ସ୍ପଷ୍ଟ ଅନୁମାନ କରାଯାଇପାରେ ।

## ବିଧାନ ପରିଷଦ ସଂକଳ୍ପ....

ମନ୍ତ୍ରୀ ଶ୍ରୀ ରିଜ୍ଜୁଙ୍କୁ ଠିକ୍ ଭାବେ ଅବଗତ କରାଇନଥିବେ । ସେଥିପାଇଁ ଏହାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେବାକୁ ସେ ପରାମର୍ଶ ଦେବା ସହ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରିବାକୁ କେନ୍ଦ୍ର ମନ୍ତ୍ରୀ ରିଜ୍ଜୁଙ୍କୁ ସେ ଅନୁରୋଧ କରିଛନ୍ତି । ଅନ୍ୟ ଏକ ଚିଠିରେ ସମସ୍ତ ପ୍ରମାଣପତ୍ର ଓ କେନ୍ଦ୍ର ସରକାରଙ୍କୁ ପଠାଯାଇଥିବା ଚିଠିକୁ ସଂଲଗ୍ନ କରାଯାଇଛି । ସୂଚନାଯୋଗ୍ୟ, କେନ୍ଦ୍ର ଆଇନ ମନ୍ତ୍ରୀ ଶ୍ରୀ ରିଜୁ ଗତ ସପ୍ତାହରେ ଏହି ବିଧାନ ପରିଷଦ ଗଠନର ସଂକଳ୍ପ ପ୍ରସ୍ତାବ କେନ୍ଦ୍ର ସରକାରଙ୍କୁ ମିଳିନଥିବା ନେଇ ରାଜ୍ୟସଭାରେ କହିବା ପରେ ବାଚସ୍ପତି ଶ୍ରୀ ପାତ୍ର ଆଶ୍ଚର୍ଯ୍ୟ ବ୍ୟକ୍ତ କରିବା ସହ ବିଧାନସଭା ପକ୍ଷରୁ ପଠାଯାଇଥିବା ଚିଠି ସବୁକୁ ଗଣମାଧମକୁ ଅବଗତ କରାଇଥିଲେ ।

# ବଣିଆଡିହା କଂଗ୍ରେସର ଜମୁଛି ପ୍ରଚାର

ଲଙ୍ଗଳେଶ୍ୱର, ୧୫/୨(ନିପ୍ର) ବାଲିଆପାଳ ବ୍ଲକର ବଣିଆଡିହା ପଞ୍ଚାୟତର ନିର୍ବାଚନ ପ୍ରଚାର ଜମୁଛି । ନିର୍ବାଚନ ବୈତରଣୀ ପାର ହେବାକୁ ନେତା ମାନେ ଗାଁ ରେ ଡେରା ପକାଇଛନ୍ତି । ଭୋଟରଙ୍କୁ ଆପଣାଇବା ପାଇଁ ନେତା ମାନେ ବିଭିନ୍ନ ତରିକା ଆପଣାଉଛନ୍ତି ।ମାତ୍ର ଏଠାରେ ବିଜେଡି ନବୀନଙ୍କ ଭାବମୂର୍ତ୍ତି ଓ ବିଜେପିର ମୋଦି ସରକାରଙ୍କ ଦ୍ୱାରା କାର୍ଯ୍ୟ କାରି ହେଉଥିବା ଯୋଜନା ସଂପର୍କରେ ଆଲୋଚନା କରି ଭୋଟ ଭିକ୍ଷା କରୁଛନ୍ତି ।୨୨ ନମ୍ବର ଜୁନର କଂଗ୍ରେସ ଦଳର ଜିଲ୍ଲା ପରିଷଦ ପ୍ରାର୍ଥୀ ମୃତ୍ୟୁଞ୍ଜୟ ଧଳ,ବଣିଆଡିହା ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ କାଳିଚରଣ ଜେନା, ସମିତି ସଦସ୍ୟ ପ୍ରାର୍ଥୀ ରାଧା ମୁର୍ମୁ,ଙ୍କ ସମେତ ୱାର୍ଡ ସଦସ୍ୟ ପ୍ରାର୍ଥୀ ମାନେ ଘରକୁ ଘର ବୁଲି ଭୋଟରମାନଙ୍କୁ ନିଜ ସପକ୍ଷରେ ଭୋଟ ଦେବାକୁ ଅନୁରୋଧ କରୁଛନ୍ତି । ବ୍ଲକ ଉପାଧ୍ୟକ୍ଷ ଓ ସରପଞ୍ଚ ଙ୍କ ଅଧୂରାକାର୍ଯ୍ୟକୁ ପୂର୍ଣ୍ଣାଙ୍ଗକରିବା ଓ ବିଭିନ୍ନ ସ୍ଥାନରେ କରାଯାଇଥିବା ବିକାଶ କାର୍ଯ୍ୟକ୍ରମ କୁ ନେଇ ଭୋଟରଙ୍କୁ ସଚେତନ କରୁଛନ୍ତି । ଏହି ପ୍ରଚାର ର ମଙ୍ଗ ଧରିଛନ୍ତି ଉପାଧକ୍ଷଙ୍କ ପ୍ରତିନିଧି ଯୁବନେତା ଜଗତ ଜୀବନ ଦାସ ।

# ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ କାର୍ଯ୍ୟରେ ଯୋଗ ଦେଇନଥିବା ଗାଡିର ମାଲିକଙ୍କ ବିରୋଧରେ ଜାମିନ୍ ବିହିନ ପରୱାନା

ବାରିପଦା, ୧୫/୦୨ (ନି.ପ୍ର): ଚଳିତ ପଞ୍ଚାୟତ ନିର୍ବାଚନ ୨୦୨୨, ପାଇଁ ମୟୂରଭଞ୍ଜ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଗାଡି ଅଧିଗ୍ରହଣ ପ୍ରକ୍ରିୟା ଜାରି ରହିଛି । ନିର୍ବାଚନରେ ପୋଲିଂ ପାର୍ଟି ଓ ପୋଲିସ୍‌ର ବ୍ୟବହାର ପାଇଁ ଅଧିଗ୍ରହଣ କରାଯାଇଥିବା ଯାନବାହାନ ଗୁଡିକ ନିର୍ଦ୍ଧାରିତ ଫେବୃୟାରୀ ୧୩ / ୧୪ ତାରିଖରେ ଯୋଗ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଯେଉଁ ଗାଡି ମାଲିକ ପ୍ରଶାସନିକ ଆଦେଶକୁ ଅବମାନନା କରିଛନ୍ତି, ସେମାନଙ୍କ ବିରୁଦ୍ଧରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ବିନୀତ ଭରଦ୍ୱାଜ ଜାମିନ ବିହିନ ୱାରେଣ୍ଟ ଜାରି କରିଛନ୍ତି । ନିର୍ଦ୍ଧାରିତ ଥିବା ୧୪ ତାରିଖରେ ଜିଲ୍ଲା ଏବଂ ବ୍ଲକ ବିତରଣ କେନ୍ଦ୍ରରେ ରିପୋର୍ଟ କରିବା ସଙ୍ଗେ ସଙ୍ଗେ ନିର୍ବାଚନ କାର୍ଯ୍ୟରେ ଯୋଗଦେବା ପାଇଁ କୁହାଯାଇଛି । ଯେଉଁମାନେ ଏହି ଆଦେଶକୁ ଅମାନ୍ୟ କରିବେ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ପଞ୍ଚାୟତ ନିର୍ବାଚନ ସମସ୍ତ ପ୍ରକ୍ରିୟାରେ ସୁରୁଖୁରୁରେ ସମ୍ପାଦନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୧୪ ଶହ ଗାଡି ଅଧିଗ୍ରହଣ କରାଯାଇଛି । ତେବେ ଆବଶ୍ୟକତା ଅନୁଯାୟୀ ପର୍ଯ୍ୟାୟକ୍ରମେ ଗାଡି ଅଧିଗ୍ରହଣ ଜାରି ରହିଥିବା ଆଞ୍ଚଳିକ ପରିବହନ ଅଧିକାରୀ ମୟୂରଭଞ୍ଜ ଗୋପାଳ ଚନ୍ଦ୍ର ଦାଶ ସୂଚନା ଦେଇଛନ୍ତି ।

# ୪ଟି ଜିଲ୍ଲାପରିଷଦ ଜୋନ୍‌ରେ ଲଢେଇ ଜୋର୍‌ଦାର

ଜଳେଶ୍ୱର, ୧୫/୦୨(ନି.ପ୍ର): ଜଳେଶ୍ୱର ବ୍ଲକରେ ୪ଟି ଜିଲାପରିଷଦ ରହିଥିବା ବେଳେ ସବୁସ୍ଥାନରେ ବିଜେଡି ସହିତ ବିଜେପି ଓ କଂଗ୍ରେସ ପ୍ରାର୍ଥୀଙ୍କ ଲଢେଇ ଜୋର୍‌ଦାର ଚାଲିଛି । ପ୍ରଚାରରେ ବିଜେଡି ଆଗରେ ଥିବା ବେଳେ ରାତି ପାହିଲେ ଜଳେଶ୍ୱରରେ ଭୋଟଦାନ ଆରମ୍ଭ ହେବ । କେତେକ ସ୍ଥାନରେ କଂଗ୍ରେସ ଓ ବିଜେପି ମିଳିତଭାବେ ସରପଂଚ ଓ ସଦସ୍ୟ ପଦବିରେ ଅଘୋଷିତ ବୁଝାମଣା କରିଥିବାରୁ ଜିଲାପରିଷଦ ସଦସ୍ୟ ଅସୁବିଧାରେ ପଡିଛି । ଜଳେଶ୍ୱର ତ୍ରିସ୍ତରୀୟ ପଂଚାୟତରାଜ ନିର୍ବାଚନ ଲାଗି ଆଉ କେତେଘଣ୍ଟା ପରେ ଭୋଟ ଗ୍ରହଣ ହେବ । ସକାଳ ୭ଟା ଅପରାହ୍ନ ୧ ଟା ପର୍ଯ୍ୟନ୍ତ ଭୋଟଦାନ ସମୟସୀମା ଥିବାରୁ ସଚେତନ ଭୋଟରମାନେ ସକାଳେ ଭିଡ ଜମାଇବାର ସମ୍ଭବନା ରହିଛି । ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିବା ବେଳେ ପୋଲିଂ ପାର୍ଟି ମଧ୍ୟ ପ୍ରତ୍ୟେକ ବୋଥିରେ ତତ୍ପର ରହିଛନ୍ତି । କୌଣସି ସ୍ଥାନରେ ଅପ୍ରିତିକର ପରିସ୍ଥିତି ଯେପରି ସୃଷ୍ଟି ନ ହେବ ସେଥିପ୍ରତି ମୋବାଇଲ୍ ପୁଲିସ୍ ପଇଁତରା ମରାଯିବାର ବ୍ୟବସ୍ଥା କରାଯାଇଛି । ତେଣେ ପ୍ରତ୍ୟେକ ଦଳର କର୍ମୀମାନେ ଲୁଚାଛପାରେ ଭୋଟର ମାନଙ୍କୁ ହାତେଇବା ପାଇଁ କଳ, ବଳ ଓ କୌଶଳ ଆପଣାଇଥିବା ବେଳେ ଶେଷ ଅସ୍ତ୍ର (ଆର୍ଥିକ) ମଧ୍ୟ ପ୍ରୟୋଗ କରାଯାଉଥିବା ଦେଖାଯାଇଛି । ୭ନଂ ଜୋନ୍‌ରେ ୪ଜଣ ପ୍ରାର୍ଥୀ ଥିବା ବେଳେ ତ୍ରିମୂଖୀ ପ୍ରତିଦ୍ୱନ୍ଦିତା ହେବ ବୋଲି ଜଣାଯାଇଛି । ସେହିପରି ୮ନଂରେ ୫ଜଣ ପ୍ରାର୍ଥି ଥିବା ବେଳେ ସେଠାରେ ମଧ୍ୟରେ ଚର୍ତୁମୁଖୀ ପ୍ରତିଦ୍ୱିନ୍ଦିତା ହେବ । ୯ ନମ୍ବରରେ ୬ଜଣ ଓ ୧୦ ନମ୍ବରରେ ୬ଜଣ ଲେଖାଏଁ ପ୍ରାର୍ଥି ଥିଲେ ମଧ୍ୟ ତ୍ରିମୁଖୀ ପ୍ରତିଦ୍ୱିନ୍ଦିତା ହେବା ସମ୍ପର୍କରେ କୁହାଯାଇଛି । ଗତ ରବିବାର ସଂଧ୍ୟାରୁ ପ୍ରଚାର ବନ୍ଦ ହୋଇଥିଲେ ମଧ୍ୟ କର୍ମୀମାନେ ଘରକୁ ଘର ଯାଇ ଭୋଟର ମାନଙ୍କୁ ପ୍ରାର୍ଥୀଙ୍କ ସମ୍ପର୍କରେ ବୁଝାଉଥିବା ଜଣାଯାଇଛି । ବିଭିନ୍ନ ଛକ ମାନଙ୍କରେ ଭୋଟର ମାନଙ୍କ ମଧ୍ୟରେ ବିଭିନ୍ନ କଳ୍ପନା ଜଳ୍ପନା ଓ ଆରୋପ ପ୍ରତ୍ୟୋରୋପ ଲାଗି ରହିଥିବା ଦେଖିବାକୁ ମିଳିଛି । ଛୋଟ ଛୋଟ ଘଟଣାକୁ ଛାଡିଦେଲେ ବ୍ଲକର କୌଣସି ସ୍ଥାନରେ ବଡଧରଣର ନିର୍ବାଚନୀ ହିଂସା ଦେଖିବାକୁ ମିଳିନାହିଁ ।

# ୨୪ନଂଜୋନ୍ ବେତଗଡିଆରେ ବିଜେଡିର ନିର୍ବାଚନୀ ସଭା



ବାଲିଆପାଳ, ୧୫/୦୨ (ନି.ପ୍ର): ଆଜି ବସ୍ତା ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ୨୪ନଂ ଜୋନ୍ ବେତଗଡିଆ ଗ୍ରାମପଞ୍ଚାୟତରେ ରାଲି ଓ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ବିଜେଡି ଜିଲ୍ଲା ସଭାପତି ତଥା ମାନ୍ୟବର ପୂର୍ବତନ ସାଂସଦ ଶ୍ରୀଯୁକ୍ତ ଇଂ ରବୀନ୍ଦ୍ର କୁମାର ଜେନା ଯୋଗ ଦେଇ ୨୪ ନମ୍ବର ଜୋନର ଦଳୀୟ ଜିଲ୍ଲାପରିଷଦ ପ୍ରାର୍ଥୀ ଶ୍ରୀଯୁକ୍ତ ମନ୍ମଥ ଗିରି, ସମସ୍ତ ସରପଞ୍ଚ, ସମିତିସଭ୍ୟ, ୱାର୍ଡମେମ୍ବର ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ପାଇଁ ପ୍ରଚାର କରିବା ସହ ଭରସାର ଭୋଟ ମାଗିଥିଲେ । ଆପଣଙ୍କ ଭୋଟ ହିଁ ଆପଣଙ୍କ ପଞ୍ଚାୟତକୁ ବିକାଶର ଶିଖରରେ ପହଞ୍ଚାଇବ । ମୋତେ ଆପଣ ଯେମିତି ଭଲପାଇବା ଦେଇଛନ୍ତି, ଦଳୀୟ ପ୍ରାର୍ଥୀଙ୍କୁ ମଧ ସେମିତି ଭଲପାଇବା ଓ ଆର୍ଶୀବାଦ କରିବାକୁ ଶ୍ରୀଯୁକ୍ତ ଜେନା କହିଥିଲେ । କାରଣ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ବିକାଶର ରଥକୁ ଏହିମାନେ ହିଁ ଆପଣଙ୍କ ଅଞ୍ଚଳରେ ଆଗେଇନେବେ ବୋଲି ଶ୍ରୀଯୁକ୍ତ ଜେନା କହିଥିଲେ । ଏହି ସଭାରେ ବସ୍ତା ବିଜେଡି ପର୍ଯ୍ୟବେକ୍ଷକ ଶ୍ରୀଯୁକ୍ତ ରଣଜିତ ମହାପାତ୍ର, ବ୍ଲକ ସଭାପତି ଗୋବିନ୍ଦ ପ୍ରସାଦ ଦାସ,ଦଳୀୟ ନେତୃବୃନ୍ଦ ଯୋଗ ଦେଇଥିଲେ । ପଞ୍ଚାୟତରେ କେମିତି ବିକାଶମୂଳକ କାର୍ଯ୍ୟକୁ ଆଗେଇ ନିଆଯିବ ସେନେଇ ରୋଡମ୍ୟାପ ପ୍ରସ୍ତୁତ ହୋଇଥିଲା ।

# ୧୬ ତାରିଖରେ ୩୫ ପଂଚାୟତର ୪୪୬ ୱାର୍ଡ ଲାଗି ବ୍ୟାପକ ପ୍ରସ୍ତୁତି

ଜଳେଶ୍ୱର, ୧୫/୦୨(ନି.ପ୍ର): ତ୍ରିସ୍ତରୀୟ ପଂଚାୟତ ନିର୍ବାଚନକୁ ଗୋଟିଏ ଦିନ ବାକି ଥିବା ବେଳେ ଜଳେଶ୍ୱର ବ୍ଲକର ୩୫ଟି ପଂଚାୟତର ୪୪୬ ୱାର୍ଡ ନିର୍ବାଚନ ଲାଗି ବ୍ୟାପକ ପ୍ରସ୍ତୁତି ଶେଷ ହୋଇଛି । ୧୬ ତାରିଖ ନିର୍ବାଚନ ହେବାକୁ ଥିବା ବେଳେ ଆଜି ଦୀନକୃଷ୍ଣ କଲେଜରେ ଅସ୍ଥାୟୀ ନିର୍ବାଚନ କାର୍ଯ୍ୟାଳୟରୁ ଭୋଟ କେନ୍ଦ୍ର ଗୁଡିକୁ ସମସ୍ତ ଆସବାପତ୍ର ସହିତ ଅଫିସରମାନଙ୍କୁ ପଠାଯାଇଛି । ୧୬ତାରିଖ ନିର୍ବାଚନକୁ ଶାନ୍ତି ଶୃଙ୍ଖଳାର ସହିତ ଶେଷ କରିବାକୁ ପ୍ରଶାସନୀକ ତତ୍ପରତା ପ୍ରକାଶ ପାଇଛି । ଜଳେଶ୍ୱର ବ୍ଲକରେ ୩୫ଟି ପଂଚାୟତ ରହିଥିବା ବେଳେ ୪୪୬ଟି ୱାର୍ଡ ଲାଗି ୧୧୭୮ ସଦସ୍ୟ/ସଦସ୍ୟା ଆବେଦନ କରିଥିବା ବେଳେ ଶେଷ ପର୍ଯ୍ୟାୟରେ ୧୧୧୧ ଜଣ ନିର୍ବାଚନରେ ଅବତିର୍ଣ୍ଣ ହୋଇଛନ୍ତି । ସେହିପରି ୩୫ଟି ପଂଚାୟତଲାଗି ୧୬୩ଜଣ ନିର୍ବାଚନ ଲଢୁଥିବା ବେଳେ ୧୪୨ଜଣ ସମିତି ସଦସ୍ୟ ଲଢୁଥିବା ଜଣାଯାଇଛି । ଆସନ୍ତା ନିର୍ବାଚନରେ ୧୯୮୯୯୮ଜଣ ଭୋଟର ଭୋଟ ଦେବାକୁ ଥିବାରୁ ଆଜି ୪୪୬ଟି ବୋଥିକୁ ପ୍ରିଜାଇଡିଂ ଅଫିସର, ୮୯୨ଜଣ ପୋଲିଂ ଅଫିସର, ୪୪୬ଜଣ ପୋଲିସ୍ ପଠାଯିବା ସହିତ ସେମାନଙ୍କ ଲାଗି ୩୫ଜଣ ସେକ୍ଟର ଅଫିସର ନିଯୁକ୍ତି କରାଯାଇଛି । ଜରୁରୀ କାଳିନ ଲାଗି ୧୦ ପ୍ରତିଶତ କର୍ମଚାରୀଙ୍କୁ ବ୍ଲକ କାର୍ଯ୍ୟାଳୟରେ ଉପସ୍ଥିତ ରଖାଯାଇଛି । ୨୦ଟି ପଂଚାୟତର ୪୬ଜଣ ୱାର୍ଡ ମେମ୍ବର ବିନା ପ୍ରତିଦ୍ୱନ୍ଦିତାରେ ନିର୍ବାଚିତ ହୋଇଥିବାର ନିର୍ବାଚନ ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ । ଏଥିରେ ୬୧ଟି ୱାର୍ଡ ସମ୍ବେଦନଶୀଳ ଥିବା ବେଳେ ୪ଟି ୱାର୍ଡ ଅତିସମ୍ବେଦନଶୀଳ ରହିଥିବା ସୂଚନା ମିଳିଛି । ୭ନଂ ୱାର୍ଡରେ ବରଡିହା, କଳମା, ଶ୍ୟାମନଗର, ଓଲମରା, ରାଇବଣିଆ, ସର୍ଦ୍ଧାରବନ୍ଧ, କାଳୀକ ଓ ଖୁଆଡ ପଂଚାୟତର ୩୭୩୨୧ ଭୋଟର ଭୋଟ ଦେବେ ବୋଲି ଜଣାଯାଇଛି । ଏହି ପଦବି ଜନଜାତି ମହିଳାଙ୍କ ଲାଗି ସଂରକ୍ଷିତ । ସେଥିରେ ବିଜେଡିରୁ ତୁଳସୀ କିସ୍କୁ (ଶଂଖ), ବିଜେପିରୁ ବିଜେତା ଟୁଡୁ (ପଦ୍ମ), ସ୍ୱାଧିନଭାବେ ମଂଜୁଲତା ସିଂ(ଝୁଲଣା ବିଛଣା) ଓ କଂଗ୍ରେସରୁ ମାଣିକ ମାରାଣ୍ଡି (ହାତ) ଲଢୁଥିବାର ଜଣାଯାଇଛି । ଏ ସବୁ ପଂଚାୟତ ରାଇବଣିଆ ଥାନା ଅନ୍ତର୍ଗତ ଅଟେ । ଏ ସବୁ ପଂଚାୟତ ଆଦିବାସୀ ଅଧ୍ୟୁସୀତ ତଥା କେତେକ ୱାର୍ଡ ପଶ୍ଚିମବଂଗ ସୀମାକୁ ଲାଗି ରହିଛି । ୮ନଂ ଜୋନ୍ ମଧ୍ୟରେ ଲକ୍ଷ୍ମଣନାଥ, ଗୋବରଘଟା, ଚମାରର୍ଗା, ଦକ୍ଷିଣପ୍ରହରାଜପୁର, ଶ୍ରୀରାମପୁର, ମାକିଡିଆ, ଖୁଦିଆମାଝୀସାହି, ଶିଖରପୁର ପଂଚାୟତର ୩୯୪୦୪ ଭୋଟର ମତସାବ୍ୟସ୍ତ କରିବେ । ୮ନଂ ଜୋନ୍‌ଟି ଜନଜାତି ପୁରୁଷଙ୍କ ଲାଗି ସଂରକ୍ଷିତ । ଏଠାରେ ବିଜେଡିରୁ ଗୌରାଙ୍ଗ ସିଂ (ଶଂଖ), କମ୍ୟୁନିଷ୍ଟରୁ ପୂର୍ଣ୍ଣଚନ୍ଦ୍ର ସିଂ(ଦା ହାତୁଡି ତାରା), ସ୍ୱାଧିନରୁ ରାଜକିଶୋର ହାଁସଦା (ବାଳକବାଳିକା), ବିଜେପିରୁ ରାଜେନ୍ଦ୍ର ନାଥ ସିଂ (ପଦ୍ମ) ଓ କଂଗ୍ରେସରୁ ସରାଇ ସରେନ୍ (ହାତ) ନିର୍ବାଚନ ଲଢୁଛନ୍ତି । ଉପରୋକ୍ତ ପଂଚାୟତ ମଧ୍ୟରୁ ବହୁ ଗୁଡିଏ ସୁବର୍ଣ୍ଣରେଖା ନଦୀକୂଳରେ ଅବସ୍ଥିତ । ସମସ୍ୟା ଜର୍ଜରିତ ଏହି ପର୍ଂଚାୟତ ଲାଗି ପ୍ରତିଯୋଗିତା ଜୋରଦାର । ୯ନଂ ଜୋନ୍‌ଟି ନଛିମପୁର, ଆରୁହା, ଗୋପିମୋହନପୁର, ନେତୁଆ, ସୁଗୋ, ରାଜପୁର, ମହମ୍ମଦନଗରପାଟଣା, ରାୟାଁରାମଚନ୍ଦ୍ରପୁର ଓ କୋଟ ସାହିତର ୪୦୭୭୭ଜଣ ଭୋଟର ସେମାନଙ୍କ ନେତା ନିର୍ବାଚନ କରିବେ । ଏହି ପଦବୀଟି ଅଣସଂରକ୍ଷିତ ମହିଳାଙ୍କ ଲାଗି ହୋଇଥିବାରୁ ବିଜେଡିରୁ ଅନୁସୂୟା ପ୍ରଧାନ (ଶଂଖ), କଂଗ୍ରେସରୁ ଅଂଜଳୀ ବେହେରା (ହାତ), ଜେଏମ୍‌ଏମ୍‌ରୁ କବିତା ବାରିକ (ଧନୁତୀର), କମ୍ୟୁନିଷ୍ଟରୁ କୁନିମଣି ଦାସ (ଦାହାତୁଡି ତାରା), ବିଜେପିରୁ ମାଧବିକା ଜେନା (ପଦ୍ମ) ଓ ସ୍ୱାଧିନରୁ ସ୍ମୃତିରେଖା ପାଣିଗ୍ରାହି(ଖଟ ଝୁଲଣା ବିଛଣା) ନିର୍ବାଚନ ରଣାଙ୍ଗନରେ ଅବତିର୍ଣ୍ଣ । ଏହି ପଂଚାୟତ ଗୁଡିକରେ ଜଳ ନିଷ୍କାସନ ସମସ୍ୟାଭାବେ ଦେଖା ଦେଇଆସିଛି । ୧୦ନଂ ଜୋନଟି ନାମ୍ପୋ, ସମ୍ପଡିଆ, ପାଇକସିଦା, ଗଡସାହି ବାଲିଆପାଳ, ପଶ୍ଚିମବାର୍ଡ, ବାଇଗଣବାଡିଆ, ଝାଡପିମ୍ପଳ, ଖାଲିନା, ବର୍ଦ୍ଧନା ଓ ଖୁଲୁଡା ପଂଚାୟତର ୪୦୪୯୬ ଭୋଟର ସେମାନଙ୍କ ମତ ସାବ୍ୟସ୍ତ କରିବେ । ଏଥିରେ କଂଗ୍ରେସରୁ ଆଶାଲତା ଜେନା (ହାତ), ବିଜେପିରୁ କନକଲତା ଜେନା (ପଦ୍ମ), ସ୍ୱାଧିନରୁ ଜୟନ୍ତୀ ଜେନା, (ଖଟ ଛୁଲୁଥିବା ବିଛଣା) ଅନ୍ୟ ଜଣେ ସ୍ୱାଧିନରୁ ମଂଜୁଲତା ଜେନା(ବାଲଟି), ବିଜେଡିରୁ ମିନତୀ ରାଣୀ ଜେନା (ଶଂଖ), ସିପିଏମ୍‌ରୁ ସସ୍ମିତା ମୁଖୀ (ଦାହାତୁଡିତାରା) ନିର୍ବାଚନରେ ଲଢୁଛନ୍ତି ।

# ଏୟାରଷ୍ଟ୍ରିପ୍‌କୁ ଏନଓସି ପାଇଁ କେନ୍ଦ୍ରକୁ ଚିଠି ଲେଖିଲେ ମୁଖ୍ୟ ସଚିବ

ଭୁବନେଶ୍ୱର, ୧୫/୦୨ (ନି.ପ୍ର): ଅମର୍ଦ୍ଦାରୋଡ ଏୟାରଷ୍ଟ୍ରିପ୍ କୁ ଏନଓସି ପ୍ରଦାନ ନେଇ ପ୍ରତିରକ୍ଷା ମନ୍ତ୍ରାଳୟକୁ ଚିଠି ଲେଖିଛନ୍ତି ମୁଖ୍ୟ ଶାସନ ସଚିବ । ମୟୂରଭଂଜ ଜିଲ୍ଲା ରାସଗୋବିନ୍ଦପୁର ନିକଟ ଅମର୍ଦ୍ଦାରୋଡ ଏୟାରଷ୍ଟ୍ରିପ୍ କୁ ଡିଆରଡିଓ ପକ୍ଷରୁ ଏନ୍‌ଓସି ମିଳିନଥିବାରୁ ଏୟାରଷ୍ଟ୍ରିପ୍ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ । ଏନେଇ ନେଇ ରାଜ୍ୟ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଭାରତ ସରକାରଙ୍କ ପ୍ରତିରକ୍ଷା ମନ୍ତ୍ରାଳୟ ସଚିବ ଡ. ଅଜୟ କୁମାରଙ୍କୁ ପତ୍ର ଲେଖିଛନ୍ତି । ଶ୍ରୀ ମହାପାତ୍ର ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ଆରସିଏସ୍-ଉଡ଼ାନ୍ ଯୋଜନାରେ ଭୁବନେଶ୍ୱର-ଅମର୍ଦ୍ଦାରୋଡ ମଧ୍ୟରେ ବିମାନ ଚଳାଇବା ସାମିଲ୍ ହୋଇସାରିଛି । ଏକ ଘରୋଇ କଂପାନି ସପ୍ତାହର ସାତ ଦିନ ୯ସିଟ୍ ବିଶିଷ୍ଟ ଏକ ବିମାନ ପରିଚାଳନା କରିବାକୁ ମଧ ପ୍ରସ୍ତୁତ ଅଛି । ଶ୍ରୀ ମହାପାତ୍ର ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଉତର ଓଡ଼ିଶା ସହିତ ବିମାନ ଯୋଗାଯୋଗ ନଥିବାରୁ ରାସଗୋବିନ୍ଦପୁର ନିକଟ ଅମର୍ଦ୍ଦାରୋଡ ଏୟାରଷ୍ଟ୍ରିପ୍ ର ନିର୍ମାଣ ଓ ଏହାର କାର୍ଯ୍ୟକ୍ଷମ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ । ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ପର୍ଯ୍ୟଟନ ବିଭାଗର ଉନ୍ନତି ହୋଇପାରିବ । ଶିମିଳିପାଳ ଜାତୀୟ ଉଦ୍ୟାନ, କୁଳଡିହା ଅଭୟାରଣ୍ୟ, ଚାନ୍ଦିପୁର, ତଳସାରି ବେଳାଭୂମିକୁ ପର୍ଯ୍ୟଟକଙ୍କ ସଂଖ୍ୟା ଅଧିକ ବଢ଼ିବ । ସେହିପରି ଏହି ଅଂଚଳର ଆର୍ଥିକ ବିକାଶ, ରୋଜଗାର ଓ ରାଜସ୍ୱ ବୃଦ୍ଧି ହେବ ।

# ଶ୍ରମିକ ନେତା ଯୋଗେନ୍ଦ୍ର ତ୍ରିପାଠୀଙ୍କ ବିୟୋଗରେ ଏଚ୍‌ଏମ୍‌ଏସ୍ ପକ୍ଷରୁ ସ୍ମୃତିସଭା



ବ୍ରହ୍ମପୁର,୧୫/୦୨ (ନି.ପ୍ର): ଭାରତର ଅଗ୍ରଣୀ ଶ୍ରମିକ ସଂଗଠନ ହିନ୍ଦ୍ ମଜଦୁର ସଭା (ଏଚ୍‌ଏମ୍‌ଏସ୍) ପକ୍ଷରୁ ବିଶିଷ୍ଟ ଶ୍ରମିକ ନେତା ତଥା ଏଚଏମଏସର ସାଧାରଣ ସମ୍ପାଦକ, ମେଡିକାଲ କର୍ମଚାରୀ ସଂଘର କାଯର୍ୟକାରୀ ସଭାପତି ଯୋଗେନ୍ଦ୍ର ତ୍ରିପାଠୀଙ୍କ ବିୟୋଗରେ ଏକ ସ୍ମୃତିସଭା ସ୍ଥାନୀୟ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ଥିବା ବିଶ୍ୱନାଥ ପଣ୍ଡିତ ଭବନ ଠାରେ ଏଚଏମଏସ୍‌ର ରାଜ୍ୟ ଉପସଭାପତି ତଥା ମେଡିକାଲ କର୍ମଚାରୀ ସଂଘର ଉପଦେଷ୍ଟା ରବି ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ସ୍ୱର୍ଗତ ତ୍ରିପାଠୀଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଉପଦେଷ୍ଟା ଶ୍ରୀ ରଥ ଯୋଗେନ୍ଦ୍ର ବାବୁଙ୍କ ଶ୍ରମିକଙ୍କ ପାଇଁ ରହିଥିବା ବିଭିନ୍ନ ଅବଦାନ ସମ୍ପର୍କରେ ଆଲୋକପାତ କରି ନିର୍ମାଣ ଶ୍ରମିକ, ମେହନ୍ତର, ମେଡିକାଲ ଓ ବିଡ଼ି ଶ୍ରମିକଙ୍କ ସ୍ୱାର୍ଥରକ୍ଷା ପାଇଁ ଆଜୀବନ ସଂଗ୍ରାମ କରିଥିଲେ ବୋଲି କହିଥିଲେ । ଅନ୍ୟମାନଙ୍କ ମଧରେ ରାଜ୍ୟ ମେଡିକାଲ କର୍ମଚାରୀ ସଂଘର ଉପସଭାପତି ସୁକାନ୍ତ ମୁଖୀ, ରାଜ୍ୟ ଯୁଗ୍ମ ସମ୍ପାଦକ ରବିନ୍ଦ୍ର ନାୟକ, ଏମକେସିଜି ମେଡିକାଲ କଲେଜ ଶାଖାର ସମ୍ପାଦକ ରାଜୁ ଚିନ୍ନା, ଗଞ୍ଜାମ ଜିଲା ମେଡିକାଲ କର୍ମଚାରୀ ସଂଘ ସାଧାରଣ ସମ୍ପାଦିକା ରେଣୁପ୍ରିୟା ପାତ୍ରୀ, ମେଡିକାଲ କର୍ମଚାରୀ ସଂଘ ଉପଦେଷ୍ଟା ଲାଲୁମୋହନ ବେହେରା, ଏଚଏମ୍‌ଏସ୍‌ର ବ୍ରହ୍ମପୁର ଆବାହକ ତଥା ଦଳିତ ସଂଗଠନ ସଭାପତି ପଦ୍ମଚରଣ ନାୟକ, କେଶବ ନାୟକ, ସାମ୍ବାଦିକ ପବିତ୍ର କୁମାର ଚୌଧୁରୀଙ୍କ ପ୍ରମୁଖ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ ।

## ବିଧାନ ପରିଷଦ ପ୍ରସଙ୍ଗରେ କେନ୍ଦ୍ରକୁ ଦୁଇଟି ଚିଠି ଲେଖିଲେ ବାଚସ୍ପତି

ଭୁବନେଶ୍ୱର, ୧୫/୦୨ (ନି.ପ୍ର): ଓଡିଶା ବିଧାନସଭା ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ବିଧାନ ପରିଷଦ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ନିକଟକୁ ଦୁଇଟି ଚିଠି ଲେଖିଛନ୍ତି । ମିଳିଥିବା ସୂଚନା ଅନୁସାରେ ପ୍ରଥମ ଚିଠିରେ ୨୦୧୮ରେ ଦିଆଯାଇଥିବା ସମସ୍ତ ତଥ୍ୟକୁ ସଲଗ୍ନ କରି ପଠାଯାଇଛି । ସେହିପରି ଶ୍ରୀ ପାତ୍ର ଦ୍ୱିତୀୟ ଚିଠିଟି କେନ୍ଦ୍ର ଆଇନ ମନ୍ତ୍ରୀଙ୍କୁ ଲେଖିଛନ୍ତି । ଏଥି ୨୦୧୮ରେ ବିଧାନସଭା ପକ୍ଷରୁ ଦିଆଯାଇଥିବା ଚିଠି କିପରି ପହଂଚିନାହିଁ ସେ ସଂକ୍ରାନ୍ତରେ ଅନୁଧାନ କରିବା ପାଇଁ ଦ୍ୱିତୀୟ ଚିଠିରେ ବାଚସ୍ପତି କେନ୍ଦ୍ର ଆଇନ ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି । ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ ରାଜ୍ୟସଭାରେ ବିଜେଡି ସାଂସଦ ପ୍ରସନ୍ନ ଆଚାର୍ଯ୍ୟଙ୍କ ପ୍ରଶ୍ନର ଲିଖିତ ଉତରରେ କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରୀ କିରେନ ରିଜଜୁ କହିଥିଲେ, ବିଧାନ ପରିଷଦ ଗଠନ ପାଇଁ ଓଡ଼ିଶା ସରକାରଙ୍କ ଠାରୁ କୌଣସି ପ୍ରସ୍ତାବ ଆସିନାହିଁ । କିନ୍ତୁ ଏ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ ଠାରୁ ସୂଚନା ସଂଗ୍ରହ ଚାଲିଛି ।

# ବିଷ୍ଣୁପୁରରେ ସୁବାସିନୀଙ୍କ ମାରାଥନ ପ୍ରଚାର



ବାଲିଆପାଳ, ୧୫/୦୨ (ନି.ପ୍ର): ବାଲିଆପାଳ ବ୍ଲକ ବିଷ୍ଣୁପୁର ଗ୍ରାମପଞ୍ଚାୟତରେ ରାଲି ଓ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି । ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ମାରାଥନ ପ୍ରଚାରରେ ରାଜ୍ୟ ବିଜୁ ମହିଳା କାର ?ୟ୍ୟକାରୀ ସଭାପତି ଶ୍ରୀମତୀ ସୁବାସିନୀ ଜେନା ଅଂଶ ଗ୍ରହଣ କରି ୨୩ ନମ୍ବର ଜୋନର ଦଳୀୟ ଜିଲ୍ଲା ପରିଷଦ ପ୍ରାର୍ଥୀ ଶ୍ରୀଯୁକ୍ତ ବେଣୁଧର ଜେନା, ସରପଞ୍ଚ ପ୍ରାର୍ଥୀ ଶ୍ରୀଯୁକ୍ତ ମହେଶ୍ୱର ଜେନା, ସମିତି ସଭ୍ୟ ପ୍ରାର୍ଥୀ ଶ୍ରୀଯୁକ୍ତ ଅଜୟ ମାହାନାଙ୍କ ପାଇଁ ଭୋଟ ମାଗିଥିଲେ । ଆଉ ଏକସ୍ୱରରେ ବିଜେଡିର ବିଜୟ ନିଶ୍ଚିତ ବୋଲି ପଞ୍ଚାୟତବାସୀ କହିଥିଲେ । ପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତି ପାଇଁ ଯାହା ଆବଶ୍ୟକ ସେଥିରେ ସହଯୋଗ କରିବାକୁ ଶ୍ରୀମତୀ ଜେନା ପ୍ରତିଶୃତି ଦେଇଥିଲେ । ଏହି ସଭାରେ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ,ବିଜୁ କୃଷକ ଜନତା ଦଳ ଜିଲ୍ଲା ସଭାପତି ଅଜୟ କୁମାର ସାମଲ,ବିଜୁ ଛାତ୍ର ଜନତା ଦଳ ଜିଲ୍ଲା ସଭାପତି ୨୩ ନମ୍ବର ଜୋନ୍ ପର ?ୟ୍ୟବେକ୍ଷକ ସୀମନ ଦାସ ମହାପାତ୍ର, ବରିଷ୍ଠ ନେତା ଭାସ୍କର ଚନ୍ଦ୍ର ସାହୁ ପ୍ରମୁଖ ବହୁ ବରିଷ୍ଠ ନେତୃବୃନ୍ଦ ଓ କର୍ମୀମାନେ ଉପସ୍ଥିତ ଥିଲେ ।

## ହସ୍ପିଟାଲ ରେଟ୍ ଦେଖିଲେ, ଓ଼ଡିଶା ଭଲ ସ୍ଥିତିରେ ଅଛି -ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୧୫/୦୨ (ନି.ପ୍ର): ହସ୍ପିଟାଲ ରେଟ ଦେଖିଲେ ଓଡିଶା ଭଲ ସ୍ଥିତିରେ ରହିଛି । ରାଜ୍ୟ ଖୁବ ଶୀଘ୍ର ବିପଦ ଜୋନ୍‌ରୁ ବାହାରିଯିବା । ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଯେଉଁମାନେ ହସ୍ପିଟାଲକୁ ଅସ୍ତ୍ରୋପଚାରୁ ଲାଗି ଆସୁଛନ୍ତି । ସେମାନଙ୍କର ଲକ୍ଷଣ ନଥିଲେ ଟେଷ୍ଟ କରିବାର ଆବଶ୍ୟକତା ନାହିଁ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ, କେନ୍ଦ୍ର ସରକାର ଯେଉଁ ଗାଇଡ୍‌ଲାଇନ ଦେଇଛନ୍ତି, ସେହି ଅନୁସାରେ ଜିଲ୍ଲାକୁ ନିର୍ଦ୍ଦେଶ ଦିଆଯାଉଛି । ସେ କହିଛନ୍ତି ଯେ କୋଭିଡ ମୃତ୍ୟୁ ସଂଖ୍ୟା ମଧ ଧୀରେ ଧୀରେ ଧୀରେ କମିବ । ପୂର୍ବ ମୃତ୍ୟୁଗୁଡ଼ିକର ଅଡ଼ିଟ କରି ମୃତ୍ୟୁ ସଂଖ୍ୟା ପ୍ରକାଶ କରାଯାଉଛି । ଏବେ ସଂକ୍ରମଣ କମୁଛି । ଆଉ କିଛି ଦିନରେ ମୃତ୍ୟୁ ସଂଖ୍ୟା ବି କମିଯିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି ।

# ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ କୁମାର କଂଗ୍ରେସରୁ ଇସ୍ତଫା ଦେଲେ

ନୂଆଦିଲ୍ଲୀ, ୧୫/୦୨ : କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ କୁମାର ମଙ୍ଗଳବାର ଦିନ ପାର୍ଟିରୁ ଇସ୍ତଫା ଦେଇଛନ୍ତି । ଅଶ୍ୱିନୀ କୁମାର ଦଳର ସଭାପତି ସୋନିଆ ଗାନ୍ଧୀଙ୍କୁ ଲେଖିଥିବା ଏକ ପତ୍ରରେ ଲେଖିଛନ୍ତି ଯେ, ସମଗ୍ର ବିଷୟକୁ ଗମ୍ଭୀରତାର ସହ ବିଚାର କରିବା ପରେ ସେ ନିଷ୍ପତି ନେଇଛନ୍ତି ଯେ, ବର୍ତମାନ ପରିସ୍ଥିତିରେ ତାଙ୍କ ସମ୍ମାନ ଅନୁଯାୟୀ ସେ ଦଳ ବାହାରେ ବୃହତ ଜାତୀୟ ସ୍ୱାର୍ଥର ସେବା କରିପାରିବେ । ସେ ଆହୁରି ମଧ୍ୟ କହିଛନ୍ତି ଯେ, ୪୬ ବର୍ଷର ଦୀର୍ଘ ମିଳନ ପରେ ସେ ବର୍ତମାନ ଜନସାଧାରଣଙ୍କ ସ୍ୱାର୍ଥରେ ଭଲ ଭାବରେ କାର୍ଯ୍ୟ କରିବାକୁ ସମର୍ଥ ହେବେ । କଂଗ୍ରେସ ଦଳ ପାଇଁ ଏହା ଏକ ବଡ଼ ଝଟକା ବୋଲି ବିବେଚନା କରାଯାଏ । ବିଶେଷ କରି ଏକ ସମୟରେ ଯେତେବେଳେ ପଂଜାବରେ ନିର୍ବାଚନ ହେବାକୁ ଯାଉଛି, ଅଶ୍ୱିନୀ କୁମାର କଂଗ୍ରେସ ସଭାପତି ସୋନିଆ ଗାନ୍ଧୀଙ୍କ ସହ ଘନିଷ୍ଠ ହୋଇ ଜି-୨୩ ନେତାଙ୍କ କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନ ଉଠାଇ ଦଳକୁ ରକ୍ଷା କରିଛନ୍ତି ।

# ମଧୁପୁରା ପଂଚାୟତ ମାର୍କେଟ କମ୍ପଲେକ୍ସ ଘର ନିର୍ମାଣ ସହ ବଣ୍ଟନରେ ବ୍ୟାପକ ଦୁର୍ନୀତି

ବାଲିଆପାଳ, ୧୫/୦୨ (ନି.ପ୍ର): ବାଲିଆପାଳ ବ୍ଲକ ଆନ୍ତର୍ଗତ ମଧୁପୁରା ପଂଚାୟତ ରେ ନିର୍ମାଣଧିନ ମାର୍କେଟ କମ୍ପଲେକ୍ସ ଘର ନିର୍ମାଣ ସାଙ୍ଗକୁ ଏହାକୁ ବେଆଇନ ଭାବେ ବଣ୍ଟନ କରାଯାଇଥିବା ନେଇ ବାଲିଆପାଳ ସୂଚନା ଅଧିକାର ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି । ବର୍ତ୍ତମାନ ନିର୍ବାଚନ ଆଚରଣ ବିଧି ଲାଘୁ ହୋଇଥିବା ବେଳେ ଅର୍ଦ୍ଧନିର୍ମିତ ଘରକୁ ବେଆଇନ ଭାବେ ଲକ୍ଷାଧିକ ଟଙ୍କା ଲାଞ୍ଚ ନେଇ ଦୋକାନଘରଗୁଡିକୁ ଦିଅଯାଉଛି । ବର୍ତ୍ତମାନ ଭୋଟ ସମୟରେ ନିର୍ବାଚନ ଆଚାରଣ ବିଧିକୁ ଖୋଲା ଖୋଲି ଉଲଂଘନ କରି ଏପରି କାର୍ଯ୍ୟ କରୁଥିଲେ ବି ପ୍ରଶାସନ ନୀରବତା ଅବଲମ୍ବନ କରୁଛି । ମଧୁପୁରା ଗ୍ରାମପଂଚାୟତରେ ସାପ୍ତାହିକ ସିମୁଳିଆ ହାଟର ମାଛ ମାର୍କେଟଠାରେ ଦୁଇଟି ମାର୍କେଟ କମ୍ପଲେକ୍ସ ରେ ୧୩ଟି ଦୋକାନଘର ର ନିର୍ମାଣ କାର୍ଯ୍ୟ ଏବେ ଚାଲିଛି । କାମ ପୂର୍ଣ୍ଣାଙ୍ଗ ହୋଇନଥିବା ବେଳେ ପଂଚାୟତ ର ଭିଏଲଡବ୍ଲ୍ୟୁ ଏହି ଘର ଗୁଡିକୁ ବେଆଇନ ଭାବେ ବଣ୍ଟନ କରୁଛନ୍ତି ।ଘର ନେଉଥିବା ଲୋକଙ୍କ ଠାରୁ ଲକ୍ଷାଧିକ ଟଙ୍କା ନେଇଥିବା ଜଣାଯାଇଛି । ତେବେ କେଉଁ ଆଧାରରେ ଘର ଗୁଡିକ ବଂଟନ କରାଯାଉଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସାଧାରଣତ ବେକାର ଯୁବକ ଯୁବତୀଙ୍କୁ ସ୍ୱାବଲମ୍ବୀ ହେବା ପାଇଁ ସରକାରଙ୍କ ନିୟମ ଅନୁସାରେ ଏମାନଙ୍କୁ ଘର ବଂଟନ କରାଯିବା କଥା । ଏଥିପାଇଁ ବ୍ଲକ ତରଫରୁ ଏକ ଚୟନ କମିଟି ଗଠିତ ହୋଇ ଯୋଗ୍ୟ ଆବେଦନ କାରୀମାନଙ୍କୁ ଘର ଗୁଡିକ ବଂଟନ କରିବା ର ନିୟମ ରହିଛି । ଏ ସଂପର୍କରେ ସୂଚନା ଅଧିରକାରର ସଂଘ ପକ୍ଷରରୁ ତଥ୍ୟ ମଗାଯାଇଥିଲେ ମଧ କୌଣସି ତଥ୍ୟ ଦିଆଯାଉ ନାହିଁ । ସେହିପରି ମଧୁପୁରା ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟାପକ ଦୁର୍ନିତି ହୋଇଥିବା ସଂଘ ଅଭିଯୋଗ କରିଛି । ଏ ସଂପର୍କରେ ଜିଲାପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଲିଆପାଳ ସୂଚନା ଅଧିକାର ଅଭିଯାନର ସଭାପତି ଅନୁଜ କୁମାର ମହାପାତ୍ର, ଶରତ କୁମାର ପାତ୍ର, ଗୋପୀନାଥ ଗଙ୍ଗାଇ, ଅକ୍ଷୟ ଦାସ, ଦେବେନ୍ଦ୍ର ଦାସ ପ୍ରମୁଖ ବିଡିଓ, ଜିଲ୍ଲାପାଳ,ରାଜ୍ୟ ନିର୍ବାଚନ ଅଧିକାରୀ ପ୍ରମୁଖଙ୍କୁ ଲେଖି ଜଣାଇଛନ୍ତି । ତେବେ ଭିଏଲ ଡବ୍ଲ୍ୟ ବବଲୁ ହାଂସଦା ଘଘର ବଣ୍ଟନ ବିଷୟରେ ଆଦୌ ଜାଣିନଥିବା କହିଛନ୍ତି । ଏ ବାବଦରେ ବାଲିଆପାଳ ବିଡିଓ ଲଳିତ ସୋରେଙ୍ଗ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି ।

# ଜିଲ୍ଲା ସ୍ତରୀୟ ଆନ୍ତଃ କ୍ଲବ କ୍ରିକେଟ ଲିଗ



ବାରିପଦା, ୧୫/୦୨ (ନି.ପ୍ର): ବାରିପଦା ଷ୍ଟାଡିୟମ ପଡିଆରେ ଓଡିଶା କ୍ରିକେଟ ଆସୋସିଏସନ ଓ ମୟୁରଭଞ୍ଜ ଏଥଲେଟିକ ଆସୋସିଏସନର ମିଳିତ ସହଯୋଗରେ ଜିଲ୍ଲା ସ୍ତରୀୟ ଆନ୍ତଃ କ୍ଲବ କ୍ରିକେଟ ଲିଗର ଆଜିର ମ୍ୟାଚରେ ଡ଼ିଆରକେ (ବି) ଟିମ, ଷ୍ଟେସନ ଏଥଲେଟିକ ଆସୋସିଏସନ ଟିମକୁ ଆଠ ଉଇକେଟରେ ପରାସ୍ତ କରିଛି ଓ ପ୍ରଥମେ ବ୍ୟାଟିଂ କରି ଷ୍ଟେସନ ଏଥଲେଟିକ ଆସୋସିଏସନ ୩୮.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୪୮ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ଶୁଭ୍ର ରଞ୍ଜନ ପତି ୩୧ ରନ ଓ ଚନ୍ଦନ ପାତ୍ର ୨୯ ରନ କରିଥିବା ବେଳେ ବିପକ୍ଷ ଦଳର ସଞ୍ଜୟ ସିଂହ ୩ ଟି, ଦିବ୍ୟ ରଞ୍ଜନ ଦାସ ଓ ସୁବ୍ରତ ସିଂହ ୨ ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ ଓ ଉତରରେ ଡ଼ିଆରକେ (ବି) ଦଳ ୧୮.୧ ଓଭରରେ ମାତ୍ର ଦୁଇଟି ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲେ । ଦଳ ପକ୍ଷରୁ ଦିବ୍ୟ ରଞ୍ଜନ ଦାସ ୬୨ ରନ ଓ ଉପେନ୍ଦ୍ର ନାୟକ ୫୦ ରନ କରିଥିବା ବେଳେ ବିପକ୍ଷ ଦଳର ନିହାର ରଞ୍ଜନ ନାୟକ ଦୁଇଟି ସାରା ଉଇକେଟ ଅକ୍ତିଆର କରିଥିଲେ । ଦିବ୍ୟ ରଞ୍ଜନ ଦାସ ମ୍ୟାନ ଅଫ ମ୍ୟାଚ ବିବେଚିତ ହୋଇଛନ୍ତି । ଆଜିର ଖେଳକୁ ଜଗଦୀଶ ମହାକୁଡ଼ ଓ ଅମିତାଭ ପଟ୍ଟନାୟକ ପରିଚାଳନା କରିଥିବା ବେଳେ ସସ୍ମିତ ମହାରଣା ସ୍କୋରିଙ୍ଗରେ ସହାୟତା କରିଥିଲେ । ଆଜିର ଖେଳକୁ ସହକାରୀ କୃଷି ନିର୍ଦ୍ଦେଶକ ମନୋଜ କୁମାର ଚାନ୍ଦ ଓ କ୍ରୀଡା ପ୍ରଶିକ୍ଷକ ସତ୍ୟ ନାରାୟଣ ବାରିକ । ବରିଷ୍ଠ ସଦସ୍ୟ ଉମେଶ ସାହୁ ଉଦଘାଟନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଆସୋସିଏସନର ଉପ ସଭାପତି ମନୋଜ କୁମାର ସାଓ, ବିବେକାନନ୍ଦ ପଟ୍ଟନାୟକ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, କ୍ରିକେଟ ସହ ସମ୍ପାଦକ ପ୍ରସଂଜିତ ମହାନ୍ତି, ସହ ସମ୍ପାଦକ ବୈଦ୍ୟନାଥ ରଥ ଓ ଅଶୋକ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଆସନ୍ତା କାଲି ବିଜେଏମସିସି ଓ ମାଆ (ଗ୍ରୀନ) ମଧରେ ଖେଳ ଅନୁଷ୍ଠିତ ହେବ ବୋଲି କ୍ରିକେଟ ସହ ସମ୍ପାଦକ ହର ପ୍ରସାଦ ପାତ୍ର ଜଣାଇଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Managing & Executive Editor : Srustidhar Parida
❒ Editor: Sairindhree Sahoo